୬ ୩-୦ରେ ସିରିଜ୍ କ୍ଲିନ୍ ସୁଇପ୍ କଲା ଭାରତ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00

# ସମ୍ବାଦ କଳିକା

E-mail : sambadkalikanews@gmail.com
The Sambad Kalika

● ବର୍ଷ–୩୨ ● ସଂଖ୍ୟା–୧୮ ● ୧୩ ଫେବୃଆରୀ ୨୦୨୫, ଗୁରୁବାର ● ଭୁବନେଶ୍ୱର ● Vol -32 ● Issue-18 ● 13th February 2025, Thursday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

# ଆଜିଠୁ ସପ୍ତଦଶ ବିଧାନସଭାର ବଜେଟ୍ ଅଧିବେଶନ

- ସର୍ବଦଳୀୟ ବୈଠକରେ ସହଯୋଗ ଲୋଡିଲେ ବାଚସ୍ପତି
- ବିଧାନସଭା ହେଲା ଡିଜିଟାଇଜ୍ଡ



**ଭୁବନେଶ୍ୱର,୧୨/୨**
**ନ୍ୟୁଜ ବ୍ୟୁରୋ**

ଗୁରୁବାର ଠାରୁ ଆରମ୍ଭ ହେଉଛି ସପ୍ତଦଶ ଓଡ଼ିଶା ବିଧାନସଭାର ଦ୍ୱିତୀୟ ତଥା ମୋହନ ଚରଣ ମାଝୀ ସରକାରଙ୍କ ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟ୍ ଅଧିବେଶନ। ଏହି ଅଧିବେଶନକୁ ସୁରୁଖୁରୁରେ ସମ୍ପନ୍ନ କରିବା ନେଇ ବାଚସ୍ପତି ସୁରମା ପାଢୀ ସବୁଦଳର ସହଯୋଗ କାମନା କରିଛନ୍ତି। ଏଥି ପାଇଁ ବୁଧବାର ସର୍ବଦଳୀୟ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ଅନ୍ୟପକ୍ଷରେ ବଜେଟ ଅଧିବେଶନ ପରିପ୍ରେକ୍ଷୀରେ ଶାସକ ଏବଂ ବିରୋଧି ବିଜେଡି ଓ କଂଗ୍ରେସ ବିଧାୟକ ଦଳର ପୃଥକ ପୃଥକ ବୈଠକରେ ରଣନୀତି ଚୂଡାନ୍ତ କରାଯାଇଛି। ସେହିପରି ବଜେଟ୍ ଅଧିବେଶନର ଅବ୍ୟବହିତ ପୂର୍ବରୁ ବୁଧବାର ବିଧାନସଭାକୁ ଡିଜିଟାଇଜ କରାଯାଇଛି। ନେଭା ପକ୍ଷରୁ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି। 'ଡିଜିଟାଲ ହାଉସ'ର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବାଚସ୍ପତି ସୁରମା ପାଢୀଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓଡ଼ିଶା ବିଧାନସଭାରେ ଜାତୀୟ ଇ-ବିଧାନ ଆପ୍ଲିକେସନ ଅଧୀନରେ 'ଡିଜିଟାଲ ହାଉସ'ର ଶୁଭାରମ୍ଭ କରିଛନ୍ତି। ଚଳିତ ବଜେଟ୍ ଅଧିବେଶନ କାଳରେ ମୋଟ ୨୮ ଟି କାର୍ଯ୍ୟ ଦିବସ ରହିବ ବୋଲି ସୂଚନା ଦେଇଛନ୍ତି ବାଚସ୍ପତି ଶ୍ରୀମତୀ ପାଢୀ। ପ୍ରଥମ ଦିନରେ ଅର୍ଥାତ୍ ଗୁରୁବାର ପୂର୍ବାହ୍ନ ୧୧ଟାରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତି ବିଧାନସଭାରେ (ପୃଷ୍ଠା ୭ରେ)

# ବିଧାନସଭା ସୁରକ୍ଷା ଦାୟିତ୍ୱରେ ୩୦ ପ୍ଲାଟୁନ୍ ଫୋର୍ସ



**ଭୁବନେଶ୍ୱର, ୧୨/୨**
**ନ୍ୟୁଜ ବ୍ୟୁରୋ**

ଗୁରୁବାରଠାରୁ ସପ୍ତଦଶ ବିଧାନସଭାର ଦ୍ୱିତୀୟ ତଥା ବଜେଟ ଅଧିବେଶନ ଆରମ୍ଭ ହେଉଛି। ଏହାର ଅବ୍ୟବହିତ ପୂର୍ବରୁ ବୁଧବାର ବିଧାନସଭାର ବାହାର ଓ ଭିତର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛନ୍ତି ପୋଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ। ଯାଞ୍ଚ ସମୟରେ ପୋଲିସ କମିଶନର ଏସ୍ ଦେବଦତ୍ତ ସିଂ, ଭୁବନେଶ୍ୱର ଡିସିପି ପିନାକ ମିଶ୍ରଙ୍କ ସମେତ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ପୋଲିସ କମିଶନର ଶ୍ରୀ ସିଂ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଅଧିବେଶନ ସମୟରେ ବିଧାନସଭାର ସୁରକ୍ଷା ପାଇଁ ମୁତୟନ ହେବେ ୩୦ ପ୍ଲାଟୁନ ପୋଲିସ ଫୋର୍ସ। ଦାୟିତ୍ୱରେ ରହିବେ ୧୦୦ ପୋଲିସ ଅଫିସର। ସ୍ପେଶାଲ ଟାକଟିକାଲ ୟୁନିଟ, ରୁଫ ଟପ ସିକ୍ୟୁରିଟି, ଡଗ ସ୍କ୍ୱାଡ଼ ସୁରକ୍ଷା ବ୍ୟବସ୍ଥାରେ ମୁତୟନ ହେବେ। ଲାଗିବ ସିସିଟିଭି। ଆନ୍ଦୋଳନ ସ୍ଥଳରେ ସ୍ୱତନ୍ତ୍ର ଫୋର୍ସ ଆବଶ୍ୟକ ଅନୁସାରେ ହେବେ ନିୟୋଜିତ। ବିଧାନସଭାର ପ୍ରଥମ ପର୍ଯ୍ୟାୟ ଗୁରୁବାରଠାରୁ ଆରମ୍ଭ ହୋଇ ୨୧ ଯାଏ ଓ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ମାର୍ଚ୍ଚ ୭ରୁ ଏପ୍ରିଲ ୫ ଯାଏ ଚାଲିବ। ମୋଟ ୨୮ ଟି କାର୍ଯ୍ୟ ଦିବସ ରହିଛି।

## ପିଏସ୍‌ଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟସଚିବଙ୍କୁ ଜୁଏଲଙ୍କ ଚିଠି

**ଭୁବନେଶ୍ୱର/ସୁନ୍ଦରଗଡ, ୧୨/୨**
**ନ୍ୟୁଜ ବ୍ୟୁରୋ**

କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ ବୁଧବାର ଦିନ ନିଜର ବ୍ୟକ୍ତିଗତ ସଚିବ ତଥା ଆଇଏଏସ୍ ପରାଗ ହର୍ଷଦ ଗାଭାଲିଙ୍କୁ ହଟାଇବାକୁ ଚିଠି ଲେଖିଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ଓରାମ ଏହି ଚିଠି ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କୁ ଲେଖିଛନ୍ତି। ଚିଠିରେ ସେ ଉଲ୍ଲେଖ କରିଛନ୍ତି ଯେ, ଆଇଏଏସ ପରାଗ ହର୍ଷଦ ଗାଭାଲି ଗତ ଜାନୁଆରୀ ୨୩ ତାରିଖରୁ ଅନୁମତି ବିନା ଅନୁପସ୍ଥିତ ଅଛନ୍ତି। ତାଙ୍କର ଅନଧିକାର ଅନୁପସ୍ଥିତି ସେବା ନିୟମର ଉଲ୍ଲଂଘନ ଏବଂ କାର୍ଯ୍ୟାଳୟର କାର୍ଯ୍ୟରେ ବାଧା ସୃଷ୍ଟି କରିଛି। ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି, ମୁଁ ସର୍ବଭାରତୀୟ ସେବା (ଅନୁଶାସନ ଏବଂ ଆପିଲ) ନିୟମର ପ୍ରାସଙ୍ଗିକ ବ୍ୟବସ୍ଥା ଅନୁଯାୟୀ ଡକ୍ଟର ପରାଗ ହର୍ଷଦ ଗାଭାଲିଙ୍କ ବିରୁଦ୍ଧରେ ଉପଯୁକ୍ତ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ସଚିବ ଡିଓପିଟିଙ୍କୁ ଅନୁରୋଧ କରିଛି। ତେଣୁ ତାଙ୍କୁ ବ୍ୟକ୍ତିଗତ ସଚିବ ପଦରୁ ହଟାଯାଉ। କେନ୍ଦ୍ରମନ୍ତ୍ରୀ କହିଛନ୍ତି, ମୁଁ ଆପଣଙ୍କୁ ଆନୁଷ୍ଠାନିକ ଭାବରେ ଅନୁରୋଧ କରୁଛି ଯେ ବର୍ତ୍ତମାନ ମୋର ବ୍ୟକ୍ତିଗତ ସଚିବ ଭାବରେ ନିଯୁକ୍ତି (ପୃଷ୍ଠା ୭ରେ)

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# 'ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଶିକ୍ଷାଦାତାଙ୍କୁ ସଶକ୍ତ କରିବା ସହିତ ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରିବ'





**ଭୁବନେଶ୍ୱର, ୧୨/୨**
**ନ୍ୟୁଜ ବ୍ୟୁରୋ**

ସମଗ୍ର ଶିକ୍ଷା ଅଭିଯାନରେ ପ୍ରାଥମିକ ବିଦ୍ୟାଳୟର କନିଷ୍ଠ ଶିକ୍ଷକ (ସ୍କିମାଟିକ) ମାନଙ୍କ ଦରମା ବୃଦ୍ଧି କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଧନ୍ୟବାଦ ଜଣାଇଛନ୍ତି। ମନ୍ତ୍ରୀ ଶ୍ରୀ ଗଣ୍ଡ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ପୋଷ୍ଟ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହିତ ଏହି ନିଷ୍ପତ୍ତି ଶିକ୍ଷାଦାତାଙ୍କୁ ସଶକ୍ତ କରିବା ସହିତ ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରିବ ବୋଲି କହିଛନ୍ତି।

ସୂଚନା ଥାଉକି, ବୁଧବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏହି ମର୍ମରେ ଏକ ବିଜ୍ଞପ୍ତି ମାଧ୍ୟମରେ ଜଣାଇ ଦିଆଯାଇଛି ଯେ ସ୍କିମାଟିକ୍ କନିଷ୍ଠ ଶିକ୍ଷକମାନଙ୍କ ମାସିକ ପାରିଶ୍ରମିକ ୧୧,୦୦୦ ଟଙ୍କାରୁ ୧୬,୦୦୦ ଟଙ୍କା ବୃଦ୍ଧି କରାଯାଇଛି। ସମଗ୍ର ଶିକ୍ଷା କାର୍ଯ୍ୟକ୍ରମରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତରରେ ନିୟୋଜିତ ସ୍କିମାଟିକ୍ କନିଷ୍ଠ ଶିକ୍ଷକମାନଙ୍କୁ ମାସିକ ୧୧,୧୦୦ ଟଙ୍କା ପାରିଶ୍ରମିକ ଦିଆଯାଉଥିଲା।

ଗତ ୨୦୨୫ ଜାନୁଆରୀ ୧୬ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ବର୍ଗର ଶିକ୍ଷକମାନଙ୍କର ମାସିକ ପାରିଶ୍ରମିକକୁ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ନେଇ ଏ ସଂପର୍କିତ ପ୍ରସ୍ତାବକୁ ଅନୁମୋଦନ ଦେଇଥିଲେ। ଏହାଦ୍ୱାରା ପ୍ରାଥମିକ ଶିକ୍ଷାରେ ଗୁଣାତ୍ମକ ଉନ୍ନତି ଆସିବା ସହିତ ରାଜ୍ୟରେ ଏହି ବର୍ଗରେ ଥିବା ୧୩,୭୪୦ ଶିକ୍ଷକ ଉପକୃତ ହେବେ। କନିଷ୍ଠ ଶିକ୍ଷକ ପାଇଁ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ସ୍ୱରୂପ ଓଡ଼ିଶା ସରକାର ଶିକ୍ଷକମାନଙ୍କ ମାସିକ ଦରମାରେ ୪,୯୦୦ ଟଙ୍କା ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଫେବ୍ରୁୟାରୀ (ପୃଷ୍ଠା ୭ରେ)

# 'ଆମେ ଏପରି ଜ୍ଞାନ ସୃଷ୍ଟି କରିବା ଯାହା ବିଶ୍ୱକୁ ସକାରାତ୍ମକ ଭାବେ ରୂପାନ୍ତରିତ କରିବ'



**ଭୁବନେଶ୍ୱର, ୧୨/୨**
**ନ୍ୟୁଜ ବ୍ୟୁରୋ**

ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ଏହାର ସପ୍ତଦଶ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳନ କରିଛି। ଏହି ଅବସରରେ ବୁଧବାର ଅରଗୁଳରେ ଅନୁଷ୍ଠାନର କ୍ୟାମ୍ପସର ଭିତ୍ତିପ୍ରସ୍ତର ସ୍ଥାପନର ସ୍ମୃତିଚାରଣ କରାଯାଇଥିଲା। ଏହି ଉତ୍ସବରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ।

ପ୍ରାରମ୍ଭରେ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମଲକର ସ୍ୱାଗତ ଭାଷଣ ଦେଇଥିଲେ। ସେ ପ୍ରତିଷ୍ଠାନର ଜନ୍ମ ଏବଂ ଆଇଆଇଟି ଭୁବନେଶ୍ୱରର କ୍ୟାମ୍ପସର ଇତିହାସ ସଂକ୍ଷେପରେ ବର୍ଣ୍ଣନା କରିଥିଲେ। ସେ ପ୍ରତିଷ୍ଠାନର ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲ ଦିଗରେ ଯାତ୍ରା ବ୍ୟାଖ୍ୟା କରିଥିଲେ ଏବଂ ଶିକ୍ଷାଦାନ-ଶିକ୍ଷା, ଗବେଷଣା, ଶିଳ୍ପ-ଶିକ୍ଷା ସହଯୋଗ, ଉଦ୍ୟୋଗ ବିକାଶ, ଉତ୍କୃଷ୍ଟ ସ୍କୁଲ ଶିକ୍ଷକ ସୃଷ୍ଟି ଏବଂ କର୍ପୋରେଟ୍ ସାମାଜିକ ଦାୟିତ୍ୱ କ୍ଷେତ୍ରରେ ଏହାର ନୂତନ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ।

ଏହି ସମାବେଶକୁ ସମ୍ବୋଧିତ କରି ରାଜ୍ୟପାଳ ୨୦୦୮ ମସିହାରେ ପ୍ରତିଷ୍ଠା ହେବା ପରଠାରୁ ପ୍ରତିଷ୍ଠାନର ଉଲ୍ଲେଖନୀୟ (ପୃଷ୍ଠା ୭ରେ)

# ଶ୍ରୀମନ୍ଦିର ମହାପ୍ରସାଦରେ ବ୍ୟବହାର ହେବ ଜୈବିକ ଚାଉଳ

## 'ଅମୃତ ଅନ୍ନ' ନାମରେ ସ୍ୱତନ୍ତ୍ର ପ୍ରକଳ୍ପ ପାଇଁ ପ୍ରସ୍ତାବ

**ଭୁବନେଶ୍ୱର, ୧୨/୨**
**ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିର ମହାପ୍ରସାଦ ପ୍ରସ୍ତୁତିରେ ଜୈବିକ ଚାଉଳ ବ୍ୟବହାର ହେବ। ଏ ନେଇ ଏକ ପରାମର୍ଶ ବୈଠକ କୃଷି ଭବନ ସମ୍ମିଳନୀ କକ୍ଷଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ତଥା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶ୍ରୀମନ୍ଦିର ମହାପ୍ରସାଦରେ ଜୈବିକ ଚାଉଳର ବ୍ୟବହାର ନେଇ ଆଲୋଚନା ହୋଇଥିଲା।

ମହାପ୍ରସାଦକୁ ରସାୟନମୁକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ମହାପ୍ରସାଦରେ ଜୈବିକ ଚାଉଳ ଏବଂ ପନିପରିବାର ବ୍ୟବହାର ନିଷ୍ପତ୍ତିକୁ ସୁଆର-ମହାସୁଆର ନିଯୋଗ ତଥା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଛି। ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମଧ୍ୟ ସର୍ବଦା ଜୈବିକ କୃଷିକୁ ସମର୍ଥନ ଦେଇ ଆସିଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ଶ୍ରୀମନ୍ଦିର କୋଠଭୋଗରେ ଏହି ଜୈବିକ ଚାଉଳ ବ୍ୟବହାର କରାଯିବ। ଶ୍ରୀଗୁଣ୍ଡିଚା ସମୟରେ ସମ୍ପୂର୍ଣ୍ଣ ଲାଗି ହେଉଥିବା ଭୋଗରେ ଜୈବିକ ଚାଉଳ ଓ ପନିପରିବା ବ୍ୟବହାର ହେବା ପାଇଁ ପ୍ରସ୍ତାବ ରହିଛି। 'ଅମୃତ ଅନ୍ନ' ନାମରେ ସ୍ୱତନ୍ତ୍ର ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ଜୈବିକ ଅନ୍ନରୁ ପ୍ରସ୍ତୁତ ମହାପ୍ରସାଦ ଆନନ୍ଦବଜାରରେ ଭକ୍ତଙ୍କ ପାଇଁ ଉପଲବ୍ଧ ହେବ। ପ୍ରାରମ୍ଭିକ ଭାବେ ରାଜ୍ୟରେ ଉତ୍ପାଦିତ ହେଉଥିବା କଳାଜିରା, ପିମ୍ପୁଡ଼ିବାସ, ଯୁବରାଜ (ପୃଷ୍ଠା ୭ରେ)



# ବିଶ୍ୱର ଦୁର୍ନୀତିଗ୍ରସ୍ତ ରାଷ୍ଟ୍ର : ୯୬ତମ ସ୍ଥାନରେ ଭାରତ

**ନୂଆଦିଲ୍ଲୀ, ୧୨/୨**

ଡେନମାର୍କ ହେଉଛି ବିଶ୍ୱର ସବୁଠାରୁ ସ୍ୱଚ୍ଛ ରାଷ୍ଟ୍ର। ଡେନମାର୍କ ପଛକୁ ଫିନଲ୍ୟାଣ୍ଡ, ସିଙ୍ଗାପୁର ଓ ନ୍ୟୁଜିଲ୍ୟାଣ୍ଡ ରହିଛନ୍ତି। ଦୁର୍ନୀତିର ଧାରଣା ପରିସଂଖ୍ୟକ (ସିପିଆଇ) ୨୦୨୪ରେ ଏପରି ତଥ୍ୟ ଦିଆଯାଇଛି। ବିଶ୍ୱସ୍ତରରେ ସର୍ବସାଧାରଣ ସ୍ଥାନ ବା ସରକାରୀ ଅଫିସରେ ହେଉଥିବା ଅନିୟମିତତାକୁ ଆଧାର କରି ଏପରି ତାଲିକା ପ୍ରକାଶ କରାଯାଇଛି। ତାଲିକାରେ ଭାରତ ୯୬ତମ ସ୍ଥାନରେ ରହିଛି। ଗତବର୍ଷ ତୁଳନାରେ ଭାରତ ଦୁର୍ନୀତି ରାଷ୍ଟ୍ର ତାଲିକାରେ ୩ଟି ସ୍ଥାନ ତଳକୁ ଖସିଛି। ଅର୍ଥାତ ଭାରତରେ ଦୁର୍ନୀତି ବଢ଼ିଛି। ୨୦୨୩ରେ ଭାରତ ତାଲିକାର ୯୩ତମ ସ୍ଥାନରେ ଥିଲା। ୧୮୦ ଦେଶରେ ସରକାରୀ ସ୍ତରରେ ହେଉଥିବା ଦୁର୍ନୀତିକୁ ବିଚାରକୁ ନେଇ ଏପରି ତାଲିକା ପ୍ରକାଶ କରାଯାଇଛି। ବିଭିନ୍ନ ବିଶେଷଜ୍ଞ ଓ ବ୍ୟବସାୟିକ କ୍ଷେତ୍ର ସହ ଜଡ଼ିତ ଲୋକଙ୍କ ମତାମତକୁ ଆଧାର କରି ଶୂନରୁ ୧୦୦ ପଏଣ୍ଟ ମଧ୍ୟ ରାଷ୍ଟ୍ରଗୁଡ଼ିକୁ ଦିଆଯାଇଛି। ଶୂନ ସବୁଠାରୁ ଦୁର୍ନୀତିଗ୍ରସ୍ତ ଓ ୧୦୦ ସବୁଠାରୁ ସ୍ୱଚ୍ଛ। ୨୦୨୪ ରିପୋର୍ଟରେ କୁହାଯାଇଛି ଯେ ଦୁର୍ନୀତି ବିଶ୍ୱର ବିଭିନ୍ନ ପ୍ରାନ୍ତରେ ସବୁଠାରୁ ବିପଦଜନକ ସମସ୍ୟା। କିନ୍ତୁ ଅନେକ ରାଷ୍ଟ୍ରରେ ଦୁର୍ନୀତିକୁ ରୋକିବା ପାଇଁ ପ୍ରୟାସ କରିବାରେ ଲାଗିଛନ୍ତି। ତାଲିକା ଅନୁସାରେ, ଭାରତର ମୋଟ ପଏଣ୍ଟ ୨୦୨୪ରେ ୩୮ ରହିଛି। ୨୦୨୩ରେ ୩୯ ଓ ୨୦୨୨ରେ ଏହା ୪୦ ଥିଲା। ଭାରତର ୨୦୨୩ରେ (ପୃଷ୍ଠା ୭ରେ)




## ଏକାଳ ପଖାଳ



ନବମ ଦଶମ ପିଲାଏ ପରା
ଖାଇବେ ଭାତକୁ ଅଣ୍ଡା
ଡାଲମା ସୋୟାବିନ୍ ତାସହ ରହିଛି
କରିଦେବ ମୁଣ୍ଡ ଥଣ୍ଡା
ଖାଇଣ ଗୁଣ୍ଡାକୁ ଗୁଣ୍ଡା
ଉପସ୍ଥାନ ପରା ଆହୁରି ବଢିବ
ଶିଶୁ ବଢି ହେବେ ଭେଣ୍ଡା

# ମାଗଣା ଯୋଜନା ପାଇଁ ଲୋକ କାମ କରିବାକୁ ଇଚ୍ଛା କରୁନାହାଁନ୍ତି



**ନୂଆଦିଲ୍ଲୀ, ୧୨/୨**

ପ୍ରତି ନିର୍ବାଚନ ପୂର୍ବରୁ ଦେଶରେ ରାବଡି ପ୍ରଥା ବା ମାଗଣା ଯୋଜନାର ବର୍ଷା ହେଉଛି। ସବୁ ରାଜନୈତିକ ଦଳ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ପ୍ରକାରର ମାଗଣା ସେବାର ଲୋଭ ଦେଖାଉଛନ୍ତି। ନିର୍ବାଚନ ଆସିଲେ ସବୁ ନେତା ଓ ମନ୍ତ୍ରୀ ପୁଳା ପୁଳା ମାଗଣା ପ୍ରତିଶ୍ରୁତି ଦିଅନ୍ତି। ଏହାକୁ ସାଧାରଣ ଭାଷାରେ 'ରାବଡି ପ୍ରଥା' କୁହାଯାଏ। ହେଲେ ଏହାକୁ ନେଇ ପୁଣିଥରେ ଚିନ୍ତା ପ୍ରକଟ କରିଛନ୍ତି ସୁପ୍ରିମକୋର୍ଟ। ଲୋକମାନେ ମାଗଣାରେ ରାସନ ଓ ଟଙ୍କା ପାଇଯାଉଥିବାରୁ କାମ କରିବାକୁ ଇଚ୍ଛା କରୁନାହାନ୍ତି। ଏହା ଅତ୍ୟନ୍ତ ଚିନ୍ତାର ବିଷୟ ବୋଲି ସୁପ୍ରିମକୋର୍ଟ ମତ ରଖିଛନ୍ତି। ସହରାଞ୍ଚଳରେ ରହୁଥିବା ବାସହୀନଙ୍କୁ ରହିବା ପାଇଁ ଘର ଯୋଗାଇ ଦେବା ପ୍ରସଙ୍ଗରେ ଶୁଣାଣି ଚାଲିଥିବା ବେଳେ ଜଷ୍ଟିସ ବିଆର ଗବାଇ ଓ ଜଷ୍ଟିସ ଅଗଷ୍ଟିନ ଜର୍ଜ ମାସି ମାଗଣା ଯୋଜନାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି।

ଜଷ୍ଟିସ ଗବାଇ କହିଛନ୍ତି, "ଦୁର୍ଭାଗ୍ୟବଶତଃ, ମାଗଣା ଯୋଜନା ପାଇଁ ଲୋକମାନେ କାମ କରିବାକୁ ଇଚ୍ଛା ପ୍ରକାଶ କରୁ ନାହାନ୍ତି। ସେମାନେ ମାଗଣାରେ ରାସନ ପାଉଛନ୍ତି। କିଛି କାମ ନ କରି ଟଙ୍କା ପାଇ ଯାଉଛନ୍ତି। ଆମେ ସେମାନଙ୍କ ପ୍ରତି ଆପଣଙ୍କ ପ୍ରକାଶ କରୁଥିବା ଚିନ୍ତାକୁ ସ୍ୱାଗତ କରୁଛୁ। କିନ୍ତୁ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତର ଅଂଶବିଶେଷ କରିବା କ'ଣ ଭଲ ହେବନି ? ଦେଶର ବିକାଶରେ ସେମାନେ ମଧ୍ୟ ଯୋଗାଦାନ କରିବାକୁ ଅନୁମତି ପାଇବା (ପୃଷ୍ଠା ୭ରେ)

# ମୋଦିଙ୍କ ବିମାନ ଉପରେ ହୋଇପାରେ ଆତଙ୍କବାଦୀ ଆକ୍ରମଣ !

**ମୁମ୍ବାଇ, ୧୨/୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିମାନ ଉପରେ ଆତଙ୍କବାଦୀ ଆକ୍ରମଣ ହୋଇପାରେ। ମୁମ୍ବାଇ ପୋଲିସକୁ ଆସିଥିବା ଏକ କଲ ପରେ ସୁରକ୍ଷା ଏଜେନ୍ସିଗୁଡ଼ିକ ସତର୍କ ହୋଇଯାଇଛନ୍ତି। ପ୍ରକୃତରେ, ଫେବୃୟାରୀ ୧୧ ତାରିଖରେ ମୁମ୍ବାଇ ପୋଲିସ କଣ୍ଟ୍ରୋଲ ରୁମ୍‌କୁ ଏକ ଫୋନ ଆସିଥିଲା, ଯେଉଁଥିରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ବିମାନ ଉପରେ ଆତଙ୍କବାଦୀ ଆକ୍ରମଣ ହୋଇପାରେ ବୋଲି ଚେତାବନୀ ଦିଆଯାଇଥିଲା। ପ୍ରଧାନମନ୍ତ୍ରୀ ମୋଦି ବର୍ତ୍ତମାନ ବିଦେଶ ଗସ୍ତରେ ଥିବାରୁ, ପୋଲିସ ତୁରନ୍ତ ସୁରକ୍ଷା ଏଜେନ୍ସିଗୁଡ଼ିକୁ କଲ ବିଷୟରେ ଜଣାଇ ତଦନ୍ତ ଆରମ୍ଭ କରିଥିଲା।

ତଦନ୍ତ ଆଧାରରେ, ପୋଲିସ କଲ କରିଥିବା ଯୁବକକୁ ଗିରଫ କରିଥିଲା। ଅଭିଯୁକ୍ତକୁ ମୁମ୍ବାଇର ଚେମ୍ବୁରରୁ ଗିରଫ କରାଯାଇଛି। ସେ ମାନସିକ ରୋଗୀ। (ପୃଷ୍ଠା ୭ରେ)



# ପାନୀୟ ଜଳ ସମସ୍ୟା ନେଇ ବିଡ଼ିଓଙ୍କୁ ଫେରାଦ ହେଲେ ଲୋକେ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ଅତିଷ୍ଠ ହେଲାଣି ଜଳକଷ୍ଟ । ପିଇବା ପାଇଁ ପାଣି ମିଳିବା ତ ଦୂରର କଥା, ଘର କାମ ଓ ଗୋରୁଗାଈଙ୍କ ପାଇଁ ବି ପାଣି ଯୋଗାଡ଼ କରିବା କାଠିକର ପାଠ ହୋଇପଡ଼ିଛି । ଏକଥା କେନ୍ଦୁଝରର କେଉଁ ଉପାନ୍ତ ଅଞ୍ଚଳ ନୁହେଁ ବରଂ କେନ୍ଦୁଝର ଜିଲା ମୁଖ୍ୟାଳୟରୁ ମାତ୍ର ୪ କିଲୋମିଟର ଦୂରରେ ଥିବା ଘୁରୁକେଶ୍ୱରୀ ଓ ଟାଙ୍ଗରପଳସା ଗ୍ରାମର । ନରଣପୁର ପଞ୍ଚାୟତ ଅନ୍ତର୍ଗତ ଏହି ଗ୍ରାମ ମାନଙ୍କରେ ଗ୍ରୀଷ୍ମ ଋତୁ ଆସିବା ପୂର୍ବରୁ ପାନୀୟ ଜଳ ସମସ୍ୟା ସୃଷ୍ଟି ହେଲାଣି । ନରଣପୁର ପଞ୍ଚାୟତର ୮ ଓ ୯ ନମ୍ବର ୱାର୍ଡ ବାସିନ୍ଦା ଏବେ ପାଣି ପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ଗ୍ରାମ ମାନଙ୍କର ରାସ୍ତା ପାର୍ଶ୍ୱ ଦେଇ ସହର ମଧ୍ୟକୁ କାଳୀନଝର ନଦୀରୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ହେଉଥିଲେ ମଧ୍ୟ ଗ୍ରାମବାସୀ ଛୁଆ ପିଲାଙ୍କ ପାଇଁ ପାନୀୟ ଜଳ ଯୋଗାଡ଼ କରିବା କଷ୍ଟକର ହୋଇପଡ଼ିଛି । ନଳକୂଅ ଗୁଡ଼ିକ ଥାଇ ମଧ୍ୟ ଜଳ ଯୋଗାଣରେ ବାଧା ସୃଷ୍ଟି ହେଉଛି । ସରକାରଙ୍କ ଉପରେ ଆଶା ବାନ୍ଧି ବସି ବସି ପ୍ରତିବର୍ଷ ସଦର ବ୍ଲକ, ଜିଲ୍ଲାପାଳ ଓ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦାବିପତ୍ର ପ୍ରଦାନ କରି ଆଶ୍ୱାସନା ମିଳୁଛି, ହେଲେ ପାନୀୟ ଜଳ ମିଳୁନି । ଏପରିକି ଗ୍ରାମର ମହିଳାମାନେ ରାସ୍ତା ଉପରେ ମାଠିଆ, ବାଲ୍‌ଟି ରଖି ରାସ୍ତା ରୋକ୍ ବି କରିବା ପରେ ବି କିଛି ସୁଫଳ ମିଳୁନାହିଁ । ଏଠି



ଘର ସାମ୍ନାରେ ପାଇପ୍ ଲାଗିଛି ହେଲେ ପାଣି କେବେ ଆସିବ ତାର ଉତ୍ତର କାହା ପାଖରେ ନାହିଁ । ପୂର୍ବତନ ରାଜ୍ୟପାଳ ରଘୁବର ଦାସଙ୍କ ଗସ୍ତ ବେଳେ ଗ୍ରାମବାସୀଙ୍କ ଅଭିଯୋଗ ଉପରେ ତତ୍କାଳୀନ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏକ ମାସ ମଧ୍ୟରେ ପାନୀୟ ଜଳ ବ୍ୟବସ୍ଥା କରିଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏସବୁ ସତ୍ତ୍ୱେ ମଧ୍ୟ ଗ୍ରାମବାସୀ ମାନେ ଆଶା ଛାଡ଼ି ନାହାନ୍ତି । ସରକାରୀ କଳ ପାନୀୟ ଜଳ ଯୋଗାଇଦେବେ ଆଶାରେ ସୋମବାର ସଦର ବ୍ଲକ କାର୍ଯ୍ୟାଳୟକୁ ଆସି ସହକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାଗବତ ନାଏକଙ୍କୁ ଭେଟି ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି । ଦୀର୍ଘଦିନ ହେବ ସାହିରେ ବିଛା ଯାଇଥିବା ପାଇପ୍ ଯୋଗେ ସହର ମଧ୍ୟକୁ ଯାଉଥିବା ପାନୀୟ ଜଳ ପାଇପ୍ ସହ ସଂଯୋଗ କରି ନରଣପୁର ପଞ୍ଚାୟତ ବାସୀଙ୍କୁ ପାନୀୟ ଜଳ ଯୋଗାଣ ଦାବି କରିଛନ୍ତି । ପାନୀୟ ଜଳ ସୁବିଧା ଦିଗରେ ପଦକ୍ଷେପ ନେବାକୁ ପ୍ରିୟଙ୍କା ବେଜ୍, ଜୟନ୍ତୀ ବାରିକ, ମାଳତୀ ମହାରଣା, ମୀନାକ୍ଷୀ ନାଏକ, ସୁଜାତା ଦେହୁରୀ, ଇନ୍ଦୁମତୀ ବେହେରା ପ୍ରମୁଖଙ୍କ ସହ ଗ୍ରାମର ଅନେକ ମହିଳା ଲିଖିତ ଦାବି ଜଣାଇଛନ୍ତି । ତୁରନ୍ତ ଦାବି ସମାଧାନ ନହେଲେ ଆଗାମୀ ଦିନରେ ପୁଣି ଥରେ ସମସ୍ତ ଗ୍ରାମବାସୀ ମିଳିତ ହୋଇ ରାସ୍ତା ରୋକ୍ କରିବେ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି ।

# ନୂତନ ଶିକ୍ଷକଙ୍କ ବଦଳିକୁ ଅଭିଭାବକମାନଙ୍କ ବିରୋଧ

**ତିର୍ତ୍ତୋଲ, ନ୍ୟୁଜ୍ ବ୍ୟୁରୋ**

ତିର୍ତ୍ତୋଲ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ବିଷନପୁର ଉର୍ଦ୍ଦୁ ପ୍ରାଥମିକ ବିଦ୍ୟାଳୟରେ ମୋଟ୍ ୧୩୮ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାବେଳେ ୩ ଜଣ ଶିକ୍ଷକ ଶିକ୍ଷାଦାନ କରୁଥିଲେ । ପାଠ ପଢ଼ାରେ ଅସୁବିଧା ହେବାରୁ ଗ୍ରାମବାସୀ ଓ ଅଭିଭାବକ ମାନେ ଜିଲ୍ଲାପାଳ ଓ ଜିଲ୍ଲାଶିକ୍ଷାଧିକାରୀଙ୍କୁ ବାରମ୍ବାର ଅଭିଯୋଗ ପରେ ୨୯/୧/୨୦୨୫ ତାରିଖରେ ନୂତନ ଶିକ୍ଷକ ନିଯୁକ୍ତି ଦେଇଥିଲେ । ବଡ଼ ଆଶ୍ଚର୍ଯ୍ୟର ବିଷୟ ସେହି ଶିକ୍ଷକଙ୍କୁ କାହାକୁ ନଜଣାଇ ୮/୨/୨୫ ତାରିଖରେ ଅନ୍ୟ ନିରପୋଇ ବିଦ୍ୟାଳୟକୁ ବଦଳି କରିଦିଆଯାଇଥିବା ଅଭିଭାବକ ଓ ଗ୍ରାମବାସୀମାନେ ଜାଣିବାକୁ ପାଇଲେ । ଶିକ୍ଷକ ବଦଳି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକଙ୍କ ଅଜାଣତରେ ହୋଇଥିବା ଅଭିଯୋଗ କରାଯାଇଛି । ଏହି ସମ୍ପର୍କରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସେକ୍ ମୁମତାଜ ଅଲ୍ଲୀ ତିର୍ତ୍ତୋଲ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ମଣ୍ଡଳ ଶିକ୍ଷାଧିକାରୀଙ୍କୁ ଭେଟି ପ୍ରତିବାଦ ସ୍ୱରୂପ ଅଭିଯୋଗପତ୍ର ଦେଇଛନ୍ତି । ଅଭିଯୋଗ ମୁତାବକ ନିଯୁକ୍ତି ପାଇଥିବା ନୂତନ ଶିକ୍ଷକଙ୍କୁ କେଉଁ ପରିସ୍ଥିତିରେ ଅଭିଭାବକ, ପରିଚାଳନା କମିଟି ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକଙ୍କୁ ଅବଗତ କରାନଯାଇ ବଦଳି କରାଗଲା ତାହାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ଏବଂ ଏହି ବଦଳିକୁ ପ୍ରତ୍ୟାହାର କରାଯାଇ ପୁନଃ ଶିକ୍ଷକଙ୍କୁ ସେହି ବିଦ୍ୟାଳୟରେ ନିଯୁକ୍ତି ଦେବାପାଇଁ ଦାବି କରାଯାଇଛି । ୭ ଦିନ ଭିତରେ କାର୍ଯ୍ୟାନୁଷ୍ଠାନ ନହେଲେ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ପରିଚାଳନା କମିଟି ସଭାପତି ସେକ୍ ମୁମ୍ତାଜ ଅଲ୍ଲୀ ଚେତାବନୀ ଦେଇଛନ୍ତି ।

# ଚୌଦ୍ୱାର କଲେଜ୍ ଦର୍ଶନ ବିଭାଗର ସେମିନାର୍

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର କଲେଜର ଦର୍ଶନ ଶାସ୍ତ୍ର ବିଭାଗର ବାର୍ଷିକ ସମ୍ମାନ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷା ରଶ୍ମୀ ରାଉତରାୟ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସମ୍ବିଧାନରେ ନ୍ୟାୟର ମହତ୍ୱ ଏବଂ ବ୍ୟବହାରିକ ଜୀବନରେ ନ୍ୟାୟପୂର୍ଣ୍ଣ ଆଚରଣର ଭୂମିକା ବିଷୟରେ ନିଜର ମତ ରଖିଥିଲେ । ରେଭେନ୍ସା ବିଶ୍ୱବିଦ୍ୟାଳୟର ଦର୍ଶନଶାସ୍ତ୍ର ବିଭାଗ ପ୍ରଫେସର ପତିତପାବନ ଦାସ ବିଷୟ ବିଶାରଦ ଭାବେ ଯୋଗଦେଇ 'ଅଣ୍ଡରଷ୍ଟାଣ୍ଡିଂ




ଯଷ୍ଟିସ୍'ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ । ବିଭାଗୀୟ ମୁଖ୍ୟ ଅଧ୍ୟାପିକା ସବିତା ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅଧ୍ୟାପକ ଦେବାଶିଷ ଷଡଙ୍ଗୀ ଓ ଅଧ୍ୟାପିକା ଅନୁପମା ତ୍ରିପାଠୀ ପ୍ରଶଂସା ପତ୍ର ପାଠ କରିଥିଲେ । ଏହି ଅବସରରେ ଆୟୋଜିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ବିଭାଗର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ଛାତ୍ରୀ ସୁମିତ୍ରା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦର ଆଲୋଚନା ଚକ୍ର ଓ କବିତା ଆସର

**କଟକ, ନ୍ୟୁଜ୍ ବ୍ୟୁରୋ**

ସାରସ୍ୱତ ଅନୁଷ୍ଠାନ ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦ ପକ୍ଷରୁ 'ନାରୀକବି ସାନ୍ତ୍ୱନା ମହାନ୍ତି' ଶିର୍ଷକ ଆଲୋଚନା ଚକ୍ର ଓ କବିତା ଆସର ଉତ୍କଳମଣି ଶିଶୁ ଉଚ୍ଚଶିକ୍ଷା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଂସଦର ସଭାପତି କୈଳାସ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନା ଚକ୍ର ଓ କବିତା ଆସରରେ ଉଦ୍‌ଘାଟକ ଭାବେ ଶ୍ରୀଦୁର୍ଗା ସାହିତ୍ୟ ସଂସଦର ସଭାପତି ଡଃ ପଣ୍ଡିତ ଚୈତନ୍ୟ କୁମାର ସାହୁ, ମୁଖ୍ୟଅତିଥି ଭାବେ ଦାର୍ଶନିକ ପଣ୍ଡିତ ନିଳକଣ୍ଠ



ରାଉତ, ମୁଖ୍ୟବକ୍ତା ଭାବେ ଆଇନଜୀବୀ ପତିପାବନ ମହାପାତ୍ର, ବରେଣ୍ୟ ଅତିଥି ଭାବେ କବି ଭୀମସେନ ସାହୁ, ସମ୍ମାନୀୟ ଅତିଥି ଭାବେ ପଲ୍ଲୀପ୍ରତିଭା ସାହିତ୍ୟ ଓ ସଂସ୍କୃତି ସଂସଦର ସଭାପତି ଚୈତନ୍ୟ ରାଉତ ଯୋଗଦେଇ ନାରୀକବି ସାନ୍ତ୍ୱନା ମହାନ୍ତି କବିକୁଳର ଜଣେ ଆଦର୍ଶ ପ୍ରତିଭା ଥିଲେ । ବାଣୀଭଣ୍ଡାରକୁ ପୂର୍ଣ୍ଣ କରିଥିବା ତାଙ୍କର ପୁସ୍ତକ ପାଇଁ ସାହିତ୍ୟ ଜଗତରେ ଅମ୍ଳାନ ପ୍ରତିଭା ହୋଇ ରହିବେ ବୋଲି କହିଥିଲେ । କବୟିତ୍ରୀ ଗୀତାଞ୍ଜଳି ପୃଷ୍ଟି ଓ ସନ୍ଧ୍ୟା ଶତପଥିଙ୍କ ସଂଯୋଜନାରେ କବି ସଚ୍ଚିଦାନନ୍ଦ କର, ବସନ୍ତ କୁମାର ସାହୁ, ବିନୋଦିନି ମିଶ୍ର, ଅନୁସୟା ପ୍ରଧାନ, ଆଶିଷ ରଂଜନ ଦାଶ, ସୁରେନ୍ଦ୍ର ମହାପାତ୍ର, ରାଜକିଶୋର ସ୍ୱାଇଁ, ରଘୁନାଥ ତ୍ରୀପାଠୀ, ଶ୍ରୀବତ୍ସ ବିଶ୍ୱାଳ, ସ୍ୱାଗତ କୁମାର ଦାଶ, ସଂଯୁକ୍ତା ଦାଶ, ଅଶ୍ୱିନୀ କୁମାର ସେଠୀ, ବ୍ରଜବନ୍ଧୁ ପୃଷ୍ଟି, ନଜ୍‌ରୁଲ୍ ଇସ୍‌ଲାମ୍, ସୁଶିଳ କୁମାର ରାଉତ, ଦେବେନ୍ଦ୍ର ନାଥ ସାହୁ, ଉତ୍ତମ ଚରଣ ପ୍ରଧାନ, ନିରୁପମା ସାହୁ, ଅଜୟ କୁମାର ଖୁଣ୍ଟିଆ ପ୍ରମୁଖ ଆଲୋଚନା କରିବା ସହ ସ୍ୱରଚିତ କବିତା ପାଠ କରିଥିଲେ । କବି ମହେନ୍ଦ୍ର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କବି ମନୋରଞ୍ଜନ ପଣ୍ଡା କବିତା ଗୁଡ଼ିକୁ ସମୀକ୍ଷା କରିଥିଲେ । କବି ଆଦିତ୍ୟ ରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ଷଣ୍ଡପୁର ଗ୍ରାମରେ ୫ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଆଧାତ୍ମିକ ପରିବେଶ ମଧ୍ୟରେ ଷଣ୍ଡପୁର ଗ୍ରାମରେ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ଶାନ୍ତିକୁଞ୍ଜ ହରିଦ୍ୱାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୫ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ତୃତୀୟ ବାର୍ଷିକ ଉତ୍ସବ ଶ୍ରୀ ଶ୍ରୀ ବାବା କୁଣ୍ଡଳେଶ୍ୱର ମହାଦେବଙ୍କ ମନ୍ଦିର (ଜଟଣି)ରେ ଅନୁଷ୍ଠିତ ହୋଇଯାଇଛି । ମନୁଷ୍ୟ ମଧ୍ୟରେ ଦେବତ୍ୱ ଗୁଣର ଜାଗରଣ ଧରାପୃଷ୍ଠରେ ସ୍ୱର୍ଗକୁ ଅବତରଣ, ନାରୀଶିକ୍ଷା, ନିଶା ନିବାରଣ, ସାମାଜିକ ସମସ୍ୟା, କୁରୁତି ଉନ୍ମୁଳନ ଉପରେ ଆଧାତ୍ମିକ ଗୁରୁ ତଥା ବରିଷ୍ଠ ଗାୟତ୍ରୀ ସାଧକ ଇଂ ପ୍ରଭାକର ପଣ୍ଡା ଉପସ୍ଥିତ ବକ୍ତା, ଶ୍ରୋତା, ଦର୍ଶକ, ଆଗନ୍ତୁକ ଓ ଧର୍ମାବଲମ୍ବି ମାନଙ୍କୁ ଅବଗତ କରାଇଥିଲେ । ମନ୍ତ୍ର ପାଠ ପରିବ୍ରାଜିକା ବିଳାସିନୀ ସାହୁ ଦେଇଥିବା ବେଳେ, ଦୀକ୍ଷା ସଂସ୍କାର- ୧୦ ଓ ଗର୍ଭାଧାନ-ପୁଂସବନ ସଂସ୍କାର ସଂପାଦନ-୪ ଓ ଯୁଗ ସଂଗୀତ ପରିବେଷଣ ପରିବ୍ରାଜିକା ବନଲତା ଦେବୀ କରିଥିଲେ । କାର୍ଯ୍ୟକ୍ରମ ପୂର୍ବରୁ ଏକ ବିରାଟ ଶୋଭାଯାତ୍ରା କଳସ ଯାତ୍ରା ଆସିବା ସହ ଯଜ୍ଞରେ ୩୦୦ ରୁ ଅଧିକ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ । ପରିଚାଳନା ଦାୟିତ୍ୱରେ ଷଣ୍ଡପୁର ଗାୟତ୍ରୀ ପରିବାର, ବାଳ ବିକାଶ କେନ୍ଦ୍ର, ମହିଳା ମଣ୍ଡଳ ଓ ପ୍ରଜ୍ଞା ମଣ୍ଡଳର ସମସ୍ତ ସଭ୍ୟ /ସଭ୍ୟା, କାର୍ଯ୍ୟକର୍ତ୍ତା ତଥା ଗ୍ରାମବାସୀ ବୃନ୍ଦ ମହାଯଜ୍ଞ ସଞ୍ଚାଳନରେ ସହଯୋଗ କରିଥିଲେ । ଶେଷରେ ସମସ୍ତ ଅତିଥି ମାନଙ୍କୁ ସମ୍ମାନୀତ ସହ ଗ୍ରାମବାସୀ ପ୍ରତିନିଧିଙ୍କ ଦ୍ୱାରା ଧନ୍ୟବାଦ ଦେଇ ଆଧାତ୍ମିକ କାର୍ଯ୍ୟକ୍ରମ ସମାପନ ହୋଇଥିଲା ।

# ଅଙ୍ଗନବାଡ଼ି କେନ୍ଦ୍ରରେ ଅନିୟମିତତା ଅଭିଯୋଗ

**ନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ହିକିମ ପୁଟ ଗ୍ରାମ ପଞ୍ଚାୟତର ଏକ ଆଙ୍ଗନବାଡି କେନ୍ଦ୍ରରେ ଅନିୟମିତତା ନେଇ ଅଭିଯୋଗ ଆସିଛି । ଅଭିଯୋଗ ଅନୁସାରେ ଉକ୍ତ କେନ୍ଦ୍ରରେ କାର୍ଯ୍ୟରତ ଅଙ୍ଗନବାଡ଼ି ଦିଦି ମାସକୁ ଦୁଇରୁ ୩ ଦିନ କେନ୍ଦ୍ରକୁ ଆସୁଛନ୍ତି । ଏହି କେନ୍ଦ୍ରରେ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ କୁନି କୁନି ଛାତ୍ରଛାତ୍ରୀ ପ୍ରାରମ୍ଭିକ ଶିକ୍ଷା ଲାଗି ପଞ୍ଜିକୃତ ଅଛନ୍ତି । କିନ୍ତୁ ସରକାରୀ ସୁବିଧା ସୁଯୋଗ ସେମାନଙ୍କୁ ମିଳିପାରୁନଥିବା ଗ୍ରାମବାସୀ ଅଭିଯୋଗ ବାଢ଼ିଛନ୍ତି । ସୋମବାର ଗ୍ରାମବାସୀଙ୍କ ସହ ଜଣେ ସାମ୍ବାଦିକ ସତ୍ୟତା ଜାଣିବାକୁ ଗଲାବେଳେ ଦିନ ୧୧ଟା ପର୍ଯ୍ୟନ୍ତ ରୋଷଶାଳ ବା ଅଙ୍ଗନବାଡ଼ି କେନ୍ଦ୍ର କୋଉଟା ବି ଖୋଲାନଥିଲା । ସାମ୍ବାଦିକ ଓ ଗାଁ ଲୋକଙ୍କୁ ଦେଖି ଦିଦି ହଠାତ୍ ଅଫିସ୍ ଖୋଲି ଥିଲେ । ତାସହ ସଂପୃକ୍ତ ସାମ୍ବାଦିକଙ୍କୁ ଅସଦାଚରଣ କରିବା ସହ ଉପସ୍ଥିତ ଲୋକଙ୍କୁ ଗାଳି ଗୁଲଜ କରିଥିବା ଅଭିଯୋଗ ହୋଇଛି । ଏହାର ଉଚ୍ଚସ୍ତରୀୟ ତଦନ୍ତ ପୂର୍ବକ ବିହିତ କାର୍ଯ୍ୟାନୁଷ୍ଠାନ ନେବା ଶ୍ରେୟସ୍କର ବୋଲି ସାଧାରଣରେ ମତ ପ୍ରକାଶ ପାଉଛି ।

# ଘନ କୁହୁଡ଼ି ଯୋଗୁ ଜନ ଜୀବନ ଅସ୍ତବ୍ୟସ୍ତ

**କେନ୍ଦୁଝର, ନ୍ୟୁଜ୍**

ବିଭିନ୍ନ ସ୍ଥାନକୁ ଜାତାୟାତ ପାଇଁ ଯାଇଥିବା ଜଙ୍ଗଲ ଘେରା ରାସ୍ତା ଗୁଡ଼ିକ ପ୍ରବଳ କୁହୁଡ଼ିର ଆସ୍ତରଣ ଘେରି ରହୁଥିବାରୁ ଜନସାଧାରଣ ବିଶେଷ କରି ଯାନଚାଳକ ମାନଙ୍କୁ ଅସ୍ତବ୍ୟସ୍ତ କରୁଛି । ପ୍ରତ୍ୟହ ସକାଳ ସମୟ ଜଙ୍ଗଲ ଘେରା ଅଞ୍ଚଳ ଦେଇ ଯାଇଥିବା ରାସ୍ତା ଯଥା- ବାଂଶପାଳ, କାଞ୍ଚିପାଣି, କୁଆଝରଣ, ଘଟଗାଁ ଜଂଘିରା, ତେଲକୋଇ ତରମାକାନ୍ତ, ନରଣପୁର ପ୍ରଭୃତି ଅଞ୍ଚଳ ସମେତ ଅଧିକାଂଶ ଜଙ୍ଗଲ ଦେଇ ଯାଇଥିବା ରାସ୍ତା ଗୁଡ଼ିକ ସକାଳୁ କୁହୁଡ଼ି ଆଚ୍ଛାଦିତ ହୋଇରହୁଥିବାରୁ ଯାନ ଚାଳକମାନେ ଯାନ ଚଲାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଘନକୁହୁଡ଼ି ଯୋଗୁଁ ଯାନର ଆଲୋକ ଦେଇ ୨୦/୨୫ କିମି ବେଗରେ ମଧ୍ୟ ଯାନ



ଚଲାଇବା କଷ୍ଟକର ହୋଇପଡୁଥିବା ବେଳେ ଜଙ୍ଗଲ ନିକଟସ୍ଥ ରାସ୍ତା ହଠାତ୍ ହାତୀ ସମ୍ମୁଖୀନ ଓ ଦୁର୍ଘଟଣାର ଆଶଙ୍କା ଲାଗି ରହୁଛି । ପ୍ରଖର କୁହୁଡ଼ି ଯୋଗୁଁ ଆମ୍ବ ଚାଷୀମାନେ ମଧ୍ୟ ଗଛର ବଉଳ ନଷ୍ଟ ହେବା କାରଣରୁ ଆମ୍ବ ଉତ୍ପାଦନ ମଧ୍ୟ ପ୍ରଭାବିତ ହେବାର ଆଶଙ୍କା ପ୍ରକାଶ କରିଛନ୍ତି ।



# ସୁବର୍ଣ୍ଣପୁରରେ ଆର୍ଟ ଅଫ୍ ଲିଭିଂ ପକ୍ଷରୁ ହେପିନେସ୍ ପ୍ରୋଗ୍ରାମ୍

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଠାରେ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଦ୍ୱାରା ପରିଚାଳିତ ଆର୍ଟ ଅଫ୍ ଲିଭିଂ ସଂସ୍ଥା ଦ୍ୱାରା ଏକ ହେପିନେସ୍ ପ୍ରୋଗ୍ରାମ୍ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ତିନିଦିନ ଧରି ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଆର୍ଟ ଅଫ୍ ଲିଭିଂର ବରିଷ୍ଠ ଶିକ୍ଷକ ଶ୍ୟାମ୍ ଅଗ୍ରୱାଲ୍ ଏବଂ ଶିକ୍ଷୟିତ୍ରୀ ସୁଶ୍ରୀ ଆସନା ଗୁପ୍ତା ପ୍ରୋଗ୍ରାମ୍‌କୁ ପରିଚାଳନା କରିଥିଲେ । ସ୍ଥାନୀୟ ଜନସାଧାରଣ ବହୁତ୍ ଉତ୍ସାହର ସହ ହାପିନେସ୍ ପ୍ରୋଗ୍ରାମ୍‌ରେ ଭାଗ ନେଇଥିବା ବେଳେ ଲୋକେ ଶାନ୍ତି, ଚିନ୍ତା ମୁକ୍ତ, ଶାନ୍ତ ଓ ଉତ୍ସାହରେ ଭରପୁର୍ ଆନନ୍ଦ ନେଇଥିବାର ଦେଖାଯାଇଥିଲା । ଲୋକଙ୍କର ଉତ୍ସାହ ଓ ଅନୁରୋଧକୁ ଦେଖି ପୁଣି ଆସନ୍ତା ମାର୍ଚ୍ଚ ୨୧ ରୁ ୨୩ ତାରିଖ ପର୍ଯ୍ୟନ୍ତ ଆର୍ଟ ଅଫ୍ ଲିଭିଂର ପରବର୍ତ୍ତୀ ହେପିନେସ୍ ପ୍ରୋଗ୍ରାମ୍ କରାଯିବାର ସ୍ଥିର କରାଯାଇଥିବା ସଂସ୍ଥା ପକ୍ଷରୁ ସୂଚନା ମିଳିଛି । ଏବଂ ଇଚ୍ଛୁକ ବ୍ୟକ୍ତିବିଶେଷ ଆର୍ଟ ଅଫ୍ ଲିଭିଂର ହେପିନେସ୍ ପ୍ରୋଗ୍ରାମ୍‌ରେ ଯୋଗଦେବା ପାଇଁ ୭୦୦୮୧୨୬୦୭୦ ନମ୍ବରରେ ଯୋଗାଯୋଗ କରିବା ପାଇଁ ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି ।

# ନିଆରା ଢଙ୍ଗରେ ପାଳନ ହେଲା 'ସହାୟ'ର ବାର୍ଷିକୋତ୍ସବ




**କଟକ, ନ୍ୟୁଜ୍ ବ୍ୟୁରୋ**

ମାନବ ସେବା ହିଁ ମାଧବ ସେବାର ଅଭିପ୍ରାୟ ନେଇ ସହାୟ ଫାଉଣ୍ଡେସନ୍, କଟକ ତରଫରୁ ଏହାର ବାର୍ଷିକ ଉତ୍ସବ ଏକ ନିଆରା ଢଙ୍ଗରେ ପାଳନ କରାଯାଇଛି । ଏହି ଅବସରରେ ଟାଙ୍ଗୀ ଚୌଦ୍ୱାର ବ୍ଲକ କନ୍ହେଇପୁର ପଞ୍ଚାୟତ ନରଣପୁର ଖେଳପଡିଆରେ ଅନୁଷ୍ଠାନ ତରଫରୁ ପିଲାଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେଥିରେ, କଟକ ଓ ଯାଜପୁର ଅଞ୍ଚଳରେ ରହିଥିବା ଭିନ୍ନକ୍ଷମ, ଅନାଥ, ଅସହାୟ ଓ ଆଶ୍ରମର ଅନ୍ତେବାସୀ ମାନଙ୍କ ମଧ୍ୟରେ କ୍ରୀଡା, ନୃତ୍ୟ, ଗୀତ ସହ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତି ପ୍ରତିଯୋଗୀ ଓ ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ସହାୟର ସଭାପତି ସୌମ୍ୟ ରଞ୍ଜନ ପଣ୍ଡା ଏବଂ ସମ୍ପାଦକ ତାପସ କୁମାର ସାମଲଙ୍କ ମିଳିତ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ପ୍ରଗତି ମହାନ୍ତି ଏବଂ ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ ସ୍ତମ୍ଭକାର ରାକେଶ ପଣ୍ଡା, ଡାଲମିଆ ସିମେଣ୍ଟ ଲିମିଟେଡ୍‌ର କମର୍ସିଆଲ୍ ମୁଖ୍ୟ, ବାପୁ ପ୍ରିୟ ରାମ, ପୂର୍ବତନ ସରପଞ୍ଚ ଅମୂଲ୍ୟ କୁମାର ସାହୁ, ସାମାଜିକ କର୍ମୀ କେଶବ ଚନ୍ଦ୍ର ବେହେରା ଆଦି ଯୋଗଦେଇ ନିଜର ଅଭିଭାଷଣ ମାଧ୍ୟମରେ ଅନୁଷ୍ଠାନର ସମସ୍ତ ସଦସ୍ୟ ଓ କାର୍ଯ୍ୟକର୍ତ୍ତାଙ୍କୁ ସମ୍ବୋଧନ କରିବା ସହ ସେମାନେ କରୁଥିବା ବିଭିନ୍ନ ସାମାଜିକ କଲ୍ୟାଣମୂଳକ କାର୍ଯ୍ୟକ୍ରମ ଗୁଡ଼ିକୁ ଆଗକୁ ଜାରି ରଖିବା ନିମନ୍ତେ ଉତ୍ସହିତ କରିଥିଲେ ।

# ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖାର ବୈଠକ ଓ କର୍ମକର୍ତ୍ତା ନିର୍ବାଚନ ହୋଇଯାଇଛି । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ଗୋଲଖ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ରାଜ୍ୟ ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ଉପ ସଭାପତି ସବିତା ଜେନାଙ୍କ ସହ ଶତାଧିକ ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗଦେଇ ରାଜ୍ୟ ସ୍ତରରେ ମହାସଂଘ ତରଫରୁ ରାଷ୍ଟ୍ର, ଶିକ୍ଷା ଓ ଶିକ୍ଷକ ମାନଙ୍କ ପଇଁ ନିଆଯାଉଥିବା ଅନେକ ଉନ୍ନତି ମୂଳକ ପଦକ୍ଷେପ ସମ୍ପର୍କରେ ରାଜ୍ୟ ସଭାପତି ସୂଚନା ପ୍ରଦାନ କରିଥିଲେ । ବୈଠକରେ ସଭାପତି ଶ୍ରୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ମହାସଂଘର ଜିଲ୍ଲା ଶାଖାର କାର୍ଯ୍ୟକର୍ତ୍ତା ଘୋଷଣା କରାଯାଇଛି । ଉପଦେଷ୍ଟା ବିଦ୍ୟୁତ୍ ଖୁଣ୍ଟିଆ, ଜ୍ୟୋସ୍ନାରାଣୀ ଜେନା, ଜୟଦେବ ମଣ୍ଡଳ, ସୁକାନ୍ତ କୁମାର ତ୍ରିପାଠୀ, ଦିବାକର ବାରିକ, ସଂଗଠନର ସଂପାଦକ କନକ ଓଝା, ସଭାପତି ଭାବେ ପ୍ରମୋଦ କୁମାର ଖୁଣ୍ଟିଆ, ସାଧାରଣ ସଂପାଦକ ଅଶ୍ୱିନୀ କୁମାର ରାଉତ, ଉପ ସଭାପତି ଅନିଲ କୁମାର ଦାସ, କମଳାକାନ୍ତ ସାହୁଙ୍କ ସହ ଅନ୍ୟ କର୍ମକର୍ତ୍ତା ମାନଙ୍କୁ ମନୋନିତ କରାଯାଇଛି । ଏହି ବୈଠକରେ ପ୍ରମୋଦ କୁମାର ଖୁଣ୍ଟିଆ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନନ୍ତ କୁମାର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ବଣିଆପାଟ ଶିଶୁ ବିଦ୍ୟାମନ୍ଦିରର ଦୀକ୍ଷାନ୍ତ ସମାରୋହ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ କଲେଜ ରୋଡ ସ୍ଥିତ ବଣିଆପାଟ ଶିଶୁ ବିଦ୍ୟାମନ୍ଦିର ଦଶମ ଶ୍ରେଣୀ ଛାତ୍ର ଓ ଛାତ୍ରୀ ମାନଙ୍କ ପାଇଁ ଦୀକ୍ଷାନ୍ତ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଦୀନବନ୍ଧୁ ମହାକୁଡ ପୌରୋହିତ୍ୟରେ ତ୍ରିନାଥମେଳା ଅନୁଷ୍ଠିତ ହୋଇ ଦ୍ୱିତୀୟାର୍ଦ୍ଧରେ ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଦ୍ୟାଳୟ ପରିଚାଳନା ସମିତି ଉପସଭାପତି ହୃଦାନନ୍ଦ ପ୍ରଧାନ ସଭାପତିତ୍ୱ କରିଥିଲା ବେଳେ ସଂପାଦକ ଭାଗୀରଥି ଗିରି, ସଦସ୍ୟା ମନ୍ଦାକିନୀ ବେହେରା ଉପସ୍ଥିତ ଥିଲେ । ପ୍ରଥମେ ପ୍ରଧାନ ଆଚାର୍ଯ୍ୟ ଅତିଥି ପରିଚୟ ଓ ସଭାର ଆଭିମୁଖ୍ୟ ବିଷୟରେ ବର୍ଣ୍ଣନା କରିଥିଲେ । ନବମ ଶ୍ରେଣୀର ଛାତ୍ର ଓ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ ପରେ ପରେ ଛାତ୍ରଛାତ୍ରୀ ମାନେ ପୁଷ୍ପଗୁଚ୍ଛ ତଥା ଉପଢ଼ୌକନ ଦେଇଥିଲେ । ଏହାପରେ ଅନୁଭୂତି କଥନ କରିଥିଲେ । ପରେ ପରେ ସଂପାଦକ ଓ ଅନ୍ୟାନ୍ୟ ଅତିଥି ବୃନ୍ଦ ଭବିଷ୍ୟତରେ ଜଣେ ଜଣେ ସୁନାଗରିକ ହେବା ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ମାର୍ଗଦର୍ଶନ କରିଥିଲେ । ଏଥିରେ ବିଦ୍ୟାମନ୍ଦିର ବିଭାଗର ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ସହଯୋଗ କରିଥିଲେ ।

# କୃମି ନାଶକ ଅଭିଯାନର ସଫଳତା ପାଇଁ ଜିଲ୍ଲା ପ୍ରଶାସନର ନିବେଦନ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଜାତୀୟ କୃମିନାଶକ ଦିବସ ଫେବୃୟାରୀ ରାଉଣ୍ଡ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ତଥା ମିଶନ ନିର୍ଦ୍ଦେଶକ ଡାକ୍ତର ଶତ୍ରୁଘ୍ନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ଡ଼ା ଶ୍ରୀ ଦାଶ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭ ଉଦ୍‌ଘାଟନ କରିଥିଲେ ଓ ତାପରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଓ ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ମହୋଦୟ ନିଜ ଅଭିଭାଷଣରେ ଉତ୍ତମ ସ୍ୱାସ୍ଥ୍ୟ ସମସ୍ତଙ୍କ ପାଇଁ ଆବଶ୍ୟକ, ସେଥିନିମନ୍ତେ ସଜାଗ ହେବାପାଇଁ ସମସ୍ତଙ୍କୁ ଉପଦେଶ ଦେଇଥିଲେ ଓ କୃମି ନାଶକ ବଟିକା



ସମସ୍ତେ ଖାଇବାକୁ ପରାମର୍ଶ ଦେଇଥିଲେ । ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରମୋଦ କୁମାର ବାରିକ କୃମି ଦ୍ୱାରା ପିଲାମାନେ ଅପପୁଷ୍ଟି ଓ ରକ୍ତ ହୀନତାରେ ଆକ୍ରାନ୍ତ ହୋଇ କ୍ଲାନ୍ତ ଅନୁଭବ କରନ୍ତି, ପାଠ ପଢ଼ାରେ ମନ ଲାଗେନାହିଁ, ତେଣୁ ସମସ୍ତେ ୧-୧୯ ବର୍ଷ ବୟସର ପିଲାମାନେ କୃମି ନାଶକ ବଟିକା ଖାଇବା ଉଚିତ୍ ବୋଲି କହିଥିଲେ । ଯେଉଁମାନେ ଫେବୃୟାରୀ ୧୦ ତାରିଖରେ କୌଣସି କାରଣରୁ ଖାଇପାରିବେନାହିଁ ଫେବୃୟାରୀ ୧୭ ତାରିଖରେ ମପ ଅପ ଦିବସରେ ନିଶ୍ଚୟ ଖାଇବେ । ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକ ମାନଙ୍କୁ ଅନୁରୋଧ ସେମାନେ ସହଯୋଗ କରିବେ ଓ କୃମି ନାଶକ ଦିବସରେ ୧-୧୯ ବର୍ଷର ପିଲା, ୨୦-୨୪ ବର୍ଷର ମହିଳା (ଗର୍ଭବତୀ ନଥିବେ ଓ ସ୍ତନ୍ୟପାନ କରାଉନଥିବା) ଏହି କୃମି ନାଶକ ବଟିକା ଖାଇବେ । ଏହାର କୌଣସି ପାର୍ଶ୍ୱପ୍ରତିକ୍ରିୟା ନାହିଁ । ତେଣୁ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ, ଅଭିଭାବକ, ସ୍ୱାସ୍ଥ୍ୟ ବିଭାଗର ସମସ୍ତ କର୍ମକର୍ତ୍ତାଙ୍କୁ ଅନୁରୋଧ ଏହି କାର୍ଯ୍ୟକ୍ରମରେ ସହଯୋଗ କରି ସଫଳ କରିବା ବୋଲି ସେ କହିଥିଲେ । ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର ଚକ୍ରଧର ଜେନା ଅଭିଭାଷଣରେ କୃମି ସଂକ୍ରମଣ ନହେବା ପାଇଁ ଖାଇବା ପୂର୍ବରୁ ହାତ ଧୋଇବା, ଶୌଚାଳୟ ବ୍ୟବହାର ପରେ ହାତକୁ ଭଲାଭାବେ ସାବୁନ୍‌ରେ ସଫା କରିବା ଓ ଚପଲ ବ୍ୟବହାର କରିବା । ପ୍ରଧାନ ଶିକ୍ଷକ ମିହିର କୁମାର ପାଲ ଅତିଥିଙ୍କ ସ୍ୱାଗତ କରିବା ସହ ଏହି କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ସଫଳ ଆୟୋଜନ କରି ଆସୁଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ ଓ ଡେପୁଟି ମ୍ୟାନେଜର ସୁକାନ୍ତ କୁମାର ପ୍ରଧାନ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଓ ଉକ୍ତ ଉତ୍ସବରେ ଜିଲ୍ଲା ସ୍ତରରୁ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ସଚଳା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ରାଜ୍ୟଶ୍ରୀ ସାହୁ, ସହରାଞ୍ଚଳ ପ୍ରୋଗ୍ରାମ ମ୍ୟାନେଜର୍ ମନୋରଞ୍ଜନ ମହାପାତ୍ର, ଆସିଷ୍ଟାଣ୍ଟ ମ୍ୟାନେଜର ସ୍ୱସ୍ତି ମହାନ୍ତି, ଅମିତା ପଣ୍ଡା, ସୋନିଆ ବୋଷ, ସୁଜାତା ପ୍ରିୟମ୍ବଦା ଦାଶ, ଜିଲ୍ଲା ଡାଟା ମ୍ୟାନେଜର ଜ୍ୟୋତି ରଞ୍ଜନ ପରିଡା, ମହିଳା ସ୍ୱାସ୍ଥ୍ୟ କର୍ମୀ ଦୀପ୍ତିମୟୀ ଷଡଙ୍ଗୀ, ଆଶା କର୍ମୀ, ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀଙ୍କ ସମେତ ବିଜୟଲକ୍ଷ୍ମୀ ଦାସ, ସସ୍ମିତା ଶତପଥୀ ପରିଚାଳନାରେ ସହଯୋଗ କରିଥିଲେ ଓ ବିଦ୍ୟାଳୟର ଛାତ୍ରୀ ମାନଙ୍କ ସହ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ।।।।।। ତୁଳସୀ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ।।।।।।

# 'ନିଷ୍ଠା ଓ ଅଭିଜ୍ଞତା ସଫଳତାର ଚାବିକାଠି'

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଗୋପ ସ୍ଥିତ ତୁଳସୀ ମହିଳା ମହା ବିଦ୍ୟାଳୟର ବାର୍ଷିକ ଉତ୍ସବ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ସୋଆ ବିଶ୍ୱ ବିଦ୍ୟାଳୟର ମୁଖ୍ୟ ଓ ମେଡିକାଲ୍ ପରାମର୍ଶଦାତା ତଥା ଏ.ଆଇ.ଆଇ.ଏମ୍.ଏସ୍. ଭୁବନେଶ୍ୱରର ଅବସରପ୍ରାପ୍ତ ନିର୍ଦ୍ଦେଶକ ପଦ୍ମଶ୍ରୀ ପ୍ରଫେସର୍ ଡାକ୍ତର ଅଶୋକ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଜ୍ଞାନ, ନିଷ୍ଠା, ସଚ୍ଚୋଟତା, ଅଭିଜ୍ଞତା ସଫଳତାର ଚାବିକାଠି ବୋଲି ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । କେନ୍ଦ୍ରାପଡ଼ାର ଅତିରିକ୍ତ ଜିଲ୍ଲାପାଳ ତଥା ମହାବିଦ୍ୟାଳୟ ପରିଚାଳନା ସମିତିର ସଭାପତି ନିଲୁ ମହାପାତ୍ର ମାନସିକ କ୍ଷେତ୍ରରେ ଆମେ ସୁଦୃଢ଼ ହୋଇପାରିଲେ




ଆମେ ସବୁ କ୍ଷେତ୍ରରେ ଜିତିପାରିବା ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଶୈଳବାଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡ଼ଃ ସୁଲୋଚନା ଦାସ ଛାତ୍ରୀମାନଙ୍କୁ ଚରିତ୍ର ଗଠନ ତଥା ଶୃଙ୍ଖଳିତ ଜୀବନ ଯାପନ ପାଇଁ ଉପାଦେୟ ପରାମର୍ଶ ପ୍ରଦାନ କରିଥିଲେ । ଅଧ୍ୟକ୍ଷ ପ୍ରଫେସର୍ ରିତ୍ ରଞ୍ଜନ ସାହୁ ଉତ୍ସବରେ ପୌରହିତ୍ୟ କରିବା ସହିତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଉତ୍ସବରେ କମିଟିର ଉପଦେଷ୍ଟା ଡ଼ଃ ମଥୁରୀ ଚରଣ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଶାସନିକ ଅଧିକାରିଣୀ ପ୍ରାଧ୍ୟାପିକା ଜ୍ୟୋସ୍ନାମୟୀ ପତି ବାର୍ଷିକ ବିବରଣୀ ପାଠ କରିଥିଲେ । ଅଧ୍ୟକ୍ଷ ପ୍ରଫେସର୍ ସାହୁ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି, ମୁଖ୍ୟବକ୍ତାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ନାଟ୍ୟ ସଂସଦର ଉପସଭାପତି ଅଧ୍ୟାପିକା ପ୍ରଜ୍ଞା ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ । ସଭା କାର୍ଯ୍ୟକୁ ଅଧ୍ୟାପିକା ଡ଼ଃ ଶକ୍ତି ଶେଖର ଦାଶ ଓ ଅଧ୍ୟାପିକା ଭାରତୀ ଜେନା ସଂଯୋଜନା କରିଥିଲେ । ବିଭିନ୍ନ ସାହିତ୍ୟ ଓ ସାଂସ୍କୃତିକ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ବିଶ୍ୱର ୪୬ ପ୍ରତିଶତ ଭାରତରେ ଡିଜିଟାଲ୍ କାରବାର

ଭାରତର ଜି-୨୦ ସେର୍ପା ଓ ନିତି ଆୟୋଗର ପୂର୍ବତନ ସିଇଓ ଅମିତାଭ କାନ୍ତ କହିଛନ୍ତି ଯେ ୨୦୨୫ରେ ଜାପାନକୁ ଅତିକ୍ରମ କରି ଭାରତ ବିଶ୍ୱର ଚତୁର୍ଥ ବଡ଼ ଅର୍ଥନୀତି ଭାବେ ଉଭା ହେବ। ବର୍ତ୍ତମାନ ଆମେରିକା, ଚୀନ୍, ଜର୍ମାନୀ ଓ ଜାପାନ ପଛକୁ ଭାରତ ପଞ୍ଚମ ବଡ଼ ଅର୍ଥନୀତି ହୋଇରହିଛି। ଦଶ ବର୍ଷ ପୂର୍ବେ ଭାରତ ବୃହତ ଅର୍ଥନୀତି ମଧ୍ୟରେ ଏକାଦଶତମ ସ୍ଥାନରେ ଥିଲେ। ଏହାପରେ କିନ୍ତୁ ସେଥିରେ ଦ୍ରୁତ ବୃଦ୍ଧି ଘଟିଛି। ଅର୍ଥନୀତିରେ ଅନେକ ସକାରାତ୍ମକ ପରିବର୍ତ୍ତନ ଦେଖିବାକୁ ମିଳିଛି। ବର୍ତ୍ତମାନ ଭାରତ ହେଉଛି ଏକ ୩.୭ ଟ୍ରିଲିଅନ ଡଲାର ଅର୍ଥନୀତି।

ଅମିତାଭଙ୍କ ମତରେ ୨୦୧୫ରେ ଭାରତ ପାଞ୍ଚଟି ସଂଘର୍ଷ କରୁଥିବା ଅର୍ଥନୀତି ମଧ୍ୟରୁ ଅନ୍ୟତମ ଥିଲା। ବ୍ରାଜିଲ୍, ଇଣ୍ଡୋନେସିଆ, ଦକ୍ଷିଣ ଆଫ୍ରିକା ଓ ତୁର୍କୀ ସହ ଭାରତକୁ ସେହି ତାଲିକାରେ ମର୍ଗାନ୍ ଷ୍ଟାନ୍ଲିର ବିଶେଷଜ୍ଞମାନେ ସାମିଲ କରିଥିଲେ। ଏବେ ପଞ୍ଚମ ବୃହତ୍ତମ ଅର୍ଥନୀତି ଭାବେ ଉଭା ହୋଇଛି। ଏହା ପଛର କାରଣଗୁଡ଼ିକ ହେଉଛି ଜିଏସ୍ଟି ସଂଗ୍ରହରେ ରେକର୍ଡ, ଅଭିବୃଦ୍ଧି ୮%ରୁ ଅଧିକ ରହିବା, ୨୭ଟି ଦେଶ ସହ ଭାରତୀୟ ମୁଦ୍ରାରେ କାରବାର ଏବଂ ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିବା। କେବଳ ସେତିକି ନୁହେଁ, ଇସ୍ପାତ, ସିମେଣ୍ଟ ଓ ଗାଡ଼ି ଉତ୍ପାଦନରେ ଦୁଇ ଗୁଣା ବୃଦ୍ଧି ହୋଇଥିଲା ବେଳେ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମିରେ ଭାରତ ବିଶ୍ୱର ଅଗ୍ରଣୀ ଦେଶ ଭାବେ ଉଭା ହୋଇଛି। ବିଶ୍ୱର ୪୬ ପ୍ରତିଶତ ଡିଜିଟାଲ୍ କାରବାର ଭାରତରେ ହେଉଛି। ଜନ ଧନ ଖାତାରେ ୨.୩୨ ଲକ୍ଷ କୋଟି ଟଙ୍କା ରହିଛି। ସେ କହିଛନ୍ତି ଯେ ୨୦୦୩-୪ରୁ ୨୦୧୩-୧୪ ମଧ୍ୟରେ ହାରାହାରି ମୁଦ୍ରାସ୍ଫୀତି ୮.୨ ପ୍ରତିଶତ ଥିବା ବେଳେ ୨୦୧୩-୧୪ରୁ ୨୦୨୨-୨୩ ମଧ୍ୟରେ ତାହା ୫%କୁ ହ୍ରାସ ପାଇଛି। ନିକଟରେ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ପ୍ରକାଶ କରିଥିବା ଏକ ରିପୋର୍ଟରେ ଆକଳନ କରିଛି ଯେ ଭାରତ ବିଶ୍ୱର ସବୁଠୁ ଦ୍ରୁତ ଗତିରେ ଆଗକୁ ବଢୁଥିବା ଅର୍ଥନୀତି ହୋଇରହିବ। ଏହା ଭାରତ ପାଇଁ ନିଜର ଅଭିବୃଦ୍ଧି ଆକଳନକୁ ୬.୫ ପ୍ରତିଶତରୁ ବଢ଼ାଇ ୬.୮ ପ୍ରତିଶତ କରିଛି। ୨୦୨୧-୨୨ରେ ଭାରତର ଅଭିବୃଦ୍ଧି ୮.୭ ପ୍ରତିଶତ ଥିବା ବେଳେ ୨୦୨୨-୨୩ରେ ୭.୨ ପ୍ରତିଶତ ରହିଛି। ଫଳରେ ବିଶ୍ୱ ଅର୍ଥନୀତି ପ୍ରତି ଭାରତର ଅବଦାନ ଆହୁରି ଦୃଢ଼ ହୋଇପାରିଛି।

# ସାମ୍ବାଦିକ ପେନସନ୍ ଓ ପ୍ରେସ୍ ଏକାଡେମୀ



ପ୍ରଭୁକଲ୍ୟାଣ ମହାପାତ୍ର
ମୋ : ୯୯୩୭୭୧୧୩୮୯

ସାମ୍ବାଦିକତା ହେଉଛି ଏକ ମହାନ୍ ବୃତ୍ତି, ଯେଉଁଥିରେ ସମାଜ ସେବା କରିବାର ବିପୁଳ ସୁଯୋଗ ଓ ସମ୍ଭାବନା ରହିଛି। ଏହି ବୃତ୍ତିର ସଠିକ୍ ଉପଯୋଗ ଦ୍ୱାରା ସମାଜର ଅଶେଷ କଲ୍ୟାଣ ସାଧନ ସମ୍ଭବ ହୋଇଥାଏ। ତେଣୁ ଏହି ବୃତ୍ତିଧାରୀ ବ୍ୟକ୍ତିବିଶେଷ ବା ସାମ୍ବାଦିକମାନଙ୍କୁ ସମାଜ ମଧ୍ୟ ଯଥେଷ୍ଟ ସମ୍ମାନ ପ୍ରଦର୍ଶନ କରିଥାଏ। ସାମ୍ବାଦିକ ଓ ରାଜନେତା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ସଦୃଶ। କାରଣ ଜନସେବା ହେଉଛି ଏହି ଦୁଇଟି ବୃତ୍ତିର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଏହି ଦୁଇ ବୃତ୍ତିର ବ୍ୟକ୍ତିବିଶେଷ ମଧ୍ୟ ସମାଜରେ ସମ୍ମାନସ୍ପଦ। ତେବେ ରାଜନେତାମାନଙ୍କ ଆତ୍ମକୈନ୍ଦ୍ରିକ ମନୋଭାବ ଯୋଗୁଁ ସାଂସଦ ଓ ବିଧାୟକଙ୍କ ଭଳି ଜନ ପ୍ରତିନିଧିମାନେ ଆର୍ଥିକ ଦୃଷ୍ଟିରୁ ଅପେକ୍ଷାକୃତ ସ୍ୱଚ୍ଛଳ ସ୍ଥିତିରେ କାଳାତିପାତ କରୁଛନ୍ତି। ମାତ୍ର ରାଜନେତାମାନଙ୍କ ଆଚରଣ ଓ ଆଭିମୁଖ୍ୟରେ ସଂକୀର୍ଣ୍ଣତା ରହିବା ଯୋଗୁଁ ଓଡ଼ିଶାରେ ସାମ୍ବାଦିକମାନେ ଆର୍ଥିକ ଦୁର୍ଗତିର ଶୀକାର ହୋଇ ଅତ୍ୟନ୍ତ ଦୁର୍ଦ୍ଦଶାଗ୍ରସ୍ତ ଜୀବନ ବିତାଉଛନ୍ତି।

ପ୍ରଚଳିତ ବ୍ୟବସ୍ଥା ଅନୁସାରେ ଜଣେ ରାଜନେତା ଅବସରପ୍ରାପ୍ତ ସରକାରୀ ଅଧିକାରୀ, ପୂର୍ବତନ ବିଧାୟକ ଏବଂ ପ୍ରାକ୍ତନ ସାଂସଦ ହୋଇଥିଲେ, ସେ ଏକକାଳୀନ ତିନୋଟିଯାକ ପଦବୀର ପେନସନ୍ ହାତେଇ ପାରିବେ। ତେଣୁ ଅଭିଯୋଗ ହୁଏ ଯେ, ନିଜେ ଅଖଣ୍ଡ କ୍ଷମତାର ଅଧିକାରୀ ହୋଇଥିବା ଯୋଗୁଁ ରାଜନେତାମାନେ ନିଜ ସପକ୍ଷରେ ଏଭଳି ସୁବିଧା କରାଇ ନେଇଛନ୍ତି। କେବଳ ସେତିକି ନୁହେଁ, ବିଧାୟକ ଓ ସାଂସଦମାନେ ନିଜ ଦରମା, ଭତ୍ତା ଏବଂ ପେନସନ୍ ସଂଶୋଧନର କ୍ଷମତା ମଧ୍ୟ ନିଜ ହାତରେ ରଖିଛନ୍ତି। ରାଜନେତାମାନଙ୍କ ଏଭଳି ଆତ୍ମସ୍ୱାର୍ଥକୈନ୍ଦ୍ରିକ ଆଚରଣକୁ ବିଭିନ୍ନ ମହଲ ଘୋର ନାପସନ୍ଦ କରିବା ସହିତ ଦୃଢ଼ ବିରୋଧ ମଧ୍ୟ କରୁଛନ୍ତି। ଏହି ପୃଷ୍ଠଭୂମିରେ ସାମ୍ବାଦିକମାନଙ୍କ ପାଇଁ ପେନସନ୍ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିବା ଯଥାର୍ଥ ମନେହୁଏ। ସମାଜ ପ୍ରତି ସାମ୍ବାଦିକମାନଙ୍କ ଅବଦାନକୁ ସ୍ୱୀକୃତି ପ୍ରଦାନ, ସେମାନଙ୍କ ଆର୍ଥିକ ଅସ୍ୱଚ୍ଛଳ ସ୍ଥିତିକୁ ଉପଲବ୍ଧି କରିବା ସହିତ ସାମ୍ବାଦିକତା ଭଳି ଅନିଶ୍ଚିତ ତଥା ବିପଦଜନକ ବୃତ୍ତିକୁ ଦୃଷ୍ଟିରେ ରଖି ଦେଶର ବିଭିନ୍ନ ପ୍ରଦେଶର ରାଜ୍ୟ ସରକାର ପତ୍ରକାର ପେନସନ୍ ବ୍ୟବସ୍ଥା ଲାଗୁ କରିଛନ୍ତି। କେତେକ ରାଜ୍ୟ ସରକାର ଅନ୍ୟୁନ ୨୦ ବର୍ଷର ସାମ୍ବାଦିକତା ଅଭିଜ୍ଞତା ଥିବା ପତ୍ରକାରମାନଙ୍କୁ ୫୮ ବୟସ ପରେ ମାସିକ ପେନସନ୍ ସହିତ ସ୍ୱାସ୍ଥ୍ୟ ବୀମା, ନଗଦ ଅର୍ଥରାଶିର ପୁରସ୍କାର ପ୍ରଭୃତି ମଧ୍ୟ ପ୍ରଦାନ କରୁଛନ୍ତି। ତେବେ ସାମ୍ବାଦିକମାନଙ୍କ ଲାଗି ପେନସନ୍ ବ୍ୟବସ୍ଥା ଲାଗୁ କରିବା ପାଇଁ ଚାରି ଦଶନ୍ଧିରୁ ଊର୍ଦ୍ଧ୍ୱକାଳ ଧରି ଓଡ଼ିଶାରେ ଦାବି ହୋଇ ଆସୁଥିଲେ ମଧ୍ୟ ବିଭିନ୍ନ ଦଳର ସରକାର ତାକୁ ଅଣଦେଖା କରି ଆସୁଛନ୍ତି। ଅଶୀ ଦଶକରେ ରାଜ୍ୟରେ କଂଗ୍ରେସ ସରକାର ପ୍ରତିଷ୍ଠା ହୋଇଥିଲା। ଜାନକୀ ବଲ୍ଲଭ ପଟ୍ଟନାୟକ ସେହି ସମୟରେ ଦୀର୍ଘକାଳୀନ ମୁଖ୍ୟମନ୍ତ୍ରୀ ଥିଲେ। ଜାନକୀବାବୁ କେବଳ ଜଣେ ବିଚକ୍ଷଣ ରାଜନେତା ନଥିଲେ। ସେ ମଧ୍ୟ ଥିଲେ ଜଣେ ପ୍ରଥିତଯଶା ସାହିତ୍ୟିକ ଏବଂ ବିଶିଷ୍ଟ ସାମ୍ବାଦିକ। ସେତେବେଳେ ସାମ୍ବାଦିକମାନଙ୍କୁ ପେନସନ୍ ଦେବାଲାଗି ରାଜ୍ୟରେ ସ୍ୱର ଉତ୍ତୋଳନ ହୋଇଥିଲା। ସାମ୍ବାଦିକରୁ ରାଜନେତା ବନିଥିବା ଜାନକୀବାବୁ ନିଶ୍ଚିତ ଭାବରେ 'ପତ୍ରକାର ପେନସନ୍' ବ୍ୟବସ୍ଥା କାର୍ଯ୍ୟକାରୀ କରିବେ ବୋଲି ରାଜ୍ୟର ସାମ୍ବାଦିକମାନେ ସ୍ୱାଭାବିକ ଭାବରେ ଆଶା କରିଥିଲେ। କିନ୍ତୁ ଜାନକୀ-ସରକାର ଉପରେ ଉପଯୁକ୍ତ ଚାପ ସୃଷ୍ଟି ଅଭାବରୁ ତାହା ରୂପାୟିତ ହୋଇ ପାରିଲା ନାହିଁ। ଦୁଇ ହଜାର ମସିହାରେ ଓଡ଼ିଶାରେ ନବୀନ-ସରକାର ପ୍ରତିଷ୍ଠା ହେଲା। ଏହି ସମୟରେ ମଧ୍ୟ ସାମ୍ବାଦିକମାନଙ୍କୁ ପେନସନ୍ ଦେବାଲାଗି ଦୃଢ଼ ଦାବି ଉପସ୍ଥାପନ କରାଗଲା। ଫଳରେ ନବୀନ ସରକାର ବିଧାନସଭା ଭିତରେ ଓ ବାହାରେ ଏକାଧିକ ଥର ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ଯେ, ଏହି ପେନସନ୍ ବ୍ୟବସ୍ଥା ତୁରନ୍ତ କାର୍ଯ୍ୟକାରୀ କରାଯିବ। ଦେବାଶୀଷ ନାୟକ ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ଥିବାବେଳେ ଗୋଟିଏ କମିଟି ଗଠନ କରିଥିଲେ। ଉକ୍ତ କମିଟି କେତେକ ରାଜ୍ୟକୁ ଗସ୍ତକରି ସାମ୍ବାଦିକ ପେନସନ୍ ଯୋଜନାର କାର୍ଯ୍ୟକାରିତାକୁ ମଧ୍ୟ ଅନୁଧ୍ୟାନ କରିଥିଲା। ଏପରିକି ୨୦୧୪ ମସିହା ସାଧାରଣ ନିର୍ବାଚନର ଅବ୍ୟବହିତ ପୂର୍ବରୁ ନବୀନଙ୍କ ନେତୃତ୍ୱାଧୀନ ବିଜୁ ଜନତା ଦଳ ଘୋଷଣା କରିଥିଲା ଯେ, ରାଜ୍ୟର ସାମ୍ବାଦିକମାନଙ୍କ ପାଇଁ ପେନସନ୍ ଓ ସ୍ୱାସ୍ଥ୍ୟ ବୀମା ଯୋଜନା ତୁରନ୍ତ ଲାଗୁ କରାଯିବ। ଏହାପରେ ନବୀନ ପଟ୍ଟନାୟକ ଅଧିକ ଦଶବର୍ଷ ଧରି ରାଜ୍ୟକୁ ଶାସନ କରିଥିଲେ ସୁଦ୍ଧା ନିର୍ବାଚନ ସମୟର ପେନସନ୍ ପ୍ରତିଶ୍ରୁତିକୁ ସମ୍ପୂର୍ଣ୍ଣ ପାଶୋରି ଦେଇଥିଲା। ନବୀନ ସରକାର କ୍ଷମତାରେ ଥିବାବେଳେ ମୁଖ୍ୟ ବିରୋଧୀ ଦଳ ହିସାବରେ ବି.ଜେ.ପି. ବା ଭାରତୀୟ ଜନତାପାର୍ଟିର ବିଧାୟକମାନେ ମଧ୍ୟ ସାମ୍ବାଦିକ ପେନସନ୍ ଯୋଜନା କାର୍ଯ୍ୟକାରୀ କରିବା ଲାଗି ବଳିଷ୍ଠ ଦାବି ଉପସ୍ଥାପନ କରିଥିଲେ। ପରିବର୍ତ୍ତିତ ପରିସ୍ଥିତିରେ ବି.ଜେ.ପି. ଗତ ଆଠ ମାସ ଧରି ରାଜ୍ୟରେ କ୍ଷମତାସୀନ ଅଛି। ନିକଟରେ ବିଜେପିର ମୋହନ ସରକାର ଜରୁରୀ ପରିସ୍ଥିତି ସମୟରେ କାରାବରଣ କରିଥିବା ରାଜନେତା ଏବଂ ପଦ୍ମ ପୁରସ୍କାର ପ୍ରାପ୍ତ ବ୍ୟକ୍ତିବିଶେଷଙ୍କ ପାଇଁ ପେନସନ୍ ଘୋଷଣା କରିଛି। ତାହା ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ ଏବଂ ପ୍ରଶଂସନୀୟ ପଦକ୍ଷେପ। ମାତ୍ର ଚାରି ଦଶନ୍ଧିରୁ ଊର୍ଦ୍ଧ୍ୱ କାଳଧରି ଦାବି ହୋଇ ଆସୁଥିବା ପେନସନ୍ ଭଳି ମୌଳିକ ଦାବି ସମ୍ପର୍କରେ ବର୍ତ୍ତମାନର ସରକାର ସମ୍ପୂର୍ଣ୍ଣ ନିରବ ରହିବା ଘଟଣା ରାଜ୍ୟର ସାମ୍ବାଦିକମାନଙ୍କୁ ଗଭୀର ଭାବରେ ବ୍ୟଥିତ କରିଛି। ମାତ୍ର ଚବିଶ ବର୍ଷ ତଳେ ଅର୍ଥାତ୍ ୨୦୦୦ ମସିହାରେ ଛତିଶଗଡ଼, ଝାଡ଼ଖଣ୍ଡ ଓ ଉତ୍ତରାଖଣ୍ଡ ଭଳି ଛୋଟିଆ ରାଜ୍ୟର ପ୍ରାଦେଶିକ ସରକାର ସାମ୍ବାଦିକମାନଙ୍କ ଲାଗି ପେନସନ୍ ବ୍ୟବସ୍ଥା ଲାଗୁ କରି ସାରିଛନ୍ତି। ଏପରିକି ପୁଡୁଚେରୀ ଭଳି କ୍ଷୁଦ୍ର କେନ୍ଦ୍ର ଶାସିତ ଅଞ୍ଚଳ ୨୦୦୩ ମସିହାରୁ ସାମ୍ବାଦିକମାନଙ୍କୁ ପେନସନ୍ ପ୍ରଦାନ କରୁଛି। ହରିଆନା ରାଜ୍ୟ ସରକାର ସାମ୍ବାଦିକମାନଙ୍କୁ ୧୫ ହଜାର ଟଙ୍କା ପେନସନ୍ ସହିତ ୧୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ସୁବିଧା ଦେଉଛନ୍ତି। ଛତିଶଗଡ଼ ସରକାର ସାମ୍ବାଦିକମାନଙ୍କୁ ମାସିକ ଦଶ ହଜାର ଟଙ୍କା ପେନସନ୍ ଆକାରରେ ପ୍ରଦାନ କରୁଥିବା ବେଳେ ଉତ୍ତରାଖଣ୍ଡ ଓ ଆସାମ ୮ ହଜାର ଟଙ୍କା, ଝାଡ଼ଖଣ୍ଡ ୭,୫୦୦ ଟଙ୍କା ପେନସନ୍ ଦେଉଛନ୍ତି। ଅନ୍ୟପକ୍ଷରେ ତାମିଲନାଡୁ, କେରଳ, ପଶ୍ଚିମବଙ୍ଗ, ବିହାର, ଉତ୍ତରପ୍ରଦେଶ, ତ୍ରିପୁରା ଆଦି ରାଜ୍ୟ ମଧ୍ୟ ସାମ୍ବାଦିକମାନଙ୍କୁ ପେନସନ୍, ସ୍ୱାସ୍ଥ୍ୟବୀମା ଆଦି ସୁବିଧା ଯୋଗାଇ ଦେଉଛନ୍ତି। ଏତଦଭିନ୍ନ କେତେକ ରାଜ୍ୟ ସାମ୍ବାଦିକମାନଙ୍କୁ ପ୍ରୋତ୍ସାହିତ କରିବା ଲାଗି ନଗଦ ଅର୍ଥରାଶିର ପୁରସ୍କାର ମଧ୍ୟ ଦେଉଛନ୍ତି। ତେବେ ବିଡ଼ମ୍ବନାର ବିଷୟ ହେଉଛି, ରାଜ୍ୟର ତିନୋଟିଯାକ ପ୍ରମୁଖ ଦଳ ବିଜେପି, ବିଜେଡ଼ି ଓ କଂଗ୍ରେସ ଦଳର ରାଜନେତାମାନଙ୍କ ଆନ୍ତରିକତାର ଅଭାବ ଯୋଗୁଁ ୮୮ ବର୍ଷ ତଳେ ଭାଷାଭିତ୍ତିରେ ସୃଷ୍ଟ ପ୍ରଥମ ପ୍ରଦେଶ ଓଡ଼ିଶାରେ ଅଦ୍ୟାବଧି ସାମ୍ବାଦିକମାନଙ୍କ ପାଇଁ ପେନସନ୍ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇପାରି ନାହିଁ। କିନ୍ତୁ ଏହି ଗରିବ ରାଜ୍ୟର କୋଟିପତି ବିଧାୟମାନଙ୍କ ପାଇଁ ବ୍ୟବସ୍ଥିତ ଲକ୍ଷାଧିକ ଟଙ୍କାର ଦରମା ଓ ଭତ୍ତା ନିଅଣ୍ଟ ହେଉଥିବାରୁ ସେମାନେ ତାହା ତୁରନ୍ତ ବୃଦ୍ଧି କରିବା ପାଇଁ ଦୃଢ଼ ଦାବି କରୁଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଦରିଦ୍ର ଓଡ଼ିଶା ରାଜ୍ୟରେ ବର୍ତ୍ତମାନ ୭୩ ପ୍ରତିଶତ ଅର୍ଥାତ୍ ୧୦୭ ଜଣ କୋଟିପତି ବିଧାୟକ ଅଛନ୍ତି। ସେହି କୋଟିପତି ବିଧାୟକମାନେ ତାଙ୍କର ଦରମା ଓ ଭତ୍ତା ସ୍ୱେଚ୍ଛାକୃତ ଭାବେ ପରିହାର କରିବା ପରିବର୍ତ୍ତେ ତାହା ଅଗତ୍ୟା ପରିବର୍ଦ୍ଧନ କରାଯାଉ ବୋଲି ଆବାଜ ଉଠାଉଛନ୍ତି। ଅନ୍ୟପକ୍ଷରେ ଓଡିଶା ପ୍ରେସ୍ ଏକାଡେମୀ ପ୍ରତିଷ୍ଠା ଲାଗି ମଧ୍ୟ ରାଜ୍ୟ ସରକାର ସମାନ୍ୟତମ ଆନ୍ତରିକତା ପ୍ରଦର୍ଶନ କରୁନାହାନ୍ତି। ଏହି ଏକାଡେମୀ ଗଠନ କରାଗଲେ ରାଜ୍ୟରେ ସାମ୍ବାଦିକତାର ବିଭିନ୍ନ ଦିଗ ପରିପୁଷ୍ଟ ହୋଇପାରିବ। ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଏବେ ଗଳ୍ପ, କବିତା, ଉପନ୍ୟାସ, ଜୀବନୀ, ଅନୁବାଦ, ଆତ୍ମଜୀବନୀ, ରମ୍ୟରଚନା ଆଦି କ୍ଷେତ୍ରର ଯଶସ୍ୱୀ ଲେଖକମାନଙ୍କୁ ପ୍ରତିବର୍ଷ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରାଯାଉଛି। ତଦ୍ଦ୍ୱାରା ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଋଦ୍ଧିମନ୍ତ ହୋଇପାରୁଛି। ଅନୁରୂପ ଭାବେ ପ୍ରେସ୍ ଏକାଡେମୀ ଗଠିତ ହେଲେ ଫିଚର, ଗୁରିତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକର ବିଶ୍ଳେଷଣ, ଅନୁସନ୍ଧାନମୂଳକ ରିପୋର୍ଟିଂ, ଲୋକଲୋଚନର ଅନ୍ତରାଳରେ ଥିବା ବିସ୍ମୃତ ତଥ୍ୟଗୁଡିକର ପୁନରୁଦ୍ଧାର, ମୌଳିକ ଜନସମସ୍ୟାଗୁଡ଼ିକର ବଳିଷ୍ଠ ଉପସ୍ଥାପନା, ସାମାଜିକ କୁସଂସ୍କାର ବିରୁଦ୍ଧରେ ଶାଣିତ ଲେଖନୀ ଚାଳନା, ଆମର ସମୃଦ୍ଧ ଆଦିବାସୀ ସଂସ୍କୃତିର ଲୁକ୍କାୟିତ ବିଷୟବସ୍ତୁ ଉଜାଗର, ପରିବେଶ ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକର ଆଲୋଚନା ବେଶ୍ ପରିପୁଷ୍ଟ ହୋଇପାରିବ। ସାମ୍ବାଦିକମାନେ ମଧ୍ୟ ଏହି ସବୁ ମହତ୍ତ୍ୱପୂର୍ଣ୍ଣ ଦିଗ ଉପରେ ଦୃଷ୍ଟି ନିକ୍ଷେପ କରି ବଳିଷ୍ଠ ଲେଖନୀ ଚାଳନା କରିପାରିବେ। ପ୍ରେସ୍ ଏକାଡେମୀ ପକ୍ଷରୁ ରାଜ୍ୟର ଶ୍ରେଷ୍ଠ ସାମ୍ବାଦିକ ପୁରସ୍କାର ପ୍ରଦାନ ସହିତ ସାମ୍ବାଦିକତାର ବିଭିନ୍ନ ବିଭାଗରେ ଶାଣିତ ଲେଖନୀ ଚାଳନା କରୁଥିବା ସାମ୍ବାଦିକମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରାଯାଇପାରିବ। ଫଳରେ ସମ୍ବାଦିକତା କ୍ଷେତ୍ର ପରିପୁଷ୍ଟ ହେବା ସାଙ୍ଗକୁ ଓଡ଼ିଶା ଏବଂ ଓଡ଼ିଶାବାସୀ ବିଶେଷ ଭାବରେ ଉପକୃତ ହୋଇପାରିବେ। ତେବେ କେତେକ ମହଲରେ ସାମ୍ବାଦିକମାନଙ୍କୁ କେବଳ "ଖବରଦାତା" ବୋଲି ସମ୍ବୋଧନ କରାଯାଉଛି। ଯେଉଁମାନେ ସାମ୍ବାଦିକମାନଙ୍କୁ କେବଳ "ଖବରଦାତା" ହିସାବରେ ଚିତ୍ରଣ କରୁଛନ୍ତି, ସେମାନେ ନିଜ ଅଜ୍ଞାନତାର ହିଁ ପରିଚୟ ଦେଉଛନ୍ତି। ସାମ୍ବାଦିକତାର ବିଶାଳ ଦିଗନ୍ତକୁ ବୁଝିବା ପାଇଁ ସେମାନେ ଅକ୍ଷମ ବୋଲି ବିଚାରିବାକୁ ହେବ। ସାମ୍ବାଦିକ ବା ପତ୍ରକାରମାନଙ୍କ କଲମ ମୁନରେ ଅନେକ ଦେଶର ସରକାର ଓ ଶାସନ ମୁଖ୍ୟ ଟଳି ପଡ଼ିଛନ୍ତି। ତେଣୁ ସେମାନଙ୍କ ଶକ୍ତି ବା ପରାକ୍ରମକୁ ଯେଉଁମାନେ ଉପହାସ କରୁଛନ୍ତି, ସେମାନେ ନିଜର ସୀମିତ ଜ୍ଞାନକୁ ହିଁ ପ୍ରତିପାଦିତ କରୁଛନ୍ତି। ତେବେ ଓଡ଼ିଶାରେ ସାମ୍ବାଦିକମାନଙ୍କ ମଧ୍ୟରେ ଦୃଢ଼ ଏକତାର ଜରୁରୀ ଆବଶ୍ୟକତା ରହିଛି। ପେନସନ୍ ଓ ପ୍ରେସ୍ ଏକାଡେମୀ ଭଳି ମୌଳିକ ଦାବିଗୁଡ଼ିକ ସେମାନେ ସରକାରଙ୍କ ସମ୍ମୁଖରେ ବଳିଷ୍ଠ ଭାବରେ ଉପସ୍ଥାପନ କରି ପାରିଲେ, ତାହା ପୂରଣ ହେବା ପାଇଁ ଆଦୌ ବେଶୀ ସମୟ ଲାଗିବ ନାହିଁ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁଗସ୍ଥା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମ୍ଜୁତେ ।'



ଶ୍ରୀ ଅଭିରାମ ସରସ୍ୱତୀ

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କଣ୍ଠସ୍ୱରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅ୍ୱ ବ୍ୟ୍ୱ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡସମାସୀ (୧୫)

ଲକ୍ଷ୍ୟ ମୋର ପାଉ ନାହିଁ
ଏଜଗତ ମଧ୍ୟେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁଗସ୍ଥା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)
ସବସ୍ତ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)
ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)
(କ୍ରମଶଃ)

# ଘରେ ପଶି ମାରୁଛି ଭାରତ !



ହିତାଂଶୁ ଶେଖର ମହାନ୍ତ
(ଯଶିପୁର, ମୟୂରଭଞ୍ଜ,
ମୋ-୯୪୩୭୮୭୨୯୦୪)

ସତରେ କ'ଣ ପାକିସ୍ତାନର ଘରେ ପଶି ଭାରତ ତା'କୁ ବାଡ଼ଉଛି ! ଆଉ ବିନା ପ୍ରମାଣରେ ପାକିସ୍ତାନ ଜାତିସଂଘରେ ଭେଁ ଭେଁ ହୋଇ ରଡ଼ି ଛାଡୁଛି ! କେଜାଣିରେ ବାବା, ହେଲେ 'ୱାଶିଂଟନ୍ ପୋଷ୍ଟ' ହାଲିକୁ ଜାରି କରିଥିବା ରିପୋର୍ଟ ତ ସେଇଆ କହୁଛି । ଭାରତ ବିରୋଧରେ ପାକିସ୍ତାନର ଅଭିଯୋଗ ହେଉଛି, ଭାରତର ଗୁଇନ୍ଦା ସଂସ୍ଥା ଅର୍ଥାତ୍ ରିସର୍ଚ୍ଚ ଆଣ୍ଡ ଆନାଲିସିସ ୱିଙ୍ଗ୍ (ର') ତାଙ୍କଦେଶରେ ପଶି ଗୁପ୍ତ ହତ୍ୟାମାନ ସଂଘଟିତ କରୁଛି । ୱାଶିଂଟନ୍ ପୋଷ୍ଟର ଏହି ନଗଦାନଗଦି ରିପୋର୍ଟରୁ ଏହି ମାମଲା ଏବେ ସାମ୍ନାକୁ ଆସିଛି । ତେବେ ପାକିସ୍ତାନ ସିନା ଏହି ଅଭିଯୋଗ କରୁଛି, ହେଲେ ଅଭିଯୋଗକୁ ପ୍ରମାଣିତ କରିବାକୁ ତା' ପାଖରେ ପ୍ରମାଣ ନାହିଁ । ମାନେ ଭାରତ ଏବେ ତାଆରି ଶୈଳୀରେ ତାକୁ ପିଟୁଛି। କାଶ୍ମୀରରେ ପାକିସ୍ତାନ ସବୁବେଳେ ଆତଙ୍କବାଦୀ କାର୍ଯ୍ୟକଳାପ କରି ଆସିଛି। ଏକଥା କିଏ ନ ଜାଣେ ? ଏପରିକି ଅତୀତରେ ବହୁବାର ପାକିସ୍ତାନୀ ଆତଙ୍କବାଦୀ ଭାରତୀୟ ସୁରକ୍ଷା ଏଜେନ୍ସୀଗୁଡ଼ିକ ହାତରେ ଧରା ମଧ୍ୟ ପଡ଼ିଛନ୍ତି । ତଥାପି କ'ଣ ପାକିସ୍ତାନ ଏକଥାକୁ ସ୍ୱୀକାର କରିଛି ! ଆଉ ଆଜି ବିନା ପ୍ରମାଣରେ ଡେଇଁଲେ କ'ଣ ହେବ ?

ରିପୋର୍ଟରେ ଉଲ୍ଲିଖିତ ଅଛି ଯେ, ୨୦୨୧ ପରଠାରୁ ଭାରତ ପାକିସ୍ତାନରେ ପ୍ରାୟ ୬ ଜଣଙ୍କୁ ହତ୍ୟା କରିବାକୁ ସୁନିୟୋଜିତ କାର୍ଯ୍ୟକ୍ରମ ହାତକୁ ନେଇଥିଲା । କହିବା ବାହୁଲ୍ୟ ସେଥିରେ ସଫଳ ହୋଇଥିଲା ମଧ୍ୟ । ରିପୋର୍ଟରେ ୬ଟି ମାମଲା ସମ୍ପର୍କରେ ଉଲ୍ଲେଖ କରାଯାଇଛି । ଏଥିରେ କୁହାଯାଇଛି ଯେ, ଯୁକ୍ତରାଷ୍ଟ୍ର ଆମେରିକା ଦ୍ୱାରା ଆତଙ୍କବାଦୀ ଘୋଷିତ ସଂଗଠନ ଯେପରିକି ଲସ୍କର-ଏ-ତୋଏବା ଏବଂ ଜୈସ୍-ଏ-ମହମ୍ମଦର ଆତଙ୍କବାଦୀମାନଙ୍କୁ ଟାର୍ଗେଟ୍ କରିବା ଥିଲା ଭାରତର ଲକ୍ଷ୍ୟ । କାରଣ ଅତୀତରେ ଏହି ଦୁଇ ସଂଗଠନ ଭାରତ ପାଇଁ ଏତ୍ୟନ୍ତ ବିପଜ୍ଜନକ ସାବ୍ୟସ୍ତ ହୋଇଛନ୍ତି ଏବଂ ଏହାର ସଦସ୍ୟମାନେ ବିଭିନ୍ନ ସମୟରେ ଭାରତୀୟ ସେନାର ପ୍ରଭୁତ କ୍ଷୟକ୍ଷତି ଘଟାଇଛନ୍ତି ।

ତେବେ ପାକିସ୍ତାନର ଏପରି ଅଭିଯୋଗ ପଛରେ ବାସ୍ତବତା କେତେ ! କାରଣ ତଥ୍ୟ କହୁଛି, ଏହିସବୁ ଆତଙ୍କବାଦୀମାନଙ୍କୁ ନିପାତ କରିବାକୁ ର'କୌଣସି ଭାରତୀୟ ନାଗରିକଙ୍କ ସାହାଯ୍ୟ ନେଇନାହିଁ । ବରଂ ପାକିସ୍ତାନ ଏବଂ ଆଫଗାନିସ୍ତାନରୁ ହିଁ ଅର୍ଥ ବିନିମୟରେ ସୁପାରି କିଲର ଖୋଜି ସେମାନଙ୍କ ସାହାଯ୍ୟରେ ଉଦ୍ଦେଶ୍ୟ ସାଧନ କରିଛି । ପାଣ୍ଠି ଯୋଗାଡ଼ ଏବଂ ହତ୍ୟାକାଣ୍ଡର ସୁପରିଚାଳନା ପାଇଁ ଦୁବାଇସ୍ଥିତ ବ୍ୟବସାୟୀ ଏବଂ 'ହୱାଲା ନେଟୱର୍କ'ର ସାହାଯ୍ୟ ନିଆଯାଇଥିଲା। ଫଳରେ ଏ ସମସ୍ତ କାର୍ଯ୍ୟ ଖୁବ୍ ଗୋପନରେ ସଂଘଟିତ ହୋଇ ପାରିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ୨୦୧୩ ମସିହାରେ ଭାରତୀୟ ବୀର ଯବାନ ସରବଜିତ ସିଂହଙ୍କୁ ଜେଲରେ ହତ୍ୟା କରିଥିବା ଆମିର ସରଫରାଜ ତାମ୍ବା ଉପରେ ଆକ୍ରମଣ ଏସବୁ ଗୁପ୍ତ ହତ୍ୟାଗୁଡ଼ିକର ଏକ ପ୍ରମୁଖ ଉଦାହରଣ ପାଲଟି ଯାଇଥିଲା । ଏସବୁ ହତ୍ୟାକୁ ସଫଳତାର ସହ ପୂର୍ଣ୍ଣାଙ୍ଗ ରୁପରେଖ ଦେବାପାଇଁ ଭିନ୍ନ ଭିନ୍ନ ଟିମକୁ ଟାର୍ଗେଟ୍ ଉପରେ ନଜର ରଖିବା, ହତ୍ୟା କରିବା ଏବଂ ଅର୍ଥ ପ୍ରଦାନ କରିବା ଇତ୍ୟାଦି ଭିନ୍ନ ଭିନ୍ନ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ଆଉ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି, ସେମାନେ କେହି କାହାରିକୁ ଜାଣି ନ ଥିଲେ । କେବଳ ନିଜକୁ ମିଳିଥିବା କାମ କରିବା ପରେ ସେମାନେ ପଛକୁ ଫେରି ଚାହୁଁ ନ ଥିଲେ । ଏହି କାର୍ଯ୍ୟାନୁଷ୍ଠାନର ଉଦ୍ଦେଶ୍ୟ ଥିଲା, ପାକିସ୍ତାନ ଉପରେ ରଣନୈତିକ ଚାପ ସୃଷ୍ଟି କରିବା ଏବଂ ଭାରତର ସାର୍ବଭୌମତ୍ୱର ସୁରକ୍ଷା ପ୍ରତି ବିପଦ ପାଲଟିଥିବା ଆତଙ୍କବାଦୀଙ୍କୁ ଖୋଜି ଖୋଜି ନିପାତ କରିବା ।

ଏସବୁ ଘଟଣା ପରେ ଭାରତର 'ରିସର୍ଚ୍ଚ ଆଣ୍ଡ ଆନାଲିସିସ ୱିଙ୍ଗ୍'(ର') ଆଗରେ ସତେ ଯେମିତି ପାକିସ୍ତାନର 'ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍ସ' (ଆଇଏସ୍ଆଇ) ଆଣ୍ଠେଇ ପଡ଼ିଛି ! ଏହାର ନିର୍ଦ୍ଦେଶକ ଜେନେରାଲ ନଦିମ ଅଞ୍ଜୁମ ୨୦୨୨ରେ ଏହି ପ୍ରସଙ୍ଗରେ ସିଆଇଏ ନିର୍ଦ୍ଦେଶକ ୱିଲିଅମ ଜେ. ୱର୍ନ୍ସଙ୍କଠାରେ ଫେରାଦ ମଧ୍ୟ ହୋଇଥିଲେ । ଖୋଦ୍ ପାକିସ୍ତାନୀ ଅଧିକାରୀମାନେ ହିଁ ପାକିସ୍ତାନର 'ପତଲୁନ୍' ଖୋଲି ଦେଇଥିଲେ । କାରଣ ସେମାନଙ୍କ କହିବାର ମର୍ମ ଥିଲା ଯେ, ଭାରତର ଏହି କାର୍ଯ୍ୟାନୁଷ୍ଠାନ ଆଇଏସ୍ଆଇର ବିଫଳତାକୁ ଦର୍ଶାଉଛି। ୱାଶିଂଟନ୍ ପୋଷ୍ଟର ରିପୋର୍ଟ ଆହୁରି ମଧ୍ୟ କହିଥିଲା, ଭାରତ ଓ ପାକିସ୍ତାନ ମଧ୍ୟରେ ଏହି 'ଛାୟାଯୁଦ୍ଧ' ବହୁ ପୁରୁଣା। ତେବେ ଭାରତ ବର୍ତ୍ତମାନ ନିଜ ରଣନୀତିକୁ ଅତ୍ୟନ୍ତ ଶୃଙ୍ଖଳିତ ଓ ସୁବ୍ୟବସ୍ଥିତ ଶୈଳୀରେ ଲାଗୁ କରିଛି । ଯାହା ସରବଜିତଙ୍କ ହତ୍ୟା ସମୟ ବେଳକୁ ନ ଥିଲା । ପାକିସ୍ତାନୀ ଅଧିକାରୀମାନେ ସାମ୍ପ୍ରତିକ ପରିସ୍ଥିତିକୁ ନେଇ ଚିନ୍ତା ପ୍ରକଟ କରି କହିଛନ୍ତି, "ଯେବେଠାରୁ ଭାରତରେ ନରେନ୍ଦ୍ର ମୋଦି କ୍ଷମତାକୁ ଆସିଛନ୍ତି, ଭାରତର ଆଭିମୁଖ୍ୟ ହିଁ ବଦଳି ଯାଇଛି । ଏହା ଆତ୍ମରକ୍ଷା ବଦଳରେ ଆକ୍ରମଣ ଶୈଳୀକୁ ଆପଣାଉଛି।"

ମାତ୍ର ଭାରତ ତ' ଭାରତ ନା ! ଏ ସମ୍ପର୍କରେ ଦେଶର ବୈଦେଶିକ ମନ୍ତ୍ରାଳୟ ପାଟି ଖୋଲି ନ ଥିବା ବେଳେ ପୂର୍ବରୁ ଦେଶ ପକ୍ଷରୁ ସ୍ପଷ୍ଟ ଭାବରେ କୁହାଯାଇଛି ଯେ, "ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଭାବରେ ଆମେ କାହାରି ସୀମା କ୍ଷେତ୍ର ମଧ୍ୟରେ ନ୍ୟାୟୋତ୍ତର ହତ୍ୟା (ଏକ୍ସଟ୍ରା ଜୁଡିସିଆଲ କିଲିଂ) କରିନାହୁଁ ବା କରୁନାହୁଁ ।ଓଲଟି ଆମେ ଅପରାଧୀମାନଙ୍କୁ ଆଇନର ପରିଧି ମଧ୍ୟକୁ ଆଣିବାକୁ ଚେଷ୍ଟା କରୁଛୁ।"ଏହାପରେ ପାକିସ୍ତାନ ଆଉ କହିବ ବା କ'ଣ ? ଚୋର ମାଆ ଦୁଆର କିଳି କାନ୍ଦିବା ପରି ଏବେ ତା'ର ଅବସ୍ଥା ! ୱାଶିଂଟନ୍ ପୋଷ୍ଟ ତ ଆଉ ପାଦେ ଆଗକୁ ଯାଇ ଏସବୁ ହତ୍ୟାକୁ ଇସ୍ରାଏଲର ଗୁଇନ୍ଦା ଏଜେନ୍ସୀ 'ମୋସାଦ' ସହ ତୁଳନା କରିଛି । କାରଣ ସମାନ ଶୈଳୀରେ ମୋସାଦ ପାଲେଷ୍ଟାଇନ୍ ଏବଂ ଇରାନରେ ଅପରାଧୀମାନଙ୍କୁ ନିପାତ କରୁଛି । ତେବେ ଆମେରିକୀୟ ରାଜନୀତି ବିଶ୍ଳେଷକ କ୍ରିଷ୍ଟୋଫର କ୍ଲେରୀ ପାକିସ୍ତାନରେ ର' ପକ୍ଷରୁ ହାତକୁ ନିଆଯାଇଥିବା କାର୍ଯ୍ୟକ୍ରମକୁ ସଫଳ ବୋଲି ସ୍ୱୀକାର କରିଥିବା ବେଳେ ପାଶ୍ଚାତ୍ୟ ଦେଶଗୁଡ଼ିକରେ ଏହା ସେତେଟା ସଫଳ ହୋଇ ନ ଥିବା କହିଛନ୍ତି । ତେଣେ ନାକକାନ୍ଦୁରା ପାକିସ୍ତାନ ଭାରତ ବିରୋଧରେ ହାସ୍ୟାସ୍ପଦ ଅଭିଯୋଗ କରି କହୁଛି ଯେ, ଯେଉଁଭଳି ଭାବରେ ଭାରତ ଏକ ବୈଶ୍ୱିକ ଶକ୍ତି ଭାବରେ ଉଭା ହେଉଛି, ତା'କୁ ଏଭଳି କାର୍ଯ୍ୟାନୁଷ୍ଠାନ ପାଇଁ ଉତ୍ତରଦାୟୀ ହେବାକୁ ପଡ଼ିବ ! କି କଥା ଏଗୁଡ଼ାକ କହିଲେ ! ମାନେ ତାଙ୍କ ଦେଶରେ ତାଙ୍କ ଲୋକଙ୍କୁ କିଏ ମାରିଲା, ସେ ପ୍ରମାଣ ପାକିସ୍ତାନ ପାଖରେ ନାହିଁ। ଅଥଚ ବିନା ପ୍ରମାଣରେ ବିଶ୍ୱ ସମୁଦାୟ ଆଗରେ ଭାରତ ବିରୋଧରେ ରଡ଼ି ଛାଡ଼ି ଅନୁକମ୍ପା ହାସଲର ଉଦ୍ୟମକରୁଛି ! ବିଚରା ପାକିସ୍ତାନ !!

# ଦିଲ୍ଲୀ ନିର୍ବାଚନ



କାଳି ଦାସ
ବ୍ରହ୍ମପୁର, ଖୋଡ଼ାସିଙ୍ଗ
କଳିଙ୍ଗନଗର,
ମୋ-୭୨୦୫୧୦୦୮୩୯

ଦିଲ୍ଲୀ ନିର୍ବାଚନ ଫଳା ଫଳ ଭାରାତୀୟ ରାଜନୀତିରେ ଏକ ନୂଆ ମୋଡ଼ ଆଣି ଦେଲା। ଦୀର୍ଘ ଦିନ ଧରି ଆମ ଆଦମୀ ପାର୍ଟିର ସରକାର ଦିଲ୍ଲୀ ଲୋକଙ୍କର ପ୍ରଥମ ପସନ୍ଦ ଥିଲା ବେଳେ ୨୦୨୫ର ନିର୍ବାଚନରେ ଏହାର ଅନ୍ତ ହୋଇଛି। ବିଜେପି ହାତକୁ ଆଉ ଗୋଟିଏ ରାଜ୍ୟର ଶାସନ ଆସିଯାଇଛି। ଏହା ପଛରେ ଆମ ଆଦମୀ ପାର୍ଟି ପ୍ରତି ଲୋକଙ୍କ ଆକର୍ଷଣ କମି ଯାଇଛି ନା ବିଜେପି ସରକାର ଠାରୁ ଲୋକ ମାନେ ଭଲ ଶାସନ ବ୍ୟବସ୍ଥାକୁ ଆଶା ରଖିଛନ୍ତି।

୨୦୧୫ ରେ ଆମ ଆଦମୀ ପାର୍ଟି ୬୭ଟି ଆସନରେ ବିଜୟ ଲାଭ କରି ପ୍ରଥମ ଥର ପାଇଁ ନୂଆ ରେକର୍ଡ ସୃଷ୍ଟି କରିଥିଲା। ୨୦୨୦ରେ ହୋଇଥିବା ନୂଆ ଦିଲ୍ଲୀ ନିର୍ବାଚନରେ ଆମ ଆଦମୀ ପାର୍ଟି ୬୨ଟି ଆସାନରେ ବିଜୟ ଲାଭ କରିଥିଲା। ଆମ ଆଦମୀ ପାର୍ଟିର ସ୍ୱଚ୍ଛ ଛବି ଏବଂ ସରାଳତା ନିଶ୍ଚିତ ଭାବରେ ଲୋକଙ୍କୁ ପ୍ରଭାବିତ କରିଥିଲା। ଆମ ଆଦମୀ ପାର୍ଟିର ଭୋଟ ଶତକଡା ୫୩.୫୭ ଥିଲା ବେଳେ ବର୍ତ୍ତମାନ ତାହା କମିଯାଇ କେବଳ ଶତକଡା ୪୩.୫୫ ରେ ସୀମିତ ହୋଇଯାଇଛି। ବିଜେପିର ଭୋଟ ସେର ୨୦୨୦ ରେ ୩୮.୫୧ ଥିଲା କିନ୍ତୁ ତାହା ବର୍ତ୍ତମାନ ଶତକଡା ୭% ବଢ଼ିଛି ତେଣୁ ବିଜେପି ନିଜର ବିଜୟ ସାବ୍ୟସ୍ତ କରିଛି। ଆମ ଆଦମୀ ପାର୍ଟିର ନିର୍ବାଚନରେ ପରାଜୟ ପଛରେ ଅନେକ ଗୁଡ଼ିଏ କାରଣ ରହିଛି ।ସେ ଗୁଡ଼ିକ ହେଲା ଆମ ଆଦମୀ ପାର୍ଟିର ମୁଖ୍ୟ ନେତାଙ୍କ ନାମରେ ରହିଥିବା ଦୁର୍ନିତି ଅଭିଯୋଗ। ଆମ ଆଦମୀ ପାର୍ଟିର ମୁଖ୍ୟମନ୍ତ୍ରୀ ଶ୍ରୀ ଅରବିନ୍ଦ କେଜରିୱାଲଙ୍କ ଦୀର୍ଘଦିନ ଜେଲରେ ରହିବା। ତା ସହିତ ଅନ୍ୟ ମନ୍ତ୍ରୀ ଯେପରି ମନିଷ ସିସୋଦିଆ ଓ ସତ୍ୟନ୍ଦ୍ର ଜୈନ ଜେଲ ଯିବା। ପାର୍ଟିର କାମ କରୁଥିବା ନେତା ମାନେ ଜେଲରେ ରହିବା ଦ୍ୱାରା ଦିଲ୍ଲୀର ଶାସନ ବ୍ୟବସ୍ଥାରେ ବାଧା ସୃଷ୍ଟି ହେବା ସ୍ୱାଭାବିକ। ଆମ ଆଦମୀ ପାର୍ଟି ଦେଇଥିବା ପ୍ରତିଶୃତିକୁ ପୁରଣ ନ କରିପାରିବା। ଆମ ଆଦମୀ ପାର୍ଟିକୁ ବିଜେପି ଓ କଂଗ୍ରେସ ପାର୍ଟି ଦ୍ୱାରା ତୀବ୍ର ସମାଲୋଚନା। ଆମ ଆଦମୀ ପାର୍ଟି ପାଖରେ ଦିଲ୍ଲୀରେ ସତନ୍ତ୍ର ଭାବରେ କାମ କରିବା ଉପରେ କେନ୍ଦ୍ରର ନିୟନ୍ତ୍ରଣ ରହିବା। କେନ୍ଦ୍ରର ହସ୍ତକ୍ଷେପରୁ ନିଜକୁ ମୁକ୍ତ କରିବା ପାଇଁ ଆମ ଆଦମୀ ପାର୍ଟି ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲା ଏବଂ ସୁପ୍ରିମକୋର୍ଟ ସମ୍ବିଧାନ ର ଧାରା ୨୩୯AA କୁ ଆଧାର କରି ଏହି ନ୍ୟାୟ ଦେଇଥିଲେ ଯେ ଦିଲ୍ଲୀର ଲେଫଟନେଣ୍ଟ ଗଭର୍ଣ୍ଣରଙ୍କର ସ୍ୱାଧୀନ ମତାମତ ଦେବାର କୌଣସି ଅଧିକାରୀ ନାହିଁ । ଦିଲ୍ଲୀର ଲେଫନେଣ୍ଟ୍ ଗଭର୍ଣ୍ଣର ନିର୍ବାଚନରେ ଜିତି ଆସିଥିବା ଦିଲ୍ଲୀ ସରକାର ବା ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ମତାମତ ବା ଏଡଭାଇଜ ବା ଉପଦେଶକୁ ଆଧାର କରି କାମ କରିବେ କିନ୍ତୁ ସୁପ୍ରିମକୋର୍ଟର ଏହି ନିର୍ଦ୍ଦେଶକୁ କେନ୍ଦ୍ରରେ ଥିବା ସରକାର ଅର୍ଡିନେନ୍ସ ଆଣି ତାକୁ ନିଜ ପକ୍ଷରେ କରିପାରିଥିଲେ। କେନ୍ଦ୍ର ସରକାର ଓ ଦିଲ୍ଲୀର ସରକାରଙ୍କ ଭିତରେ ଚାଲିଥିବା ଦ୍ୱନ୍ଦ୍ୱ ଭିତରେ ଦିଲ୍ଲୀର ଉନ୍ନୟନ କାମରେ ନିଶ୍ଚିତ ଭାବରେ ବାଧାପ୍ରାପ୍ତ ହୋଇଛି ଓ ଆମ ଆଦମୀ ପାର୍ଟି ନିଜର ପ୍ରତିଶୃତି ପୂରଣରେ ଅସଫଳ ହୋଇଛି । ବର୍ତ୍ତମାନ ଦେଖିବା କଥା ଯେ ବିଜେପି ସରକାର ଦିଲ୍ଲୀବାସୀଙ୍କୁ କିପରି ସହଯୋଗ କରୁଛି। ଦିଲ୍ଲୀବାସୀ ବିଜେପି ଶାସନରେ କେତେ ଖୁସିରେ ରହୁଛନ୍ତି। ଆମ ଆଦମୀ ପାର୍ଟି ବର୍ତ୍ତମାନ ବିରୋଧୀ ଦଳର ଭୂମିକା ନିର୍ବାହ କରିବ। ଗଣତନ୍ତ୍ରରେ ଶାସକ ଦଳ ପରି ବିରୋଧୀଙ୍କ ମଧ୍ୟ ଦାୟିତ୍ୱ ରହିଛି।

*Printed & Published by* **Basanti Roy** on behalf of **Integral Publication Pvt. Ltd.**, Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : **ଜୟାଶୀଷ ରାୟ**

# ପିଲାଙ୍କ ମହାଭାରତ-୨୧

## ଦୈବୀ ପରୀକ୍ଷାର ସମ୍ମୁଖୀନ ହେଲେ କର୍ଣ୍ଣ-୨



ନିତ୍ୟାନନ୍ଦ ପଣ୍ଡା

କର୍ଣ୍ଣ ଓ ଅର୍ଜୁନଙ୍କ ମଧ୍ୟରେ ଯୁଦ୍ଧ ଆରମ୍ଭ ହେବା ଉପରେ । ଏହି ସମୟରେ କୃପାଚାର୍ଯ୍ୟ ଝପଟି ଆସି ଦୁଇ ବୀରଙ୍କ ମଝିରେ ଠିଆ ହୋଇଗଲେ । ଦ୍ୱନ୍ଦ୍ୱ ଯୁଦ୍ଧର ନିୟମ କାନୁନ୍ ତାଙ୍କୁ ଜଣା ।

କୃପାଚାର୍ଯ୍ୟ କର୍ଣ୍ଣଙ୍କ ଉଦ୍ଦେଶ୍ୟରେ କହିଲେ, ଏହି ଅର୍ଜୁନ ହେଉଛନ୍ତି, ରାଜା ପଣ୍ଡୁଙ୍କର ପୁତ୍ର । ସେ ରାଜକୁମାର । ତୁମେ ତୁମର ବଂଶ ପରିଚୟ ଦିଅ । ଯଦି ତୁମେ ରାଜପୁତ୍ର ହୋଇଥିବ, ତେବେ ଦ୍ୱନ୍ଦ୍ୱ ଯୁଦ୍ଧ ନିଶ୍ଚୟ ହେବ ।" ନୋହିଲେ ଉଚ୍ଚ ବଂଶଜାତ ବ୍ୟକ୍ତି ନୀଚ ବଂଶଜାତ ବ୍ୟକ୍ତି ମଧ୍ୟରେ ଦ୍ୱନ୍ଦ୍ୱ ଯୁଦ୍ଧ ହୋଇପାରିବ ନାହିଁ । ଏହା ଯୁଦ୍ଧ ନୀତି ଅନ୍ତର୍ଭୁକ୍ତ ।"

ଏତିକି ଶୁଣିବା ମାତ୍ରେ କର୍ଣ୍ଣଙ୍କର ଫୁଟନ୍ତା ପଦ୍ମ ପରି ମୁହଁ ମଳିନ ପଡ଼ିଗଲା ।

ଦୁର୍ଯ୍ୟୋଧନ ଏହା ଶୁଣିବା ମାତ୍ରେ ଠିଆ ହୋଇ ପଡ଼ିଲେ । କହିଲେ- "ଆଚାର୍ଯ୍ୟ ! କର୍ଣ୍ଣ ରାଜପୁତ୍ର ନୁହଁନ୍ତି ବୋଲି ଯଦି ଯୁଦ୍ଧ ହୋଇପାରିବ ନାହିଁ, ତେବେ ମୁଁ ବର୍ତ୍ତମାନ କର୍ଣ୍ଣଙ୍କୁ ଅଙ୍ଗଦେଶର ରାଜା ଭାବେ ମନୋନୀତ କଲି ।"

ସେ ଭୀଷ୍ମଙ୍କ ଠାରୁ ଅନୁମତି ଆଣି ସହସା କର୍ଣ୍ଣଙ୍କୁ ଅଙ୍ଗଦେଶର ରାଜା ରୂପେ ଅଭିଷିକ୍ତ କଲେ । ସେହି ସ୍ଥାନରେ ରାଜମୁକୁଟ ପିନ୍ଧେଇ ଦିଆଗଲା କର୍ଣ୍ଣଙ୍କ ମଥାରେ ।

ଏହି ସମୟରେ ଅଭାବିତ ଘଟନାଟିଏ ଘଟିଲା ।

ସଭାସ୍ଥଳରେ ପହଞ୍ଚିଗଲେ ବୃଦ୍ଧ ଅଧୀରଥ । ସେ ଆଶାବାଡ଼ି ଟିଏ ଧରିଥିଲେ । ହାତ ତାଙ୍କର ଥରୁଥିଲା ।

କର୍ଣ୍ଣ ଯେତେବେଳେ ଅଧୀରଥଙ୍କୁ ଦେଖିଲେ, ସେ ତାଙ୍କର ପାଦ ଛୁଇଁଲେ ।

ପୁଅ ବର୍ତ୍ତମାନ ରାଜା ! ଖୁସିରେ ଅଧୀରଥଙ୍କ ଆଖିରୁ ଆନନ୍ଦର ଲୁହ ଝରିଲା । ସେ କର୍ଣ୍ଣଙ୍କୁ ଆଲିଙ୍ଗନ କଲେ । ଥର ଥର ହାତରେ ତାଙ୍କୁ ଆଶୀର୍ବାଦ ଦେଲେ ।

ଦୃଶ୍ୟଟି ଦେଖୁଥିଲେ ଭୀମ । ସେ ଠୋ ଠୋ ହସି ଉଠିଲେ ।

କହିଲେ, "ଓଃ ! ଇଏ ତେବେ ଜଣେ ସାରଥୀପୁତ୍ର ! ଠିକ୍ ଅଛି, ଚାବୁକଟିଏ ତାଙ୍କୁ ଧରେଇ ଦିଅ । ଭଲ ରଥ ଚାଳନା କରିପାରିବେ । ଅର୍ଜୁନଙ୍କ ଦ୍ୱାରା ମରିବା ପାଇଁ ସେ ଯୋଗ୍ୟ ନୁହଁନ୍ତି । ଅଙ୍ଗଦେଶର ରାଜା ହେବା କଥା କାହିଁକି ଉଠୁଚି !

ଭୀମଙ୍କ ଅପମାନ ସୂଚକ ବାକ୍ୟ ଶୁଣିଲେ କର୍ଣ୍ଣ । ଅପମାନରେ ତାଙ୍କ ଦୁଇ ଓଠ ଥରିବାକୁ ଲାଗିଲେ । ସେ ଚାହିଁଲେ ଅସ୍ତସୂର୍ଯ୍ୟଙ୍କୁ । ଦୀର୍ଘଶ୍ୱାସ ଛାଡ଼ିଲେ । କିଛି କହିପାରିଲେ ନାହିଁ ।

ଅନ୍ୟପକ୍ଷରେ, ଦୁର୍ଯ୍ୟୋଧନ ଦୁଃଖରେ ସତେବା ଫାଟିପଡ଼ିଲେ ।

କହିଲେ, "ଏଭଳି କହିବା ତୁମକୁ ଶୋଭାପାଉନି ଭୀମ ! ଜଣେ ଯୋଦ୍ଧାର ଯୋଗ୍ୟତା ହେଉଛି ତା'ର ଯୁଦ୍ଧ କୌଶଳ, କେଉଁ ବଂଶରେ ଜନ୍ମ ହୋଇଛି ତାହା ନୁହଁ । ଜଣେ ଯୋଦ୍ଧା ଓ ଗୋଟେ ନଦୀର ଉତ୍ସ ଦେଖାଯାଏନା । ମୁଁ ଅନ୍ୟୂନ ଶହେ ଉଦାହରଣ ଦେବି । ପୁନଶ୍ଚ ତୁମ ଭାଇମାନଙ୍କର ଜନ୍ମ ସଂବଧରେ ଅନେକ କିଛି କୁହାଯାଇପାରେ ।"

ସେ ପାଖକୁ ଟାଣିନେଲେ କର୍ଣ୍ଣଙ୍କୁ । ପୁନରାୟ କହିଲେ । "ଦେଖ ଏହାଙ୍କୁ । ଏହାଙ୍କର ଦେବତାଙ୍କ ଭଳି ରୂପ, ସାଞ୍ଜୁ ଓ କର୍ଣ୍ଣକୁଣ୍ଡଳକୁ ଦେଖ । ନିଶ୍ଚୟ ଏହାଙ୍କ ଠାରେ କିଛି ରହସ୍ୟମୟତା ଲୁଚି ରହିଛି । ଗୋଟେ ବ୍ୟାଘ୍ର କ'ଣ କେଉଁ ଶୃଗାଳ ଠାରୁ ଜନ୍ମ ନେଇପାରେ ? ତୁମେ ଅଙ୍ଗଦେଶ କଥା କହିଲ ତ ! ମୁଁ କହୁଛି, କର୍ଣ୍ଣ ସାରା ପୃଥିବୀର ରାଜା ହେବାକୁ ଯୋଗ୍ୟ !"

ଏତିକି କହିସାରିବା ପରେ ପ୍ରଚଣ୍ଡ କ୍ରୋଧରେ ଦୁର୍ଯ୍ୟୋଧନ କର୍ଣ୍ଣଙ୍କୁ ଭିଡ଼ିନେଲେ ଓ ନିଜ ରଥରେ ବସେଇ ସେ ସ୍ଥାନ ଛାଡ଼ିଲେ ।

ସୂର୍ଯ୍ୟ ଅସ୍ତଗଲେ । କୋହାହଳ ସୃଷ୍ଟିକରି ଦର୍ଶକ ସେ ସ୍ଥାନ ଛାଡ଼ିଲେ । କେତେକ ଅର୍ଜୁନଙ୍କୁ ପ୍ରଶଂସା କରୁଥିଲେ ତ ଅନ୍ୟ କେତେକ କର୍ଣ୍ଣଙ୍କୁ ପ୍ରଶଂସା କରୁଥିଲେ । ଆଉ କେତେକ ଦୁର୍ଯ୍ୟୋଧନଙ୍କୁ ମଧ୍ୟ ପ୍ରଶଂସା କରୁଥିଲେ । (କ୍ରମଶଃ ...)

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*



# ଖୁସି ମନରେ ପରୀକ୍ଷା ଦେଇ

*ମହେନ୍ଦ୍ର କୁମାର ଘଡ଼େଇ*



ପାଠରେ ମନ ନୂଆ ଭାବନା
ଛୁଆଇଁ ଦିଏ ମଥା
ନୂଆ କାମରେ ଯୋଡ଼ି ରହିବା
ପାଇଁ ମୁଁ ଦିଏ କଥା

ଘରୁ ସିନିହ ସୋହାଗ ପାଇ
ଆଗକୁ ଆଗ ବଢ଼େ
ପ୍ରତିକୂଳର ଗତିପଥେ ବି
କାମରେ ଲାଗିପଡ଼େ

ଦୁନିଆ ପରୀକ୍ଷାର୍ଥୀ ପଛରେ
ଶୁଭ ମନାସେ ରହି
ହସ ଖୁସିରେ ପରୀକ୍ଷା ଦେଇ
ଚାଲ ଭଉଣୀ ଭାଇ ।

ରୁଚି ଛନକା ଡର ଭୟର
ବିନାଶ ପାଖେ ରହି
ଖୋଜି ପାଇବା ବତାଇ ଦିଏ
ପାଖରେ ସାଥୀ ହୋଇ

ନିଜ ବଳକୁ କଳନା କରି
ନ ହୋଇ ବହି କୀଟ
ପର ଆସରା ଛାଡ଼ି ଦମ୍ଭରେ
ଚାଲୁଛି ମୋର ବାଟ

ପରୀକ୍ଷା ମୋର ବାଟ ଓଗାଳି
ଚିନ୍ତା ବଢ଼ାଇ ନାହିଁ
ଯାହାର ପାଇଁ ଭଲ ଫଳ ମୋ'
ହାତରେ ତୋଳୁ ଥାଇ

ଅମାପ ଶକ୍ତି ଠୁଳ କରିଛି
ପାଠୁଆ ଦେହ ମନ
ଧରା ବଦଳ କାମେ ଜୀବନ
ଗଢ଼ି ପାଉଛି ଧନ

*କ୍ଷେତ୍ରମୋହନ ବିଦ୍ୟାପୀଠ, କଟରପଡ଼ା, ପିଠାପଡ଼ା, ନିଶ୍ଚିନ୍ତକୋଇଲି, କଟକ*
*ମୋ-୯୪୩୭୭୪୦୫୬୬*





# ମାଘରେ ଶୀତ ଗାଉଛି ଗୀତ

*ଜଗଦୀଶ ସାହୁ*

ମାଘରେ ଶୀତ ଗାଉଛି ଗୀତ
ଆମ୍ବ ଡାଳରେ ବସି
କୋଇଲି ସଙ୍ଗେ ମିଶି
ଦେଖିବା ଲୋକ ମନେ ପୁଲକ
ବଉଳ ଯାଏ ବାସି
ଧରିଲେ ଆମ୍ବ କଷି
ଆଖିକୁ ତୋରା ଦିଶିବ ପରା
ଧରଣୀ ରାଣୀ ଖୁସି
ଆମ ସନେଇ ଅଛି ଅନେଇ
ଖାଇବ ହସି ହସି
ମାଘରେ ଶୀତ ଗାଉଛି ଗୀତ
ଯୋରନ୍ଦା ମଠ ଯାଇ
ଖଞ୍ଜଣୀ ବାଜା ବାଇ
ଭୀମ ଭଜନ ଜିଣଇ ମନ
ଶିକ୍ଷା ଅନେକ ଥାଇ
ଶୂନ୍ୟକୁ କର ଦୁଇ
ଟେକି ଭକତ ଡାକେ ଆରତ
ଫେଡ଼ ଅରୂପ ସାଇଁ
ତୁମ ପୟର ଆସରା ମୋର
ଅନ୍ୟଥା ଗତି ନାଇଁ ।

*ସଂଜପଡା, ହିନ୍ଦୋଳ,*
*ଢେଙ୍କାନାଳ-୭୫୯୧୨୮*
*ମୋ-୯୦୭୮୧୮୫୬୧୬*

# ସମୟ ବଡ଼ ବଳବାନ

*ସୁରମା ମିଶ୍ର*

ସମୟ ଯାଏରେ ଗଡି
ଆଗକୁ ଆଗକୁ ମାଡି
ସମୟର ସାଥେ ଚାଲିବାରେ ଆମେ
ରହିବାନି ପଛେ ପଡ଼ି

ସମୟ ଦିଅଇ ଦୁଃଖ
ଦୁଃଖ ପରେ ପୁଣି ସୁଖ
ଦୁଃଖ ସୁଖକୁ ସେ ସମାନ ଭାବିଣ
ଗଡାଉ ଥାଏ ତା ଚକ

ସମୟଟା ବଳବାନ
କିଏ ହେବ ତାର ସମ
ସମୟ ଆସିଲେ ସବୁ ସମସ୍ୟା ସେ
କରିଦିଏ ସମାଧାନ

ସମୟ ଆମର ସାଥୀ
ସିଏ ଆମ ସହଯାତ୍ରୀ
ତା ସାଥିରେ ଆମେ ଚାଲିବାରେ ଭାଇ
ବଢ଼ାଇବା ଯଶ କୀର୍ତ୍ତି

ଶୁଣ ପିଲାମାନେ ଶୁଣ
ସମୟ ଅମୂଲ୍ୟ ଧନ
ସମୟର ଅପଚୟ କରନାହିଁ
ରଖ ସଦା ତାର ଧ୍ୟାନ

ସମୟକୁ ଭୁଲିବାନି
ଦେଉଛି ସେ ଚେତାବନୀ
ସମୟକୁ ଯଦି ଭୁଲିଯିବା ଆମେ
କିଛି କରିପାରିବାନି

ସମୟର ଚକ ଗଡେ
କେବେ ସେ ଥକି ନ ପଡେ
ତା ଠାରୁ ଏତିକି ଶିଖିଲେ ରେ ଆମେ
ଆତ୍ମ ବିଶ୍ୱାସ ଟି ବଢେ

ସମୟାନୁବର୍ତ୍ତୀ ହେବା
ସଚେତନ ଯେ ହୋଇବା
ତେବେ ଯାଇ ଭାଇ ସମୟ ଚକକୁ
ଠିକ୍ ସେ ଗଡ଼ାଇ ନେବା ।

*ବିଏଲ୍-୩୯, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*



# ବିଦାୟ ନେଲା ଶୀତ



*ଧ୍ରୁବ ଚରଣ ଘିବେଲା*

ପୂରିଲା କାଳ ମାଘ ମାସର
ବିଦାୟ ନେଲା ଶୀତ
ଅବଧି ସାରି ଯାଇଛି ଫେରି
ଅଫେରା ଆଜି ଶୀତ
ପଉଷ ମାସେ ଅତି ହରଷେ
ଶୀତ ଯେ ଆସିଥିଲା
ଦି' ମାସ ରହି କଷଣ ଦେଇ
ଶୀତ ନିଖୋଜ ହେଲା

ମାଘର ଶେଷେ ରହି ବିଷାଦେ
ଶୀତ ବିଦାୟ ନେଲା
ଫେରୁଣୁ ଶୀତ ଆସି ବସନ୍ତ
ବଉଳ ବାସ ଦେଲା
ମାଘ ପୁନେଇଁ ଅଗିରା ଜୁଇ
ଜଳିଲା ପୁନେଇଁରେ
ଘରକୁ ଘର ବୁଲି ମାଗିଲେ
କାଠ ବାଉଁଶ ପିଲେ

ଅଗିରା ଜାଳି ଅଗ୍ନି ଉତ୍ସବ
କରାଯାଏ ପାଳନ
ସାମିଲ ଥାନ୍ତି ଗାଆଁ ମୁଣ୍ଡରେ
ଜନତା ସାଧାରଣ
ଅଗ୍ନିଦେବଙ୍କ ସନ୍ତୁଷ୍ଟି ପାଇଁ
ଉତ୍ସବ ଆୟୋଜନ
ଘରପୋଡ଼ିରୁ ମୁକତି ପାଇଁ
କରନ୍ତି ନିବେଦନ
ଅଗି ଜଳିଲା ଶୀତ ଟଳିଲା
ବିଦାୟ ନିଏ ଶୀତ
ବସନ୍ତ ଆସି ବଉଳ ବାସି
ପିକ ଗାଇଲା ଗୀତ ।

*ବଉଦରାଜ, ଜି- ବୌଦ୍ଧ*
*ମୋ-୯୪୩୭୪୭୮୪୬୬*

# ମୋ ଜନ୍ମ ଭୂମି

*କୀର୍ତ୍ତନ ସାହୁ*



ନେଇଛି ଜନମ ତୋହରି କୋଳରେ
ମୁଁ ପରା ସନ୍ତାନ ତୋର
ସୁଖରେ ଦୁଃଖରେ ଭଲରେ ମନ୍ଦରେ
ତୁ ଥାଉ ପାଖରେ ମୋର

ଖାଇବାକୁ ଦେଉ ତୋ ଦେହ ଫସଲ
ପିଇବାକୁ ଦେଉ ପାଣି
ଯେତେବେଳେ ଯାହା ଲୋଡ଼ା ହୋଇଥାଏ
ଦେଇ ଥାଉ ମନ ଜାଣି

ତୋର ଗଛ ଲତା ପାହାଡ ଝରଣା
ସବୁ ତ ଆମରି ପାଇଁ
କେତେ ପଶୁପକ୍ଷୀ ଜୀବଜନ୍ତୁ ଆଦି
ବଞ୍ଚନ୍ତି ତୋ କୋଳେ ଥାଇ

ଅଳି ଅର୍ଦ୍ଦଳିକୁ ସବୁ ତୁ ସହୁଛୁ
ମନ ଦୁଃଖ କରୁ ନାହିଁ
ନାଚିଲେ ଡେଇଁଲେ ତୋ ଦେହ ଖୋଳିଲେ
ପ୍ରତିବାଦ ତୋର କାହିଁ !

ମୋର ଜାତି ଭାଇ ବୁଝି ପାରନ୍ତିନି
ତୋର ଗଛ ଲତା ହାଣି
ନିଜ ପାଇଁ କେତେ କ୍ଷତି ସେ ଆଣନ୍ତି
ପାରନ୍ତିନି ତାହା ଜାଣି

କେତେ ପରକାରେ ପ୍ରକୃତିକୁ ନଷ୍ଟ
କରେ ଏ ମଣିଷ ଜାତି
ନିଜ ପାଇଁ ନିଜେ ଗାତ ସେ ଖୋଳନ୍ତି
ଅନୀତି କାର୍ଯ୍ୟରେ ମାତି

ତୁ' ଜନ୍ମଭୂମି ଜନନୀ ମୋହର
ତୋ ଭଳି ଆଉ କେ ନାହିଁ
ଯୋଉଠି ବି ଥାଏ ଯାହା କରୁ ଥାଏ
ତୋତେ ମନେ କରୁ ଥାଇ ।

*ମିଶ୍ର କଲୋନୀ, ଶାଳପଡ଼ା, କେନ୍ଦୁଝର*
*ଦୂରଭାଷ- ୯୪୩୮୪୧୪୭୦୧*

# ବର୍ଗ୍ୟ ବ୍ୟଞ୍ଜନରେ ଗୀତ

*ସନ୍ତୋଷ କୁମାର ଅଦାବର*



କ' ରେ କରତ ଖ' ରେ ଖର
ଗ' ରେ ଗହମ ଘ' ରେ ଘର
ଚ' ରେ ଚକ ଛ' ରେ ଛପର
ଜ' ରେ ଜଟ ଓ ଝ' ରେ ଝର
ଟ' ରେ ଟଗର ଠ' ରେ ଠଣ
ଡ' ରେ ଡଉଲ ଢ' ରେ ଢମ
ଙ' ଞ' ଣ' ଆରମ୍ଭେ ଥାଇ
ଶବଦ ଗଢ଼ି ହୁଅଇ ନାହିଁ
ତ' ରେ ତପ ଓ ଥ' ରେ ଥର
ଦ' ରେ ଦଶ ଓ ଧ' ରେ ଧର
ନ' ରେ ନଖ, ନଳ, ନୟନ
ନ' କୁ କହିଥା'ନ୍ତି 'ଦନ୍ତ୍ୟ ନ'
ପ' ରେ ପର ଓ ଫ' ରେ ଫଳ
ବ' ରେ ବରଫ ଭ' ରେ ଭଲ
ମ' ରେ ମଗର ରହେ ପାଣିରେ
କ' ରୁ ମ' ଯାଏ ପଢ଼ ପିଲେ ।

*ବୀରମହାରାଜପୁର, ସୁବର୍ଣ୍ଣପୁର*
*ମୋ-୯୭୭୭୯୧୦୭୨୮*

# ବେତାର

*ଦୀନବନ୍ଧୁ ପୋଇ*



ବେତାରରେ ବେତାର ବେତାରରେ ବେତାର
ତୋ ପାଇଁ ପାଉ ଆମେ ଆନନ୍ଦ ଯେ ଅପାର
ଖୋଲି ଦେଲେ ପ୍ରଭାତରେ ଗାଉ ତୁହି ବନ୍ଦନା
ବିମୋହିତ ହେଉ ଶୁଣି ସେ ସଙ୍ଗୀତ ମୂର୍ଚ୍ଛନା
ଉକତି ଭାବ ଆସଇ ଆପେ ଆପେ ଶ୍ରୋତାର
ବେତାର ରେ ବେତାର ........(୧)
ଆଗୁଆ ଜଣାଉ ତୋର ପ୍ରସାରଣ ସୂଚନା
ଜାଣି ଶ୍ରୋତା ଶୁଣିବାକୁ ରେଡି ହୁଅଇ ସିନା
ଯାହାର ଯା'ଲୋଡା ସିଏ ତାକୁ କରେ ଆଦର
ବେତାରରେ ବେତାର ବେତାରରେ ବେତାର ........(୨)
ଚଷା ପାଇଁ ଦେଉ ପୁଣି ପାଣିପାଗ ବାରତା
ନିଜକୁ ସଜାଡି ଚଷା ଭାବେ ତାର କରତା
ଜ୍ଞାନ ପାଇ ତୋଠାରୁ କରେ ଚାଷ ତାହାର
ବେତାରରେ ବେତାର ବେତାରରେ ........(୩)
ପ୍ରଭାତ ଫେରିର କେତେ ମନଛୁଆଁ କାହାଣୀ
ଖୁସିରେ ଅଧିର ହୋନ୍ତି ପିଲା ଶୁଣି ଶୁଣି
ଜଣା ଅଜଣାର ପୁଣି ଦେଉ ପ୍ରଶ୍ନ ଉତ୍ତର
ବେତାରରେ ବେତାର ........(୪)
ଯୁବବାଣୀ ନୀତିବାଣୀ ଦେଉ କେତେ କାହାଣୀ
ଜୀବନ ସଜାଡ଼ି ନେଉ ତାକୁ ଶୁଣି ଶୁଣି
ସମାଜ ପାଇଁ ଅଟୁ ତୁ ଜ୍ଞାନର ଭଣ୍ଡାର
ବେତାରରେ ବେତାର ........(୫)
ତରଙ୍ଗରେ ବୋହି ଆଣୁ କେତେ କଣ ଖବର
ଶିକ୍ଷା ସ୍ୱାସ୍ଥ୍ୟ ନାରୀ କଥା କରୁ ତୁହି ପ୍ରସାର
ଧନ୍ୟ ଧନ୍ୟ ମାର୍କୋନି ହେ ତୁମେ ହିଁ ଅମର,
ବେତାରରେ ବେତାର ବେତାରରେ ବେତାର ........(୬)

*ଗୋରଡାପାଳ, କରମୂଳ, ଢେଙ୍କାନାଳ*
*ଦୂରଭାଷ- ୯୯୩୮୮୦୨୪୧୨*

# ହସିହସି ଆମେ ଗାଇବା ଗୀତ

*ନଳିନୀ ଦାଶ*

ହସିହସି ଆମେ ଗାଇବା ଗୀତ
ଗୀତ ଶୁଣି ଖୁସି ହୋଇବ ଚିତ୍ତ
ହସିହସି ଚାଲ ଖେଳିବା ମିଶି
ମନଟି ଆମର ରହିବ ଖୁସି
ହସିହସି ଆମେ ପଢ଼ିବା ପାଠ
ପାଠ ବତାଇବ ଉତ୍ତମ ବାଟ
ହସିହସି ଆମେ ଖାଇବା ଫଳ
ଦେହରେ ଆମର ବଢ଼ିବ ବଳ
ହସିହସି ଆମେ କଥା ହୋଇବା
ସବୁରି ମନକୁ ଆମେ କିଣିବା
ହସିହସି କାମ କରିବା ନିତି
ସହଜ ହୋଇବ ନଥିବ ଭୀତି
ହସିହସି ଆମେ କରିବା ଦାନ
ଦେଶ ଜାତି ପାଇଁ ଦେବା ଜୀବନ
ହସିହସି ମାଟି ଚକଟି ଦେବା
ମୂର୍ତ୍ତି ଗଢ଼ି ନାନା ରଙ୍ଗ ଭରିବା
ହସି ହସି ଗଛ ଲଗାଇଦେବା
ସବୁଜ ସୁନ୍ଦର ଧରା କରିବା
ହସିହସି ରୋଗୀ ସେବା କରିବା
ମନପ୍ରାଣ ଢ଼ାଳି ଯତନ ନେବା ।

*ଭିକାରିପଡା, ଶରଣକୁଳ, ନୟାଗଡ଼*
*ମୋ-୯୨୩୮୯୯୬୬୪୯*



# ଖବର କାଗଜ ପଢ଼ିବା

*ସୀତାକାନ୍ତ ତ୍ରିପାଠୀ*





ଖବର କାଗଜ ପଢ଼ିବା,
ଜଗତ ଯାକର ହାନୀ ଲାଭ କଥା
ଆମେ ସବୁ ପରା ଜାଣିବା
ରାଜନୀତି ଆଉ ଅର୍ଥନୀତି,
ପାଠ-ଶାଠ ସଙ୍ଗେ ହସ କଥା ସବୁ
ଏଥିରେ ରହିଛି ଫେଣ୍ଟା ଫେଣ୍ଟି
କଳା, ସାହିତ୍ୟ ଓ ଚଳଚ୍ଚିତ୍ର,
ସବୁ କଥା ଜାଣି ଦୁନିଆଁକୁ ଜିଣି
ସମୟର ହେବା ବଡ଼ ମିତ୍ର
ମୋବାଇଲ୍ ଗେମ୍ ଛାଡ଼ିବା,
ଖବର କାଗଜରେ ମନ ଦେଇ ଆମେ
ଜୀବନ ପଥକୁ ଗଢ଼ିବା ।

*ଅର୍ଣ୍ଣପାଳ, ଭଦ୍ରକ*

# ପିତା-ପୁତ୍ର



ସୁଧାଂଶୁ ଶେଖର ଦ୍ୱିବେଦୀ



ରାଜକୁମାର ମାତ୍ର ୫ ବର୍ଷର ହୋଇଥାନ୍ତି । ରାଜମହଲରେ କାମ କରୁଥିବା ବଢ଼େଇର କାଠ କାର୍ଯ୍ୟ ଦେଖି ମନେ ମନେ ଭାବିଲେ ସେ ବି କିଛି କାଠର ଜିନିଷ ତିଆରି କରିବେ । ଦିନେ ସେ ବଢ଼େଇକୁ କହିଲେ- ଭାଇ ମୋତେ ବି ତୁମ କାମ ଶିଖେଇଦିଅ ? ବଢ଼େଇ କାକୁସ୍ଥ ହୋଇ କହିଲା- ଆପଣ ରାଜକୁମାର ! ଯେଉଁ କାମ ଶିଖିଲେ ଭବିଷ୍ୟତ କାର୍ଯ୍ୟରେ ଲାଗିବ ତାହା ହିଁ ଆପଣଙ୍କୁ ଶିଖିବାକୁ ହେବ । ତୁଚ୍ଛ ଏ ବଢ଼େଇ କାମ ଶିଖି କଣ କରିବେ ?

ରାଜକୁମାରଙ୍କ ଅଭିଳାଷ ରାଜାଙ୍କ କାନରେ ପଡିଲା । ରାଜା ପୁତ୍ରର ଏଭଳି ମନୋଭାବରେ ଅସନ୍ତୁଷ୍ଟ ହୋଇ ତାଙ୍କ ପ୍ରତି ଧ୍ୟାନ ରଖିବା ଲାଗି ସେନାପତିଙ୍କୁ ଆଦେଶ ଦେଲେ । ରାଜକୁମାରଙ୍କର ଅସ୍ତ୍ର ଏବଂ ଶାସ୍ତ୍ର ଶିକ୍ଷା ନିମନ୍ତେ ସୁଦକ୍ଷ ଗୁରୁଙ୍କୁ ନିଯୁକ୍ତି କଲେ । ପିତାଙ୍କ ଆଦେଶ ମାନି ରାଜକୁମାର ଗୁରୁଙ୍କ ନିକଟକୁ ଅସ୍ତ୍ର ଓ ଶାସ୍ତ୍ର ଶିକ୍ଷା ଗ୍ରହଣ କରିବାକୁ ଗଲେ ସତ କିନ୍ତୁ ସେଥିରେ ତାଙ୍କର ମନ ଆଦୌ ଲାଗୁ ନଥାଏ ।

ସେନାପତି ବହୁଦିନ ଧରି ରାଜକୁମାରଙ୍କୁ ଅନୁଧ୍ୟାନ କରି ବିବ୍ରତ ଅବସ୍ଥାରେ ରାଜାଙ୍କ ନିକଟରେ ପହଞ୍ଚିଲେ । ସେନାପତିଙ୍କର ବିବ୍ରତ ଅବସ୍ଥା ଦେଖି ରାଜା ତାହାର କାରଣ ଜାଣିବାକୁ ଚାହିଁଲେ । ତତ୍‌କ୍ଷଣାତ୍ ସେ କହିଲେ-ମହାରାଜ ! ରାଜକୁମାରଙ୍କୁ ମୁଁ ବହୁଦିନ ଧରି ଅନୁସରଣ କରୁଛି । ତାଙ୍କର ଧ୍ୟାନ ଅସ୍ତ୍ର ଏବଂ ଶାସ୍ତ୍ର ଶିକ୍ଷାରେ ରହୁନାହିଁ । ସେନାପତିଙ୍କ ଠାରୁ ଏଭଳି କଥା ଶୁଣି ରାଜା ଚିନ୍ତାଶୀଳ ହୋଇପଡିଲେ । ରାଜବଂଶରେ ଜଣେ ମାତ୍ର ରାଜକୁମାର ସେ ଯଦି ନିଜ ଭାଗ୍ୟକୁ ନ ବଦଳାଇବେ ଭବିଷ୍ୟତରେ ରାଜ୍ୟର ଭାର ସମ୍ଭାଳିବ କିଏ ? ରାଜାଙ୍କ ମନ ମଧ୍ୟରେ ଅସୁମାରୀ ପ୍ରଶ୍ନ ଜମାଟ ବାନ୍ଧୁଥାଏ । କ୍ଷତ୍ରିୟ ଶତ୍ରୁଙ୍କ ସହିତ ଯୁଦ୍ଧ କରିବ । ଶତ୍ରୁଙ୍କୁ ପରାସ୍ତ କରି ରାଜ୍ୟ ତଥା ପ୍ରଜାଙ୍କ ଜୀବନର ସାହାରା ହେବ । କ୍ଷତ୍ରିୟ କେବେ ବଢ଼େଇ କାମ କରିପାରିବ ନାହିଁ । ଜଣେ କ୍ଷତ୍ରିୟ ରାଜା ହେବାପାଇଁ ଅସ୍ତ୍ର ଓ ଶାସ୍ତ୍ର ଶିକ୍ଷା ନିହାତି ଜରୁରୀ । କିନ୍ତୁ ପ୍ରତିଦିନ ରାତିରେ ସମସ୍ତେ ଶୋଇଯିବା ପରେ ରାଜକୁମାର ଲୁଚି ଲୁଚି ଯାଇ ବଢ଼େଇ ପାଖରେ ପହଞ୍ଚିଯାଆନ୍ତି । କାଠ କାର୍ଯ୍ୟରେ ବଢ଼େଇକୁ ସାହାଯ୍ୟ କରନ୍ତି । ସେ ମନେ ମନେ ସ୍ଥିର କରିଥାନ୍ତି ତାଙ୍କ କାର୍ଯ୍ୟ ଦେଖି ପିତାଶ୍ରୀ ନିଶ୍ଚୟ ଖୁସି ହେବେ ।

ହଠାତ୍ ଦିନେ ସେହି ରାଜ୍ୟରେ ଶତ୍ରୁ ରାଜ୍ୟ ଆକ୍ରମଣ କଲା । ରାଜାଙ୍କର ଶୋଚନୀୟ ପରାଜୟ ହେଲା । ସେ ନିଜେ ଏବଂ ପରିବାରକୁ ସୁରକ୍ଷିତ ରଖିବା ପାଇଁ ଜଙ୍ଗଲରେ ଯାଇ ଆତ୍ମଗୋପନ କଲେ । ଗ୍ରୀଷ୍ମ ବର୍ଷା ଋତୁ ହେଉ କି ଶୀତ ଋତୁ ହେଉ ରାଜା ପ୍ରତ୍ୟହ ଗୋଟେ ଗଛ ମୂଳରେ ବିଶ୍ରାମ ନିଅନ୍ତି । ଜଙ୍ଗଲ ମଧ୍ୟରେ ଖାଇବା ପିଇବାର ବିଶେଷ ଅସୁବିଧା ହେଉଥାଏ । ଚିନ୍ତାରେ ରହିବା ହେତୁ ରାଜାଙ୍କ ସ୍ୱାସ୍ଥ୍ୟରେ ଅବନତି ହେଉଥାଏ ।

ରାଜକୁମାର ପିତାଙ୍କ ସ୍ୱାସ୍ଥ୍ୟ ହାନି ହେବାର ଦେଖି ଅଧୀର ହୋଇପଡିଲେ । ତୁରନ୍ତ ଜଙ୍ଗଲରୁ କାଠ ସଂଗ୍ରହ କରି ଏକ ସୁନ୍ଦର ଘର ନିର୍ମାଣ କଲେ । ତା ସହିତ ପଲଙ୍କ ଏବଂ ବସିବା ଲାଗି ଚୌକି ନିର୍ମାଣ କରିଦେଲେ । ରାଜା-ରାଣୀ ଏବଂ ଅନ୍ୟ ରାଜ ପରିବାର କାଠ ନିର୍ମିତ ଘରେ ରହିଲେ । ଜଙ୍ଗଲର ଫଳ-ମୂଳ ସଂଗ୍ରହ କରି କ୍ଷୁଧା ନିବାରଣ କଲେ । ଝରଣାର ପାଣି ପିଇ ଶୋଷ ମେଣ୍ଟାଇଲେ । କ୍ରମଶଃ ରାଜାଙ୍କ ସ୍ୱାସ୍ଥ୍ୟରେ ପରିବର୍ତ୍ତନ ଆସିଲା । ରାଜାଙ୍କୁ ବିଶ୍ୱାସ ହେଉନଥାଏ ଏଭଳି ଏକ ସୁନ୍ଦର କାଠର ଘର ରାଜକୁମାର ନିଜେ ନିର୍ମାଣ କରିଛନ୍ତି । ମନେ ମନେ ସେ ଭାବୁଥାନ୍ତି ପୁତ୍ର ମୋର ରାଜ୍ୟଭାର ପାଇଁ ଅସମର୍ଥ ହୋଇପାରେ ହେଲେ ମୋ ପାଇଁ ଯାହା କରିଛି ହୁଏତ ଆଉ କେହି ପୁତ୍ର ତା' ପିତାଙ୍କ ନିମନ୍ତେ କରିନଥିବେ ।

*ବିସି-୭୪, ସଲ୍ଟ ଲେକ, କଲକତା-୬୪*
*ମୋ-୯୬୮୧୩୭୩୫୧୨*

# ବ୍ୟାଟରଙ୍କ ପରେ ବୋଲରଙ୍କ କମାଲ : ୩-୦ରେ ସିରିଜ୍ କ୍ଲିନ ସୁଇପ୍ କଲା ଭାରତ

**ଅହମ୍ମଦାବାଦ**

ବ୍ୟାଟରଙ୍କ ପରେ ବୋଲରଙ୍କ ପ୍ରଭାବଶାଳୀ ପ୍ରଦର୍ଶନ ବଳରେ ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଖେଳାଯାଉଥିବା ତୃତୀୟ ଦିନିକିଆରେ ଭାରତ ଇଂଲଣ୍ଡକୁ ୧୪୨ ରନରେ ହରାଇଛି। ଏହି ବିଜୟ ସହ ଭାରତ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌କୁ ୩-୦ରେ କ୍ଲିନ ସୁଇପ୍ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୫୦ ଓଭରରେ ୩୫୬ ରନ କରିଥିଲା। ଦଳ ପକ୍ଷରୁ ଶୁଭମନ ଗିଲ୍ ୧୧୨ ରନର ଶତକୀୟ ଇନିଂସ ଖେଳିଥିବା ଶ୍ରେୟସ ଆୟର ୭୮ ରନ ଓ ବିରାଟ କୋହଲି ୫୨ ରନ କରିଥିଲା। ଜବାବରେ ଇଂଲଣ୍ଡ ଭାରତୀୟ ବୋଲରଙ୍କ ମାପଚୁପ ବୋଲିଂର ମୁକାବିଲା କରି ନ ପାରି ୩୪.୨ ଓଭରରେ ୨୧୪ ରନରେ ଅଲଆଉଟ୍ ହୋଇଛି। ଦଳ ପକ୍ଷରୁ ଟମ୍ ବ୍ୟାଣ୍ଟନ ୩୮ ରନ ଓ ଗସ୍ ଅଟିଙ୍କସନ ୩୮ ରନ କରିଥିଲେ। ଭାରତୀୟ ବୋଲରଙ୍କୁ ମିଳିତ ସଫଳତା ମିଳିଛି। ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ଭାରତୀୟ ଦଳ ବଡ଼ ବିଜୟ ହାସଲ କରିଛି।

୩୫୭ ରନର ବିଶାଳ ବିଜୟ ଲକ୍ଷ୍ୟ ପିଛା କରିଥିବା ଇଂଲଣ୍ଡକୁ ଦୁଇ ଓପନର ବେନ ଡକେଟ୍ ଓ ଫିଲିପ ସଲ୍ଟ ବିସ୍ଫୋରକ ଆରମ୍ଭ ଦେଇଥିଲେ। ଉଭୟ ୬.୨ ଓଭରରେ ୬୦ ରନ ଯୋଡ଼ିଥିଲେ। ବେନ ଡକେଟ୍ ୨୨ ବଲରୁ ୮ ଚୌକା ସହ ୩୪ ରନ କରି ଅର୍ଶଦୀପ ସିଂଙ୍କ ଶିକାର ହୋଇଥିଲେ। ଫିଲିପ୍ ସଲ୍ଟ ୨୩ ରନ କରି ଅର୍ଶଦୀପ ସିଂଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ୮୦ ରନରେ ଦୁଇ ଓପନରଙ୍କୁ ହରାଇବା ପରେ ଇଂଲଣ୍ଡର ଇନିଂସ ଟମ୍ ବ୍ୟାଣ୍ଟନ ଓ ହ୍ୟାରି ବ୍ରୁକ ସମ୍ଭାଳିଥିଲେ ହେଁ ଦଳ ନିୟମିତ ବ୍ୟବଧାନରେ ୱିକେଟ୍ ହରାଇ ଚାଲିଥିଲା। ଦୁଇ ବ୍ୟାଟର ତୃତୀୟ ୱିକେଟ୍ ପାଇଁ ୪୬ ରନ ଯୋଡ଼ିଥିଲେ। ଟମ୍ ବ୍ୟାଣ୍ଟନ ୩୮ ରନର ଉପଯୋଗୀ ଇନିଂସ ଖେଳିଥିଲେ। ତାଙ୍କୁ ଆଉଟ୍ କରି କୁଲଦୀପ ଯାଦବ ଦଳକୁ ବଡ଼ ସଫଳତା ଦେଇଥିଲେ।




ଏହା ପରେ ଜୋ ରୁଟ୍ ୨୪ ରନ କରି ପାଭିଲିୟନ ଫେରିଥିଲେ। ଅଧିନାୟକ ଜୋସ୍ ବଟଲର(୬) ଓ ଲିୟାମ ଲିଭିଙ୍ଗଷ୍ଟୋନ(୯) କରି ଦଳକୁ ନିରାଶ କରିଥିଲେ। ହ୍ୟାରି ବ୍ରୁକ ୨୪ ରନ କରି ପାଭିଲିୟନ ଫେରିଥିଲେ। ନିମ୍ନକ୍ରମରେ ଗସ୍ ଅଟିଙ୍କସନ ୧୯ ବଲରୁ ୩୮ ରନର ଧୂଆଁଧାର ଇନିଂସ ଖେଳିବାରୁ ଇଂଲଣ୍ଡ ୨୧୪ ରନରେ ପହଞ୍ଚି ପାରିଥିଲା। ଭାରତ ପକ୍ଷରୁ ବୋଲିଂରେ ଅର୍ଶଦୀପ ସିଂ, ହର୍ଷିତ ରାଣା, ହାର୍ଦ୍ଦିକ ପାଣ୍ଡ୍ୟା ଓ ଅକ୍ଷର ପଟେଲ ପ୍ରତ୍ୟେକଙ୍କୁ ୨ଟି ଲେଖାଏଁ ସଫଳତା ମିଳିଛି।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିବାକୁ ମଇଦାନକୁ ଓହ୍ଲାଇଥିବା ଭାରତର ଆରମ୍ଭ ନୈରାଶ୍ୟଜନକ ଥିଲା। ଅଧିନାୟକ ରୋହିତ ଶର୍ମା(୧) ଦ୍ୱିତୀୟ ଓଭରରେ ଆଉଟ୍ ହୋଇଥିଲେ। ଏହା ପରେ ଶୁଭମନ ଗିଲ୍ ଓ ବିରାଟ କୋହଲି ଦଳର ବ୍ୟାଟିଂ ମଙ୍ଗ ସମ୍ଭାଳିଥିଲେ। ଉଭୟ ବ୍ୟାଟର ଚିତ୍ତାକର୍ଷକ ବ୍ୟାଟିଂ କରି ଇଂଲଣ୍ଡ ବୋଲରଙ୍କୁ ଚାପରେ ରଖିଥିଲେ। ଏହି କ୍ରମରେ ଦୁଇ ବ୍ୟାଟର ନିଜ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ। ଦୀର୍ଘ ଦିନ ଧରି ଖରାପ ଫର୍ମ ଦେଇ ଗତି କରୁଥିବା ବିରାଟ କୋହଲି ୫୫ ବଲରୁ ୭ ଚୌକା ଓ ୧ ଛକା ସହ ୫୨ ରନ କରି ଆଉଟ୍ ହୋଇଥିଲେ। ଏହା ପୂର୍ବରୁ ଗିଲ୍ ଓ କୋହଲି ଦ୍ୱିତୀୟ ୱିକେଟ୍ ପାଇଁ ୧୧୬ ରନର ଶତକୀୟ ଭାଗିଦାରୀ ଯୋଡ଼ିଥିଲେ।

ଏହା ପରେ ଗିଲ୍ ଓ ଶ୍ରେୟସ ଆୟରଙ୍କ ମଧ୍ୟରେ ଆଉ ଏକ ଶତକୀୟ ଭାଗିଦାରୀ ଦେଖିବାକୁ ମିଳିଥିଲା। ଗିଲ୍ ଦିନିକିଆରେ ନିଜର ଚମତ୍କାର ଫର୍ମ ଜାରି ରଖି ଦିନିକିଆରେ ସପ୍ତମ ଶତକ ପୂରଣ କରିଥିଲେ। ଏହି ଶତକ ଜରିଆରେ ସେ ଅନେକ ରେକର୍ଡ ଭାଙ୍ଗିଛନ୍ତି। ଗିଲ୍ ୧୦୨ ବଲରୁ ୧୪ ଚୌକା ଓ ୩ ଛକା ସହ ୧୧୨ ରନ କରି ଆଉଟ୍ ହୋଇଥିଲେ। ଆୟର ଓ ଗିଲ୍ ତୃତୀୟ ୱିକେଟ୍‌ରେ ୧୦୪ ରନ ଯୋଡ଼ି ଦଳର ସ୍ଥିତି ମଜବୁତ କରିଥିଲେ।

ଅନ୍ୟପଟେ ଶ୍ରେୟସ ଆୟର ଆଉ ଏକ ଅର୍ଦ୍ଧଶତକୀୟ ଇନିଂସ ଖେଳିଛନ୍ତି। ସେ ୬୪ ବଲରୁ ୮ ଚୌକା ଓ ୨ ଛକା ସହ ୭୮ ରନ କରି ପାଭିଲିୟନ ଫେରିଥିଲେ। ତାଙ୍କ ପରେ କେଏଲ ରାହୁଲ ନିମ୍ନ କ୍ରମରେ ଉପଯୋଗୀ ବ୍ୟାଟିଂ କରିଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ୯ ବଲରୁ ୧୭ ରନ ଓ ଅକ୍ଷର ପଟେଲ୍ ୧୩ ରନ କରି ଆଉଟ୍ ହୋଇଥିଲେ। କେଏଲ ରାହୁଲ ଦ୍ରୁତ ବ୍ୟାଟିଂ କରି ୨୯ ବଲରୁ ୪୦ ରନ କରି ଆଉଟ୍ ହୋଇଥିଲେ। ଶେଷ ଆଡ଼କୁ ହର୍ଷିତ ରାଣା ୧୩ ରନ ଓ ୱାଶିଂଟନ ସୁନ୍ଦର ୧୪ ରନ କରି ଆଉଟ୍ ହୋଇଥିଲେ। ଏହିପରି ଭାରତ ୫୦ ଓଭରରେ ସମସ୍ତ ୱିକେଟ୍ ହରାଇ ୩୫୬ ରନ କରି ପାରିଛି।

ବୋଲିଂରେ ଇଂଲଣ୍ଡ ପକ୍ଷରୁ ଆଦିଲ ରଶିଦ ୬୪ ରନ ବ୍ୟୟ କରି ସର୍ବାଧିକ ୪ ଟି ସଫଳତା ପାଇଛନ୍ତି। ମାର୍କ ଉଡ୍‌ଙ୍କୁ ଦୁଇଟି ୱିକେଟ୍ ମିଳିଥିବା ବେଳେ ଶାକିବ ମେହମୁଦ, ଗସ ଏଟିଙ୍କନ ଓ ଜୋ ରୁଟ୍ ପ୍ରତ୍ୟେକଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଛି।

# ଯଶସ୍ୱୀଙ୍କ ସ୍ଥାନରେ ବରୁଣଙ୍କୁ ମିଳିଲା ଟିମ୍ ଇଣ୍ଡିଆରେ ସ୍ଥାନ

**ନୂଆଦିଲ୍ଲୀ**

ଚାମ୍ପିଅନ ଟ୍ରଫି ୨୦୨୫ ପୂର୍ବରୁ ଟିମ ଇଣ୍ଡିଆ କିଛି ବଡ଼ ପରିବର୍ତ୍ତନ କରିଛି। ଜସପ୍ରିତ ବୁମ୍‌ରା ଆଘାତ ଯୋଗୁ ଟୁର୍ନାମେଣ୍ଟରୁ ବାହାର ହୋଇଯାଇଛନ୍ତି। ବୁମ୍‌ରାଙ୍କ ସହିତ ଯଶସ୍ୱୀ ଜୟସ୍ୱାଲଙ୍କ ଉପରେ ମଧ୍ୟ ବ୍ରେକ୍ ଲଗାଯାଇଛି। ଯଶସ୍ୱୀଙ୍କ ସ୍ଥାନରେ ସ୍ପିନ ବୋଲର ବରୁଣ ଚକ୍ରବର୍ତ୍ତୀଙ୍କୁ ସୁଯୋଗ ଦିଆଯାଇଛି। ଯଶସ୍ୱୀଙ୍କ ସହିତ ମହମ୍ମଦ ସିରାଜ ଏବଂ ଶିବମ ଦୁବେ ମଧ୍ୟ ଦଳ ସହିତ ଯିବେ ନାହିଁ। କିନ୍ତୁ ଆବଶ୍ୟକ ହେଲେ ସେମାନଙ୍କୁ ଡକାଯାଇପାରେ। ବିସିସିଆଇ କହିଛି, ବୁମ୍‌ରାଙ୍କ ସ୍ଥାନରେ ହର୍ଷିତ ରାଣାଙ୍କୁ ଟିମ ଇଣ୍ଡିଆରେ ସ୍ଥାନ ମିଳିଛି। ସେହିପରି ଯଶସ୍ୱୀ ଜୟସ୍ୱାଲ ମଧ୍ୟ ଏବେ ଟିମଓ ଇଣ୍ଡିଆ ସହିତ ଯାଇପାରିବେ ନାହିଁ। ତାଙ୍କ ସ୍ଥାନରେ ବରୁଣଙ୍କୁ ସୁଯୋଗ ଦିଆଯାଇଛି। ଆବଶ୍ୟକ ହେଲେ ଯଶସ୍ୱୀ, ଦ୍ରୁତ ବୋଲର ସିରାଜ ଏବଂ ଅଲରାଉଣ୍ଡର ଶିବମ ଦୁବେଙ୍କୁ ଦୁବାଇ ପଠାଯାଇପାରେ। କିନ୍ତୁ ଏହି ତିନିଜଣ ଖେଳାଳି ମୁଖ୍ୟ ଦଳର ଅଂଶ ନୁହଁନ୍ତି। ସ୍ପିନର ବରୁଣ ଚକ୍ରବର୍ତ୍ତୀ ବହୁତ କମ ସମୟ ମଧ୍ୟରେ ଟିମ ଇଣ୍ଡିଆରେ ନିଜର ସ୍ଥାନ ସୁରକ୍ଷିତ କରିଥିଲେ।



କଳିଙ୍ଗ ଷ୍ଟାଡ଼ିୟମରେ ହେବାକୁ ଥିବା ଏଫଆଇଏଚ୍ ପ୍ରୋ ଲିଗ୍ ୨୦୨୪-୨୫ରେ ଅଂଶଗ୍ରହଣ କରିବା ପାଇଁ ଭୁବନେଶ୍ୱର ପହଞ୍ଚିଲେ ଇଂଲଣ୍ଡ ପୁରଷ ହକି ଦଳ। (ଫଟୋ : ସମ୍ବାଦ କଳିକା)

# ଜିନ୍ଦଲ ପକ୍ଷରୁ ସ୍ଥାନୀୟ ସମ୍ପ୍ରଦାୟରେ ଫୁଟବଲ୍ ତାଲିମ କେନ୍ଦ୍ର ଆରମ୍ଭ

**କଳିଙ୍ଗନଗର, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ସମ୍ପ୍ରଦାୟକୁ ସଶକ୍ତ କରିବା ପାଇଁ ନିରନ୍ତର ପ୍ରୟାସରେ, ଷ୍ଟେନଲେସ୍ ଷ୍ଟିଲ୍ ଶିଳ୍ପର ଏକ ଅଗ୍ରଣୀ ନାମ ଜିନ୍ଦଲ୍ ଷ୍ଟେନଲେସ୍, କ୍ରୀଡ଼ାକ୍ଷେତ୍ରରେ ଯୁବ ପ୍ରତିଭାର ବିକାଶକୁ ସମର୍ଥନ କରି କର୍ପୋରେଟ୍ ସାମାଜିକ ଦାୟିତ୍ୱ (ଉଫଜ) ପ୍ରତି ଏହାର ପ୍ରତିବଦ୍ଧତା ଜାରି ରଖିଛି। କମ୍ପାନୀ ୯ରୁ ୧୪ ବର୍ଷ ବୟସର ପିଲାମାନଙ୍କୁ ଫୁଟବଲ୍ ତାଲିମ ପ୍ରଦାନ କରିବା ପାଇଁ ଏକ ପଦକ୍ଷେପ ଆରମ୍ଭ କରିଛି, ଏହା ସହିତ ସେମାନଙ୍କ ତାଲିମ ପାଇଁ ଆବଶ୍ୟକୀୟ ଉପକରଣ ମଧ୍ୟ ଯୋଗାଇ ଦେଇଛି। ଏହି ଅବସରରେ ଚଳିତ ମାସ ୭ ତାରିଖରେ ଦାନଗଦି ବ୍ଲକ ଅନ୍ତର୍ଗତ ଶାଳିଜଙ୍ଗା ପଞ୍ଚାୟତର ବେଣାପାଟିଆ, ୮ ତାରିଖରେ ସୁକିନ୍ଦା ବ୍ଲକ ଅନ୍ତର୍ଗତ କାଙ୍କଡପାଳ ପଞ୍ଚାୟତ ର ଗରାମିଆ ଓ ରାଂଶଳ ପଞ୍ଚାୟତର କାଳରଙ୍ଗିତା ଏବଂ ଭୁବନ ବ୍ଲକ ଅନ୍ତର୍ଗତ ମଲୁଆଗୋଡା ଗ୍ରାମର ୨୦ ଜଣ ଲେଖା ପିଲାଙ୍କୁ ଚୟନ କରି ଫୁଟବଲ ପ୍ରଶିକ୍ଷଣ ଦିଆଯାଉଅଛି। ଜେଏସଏଲ ଦ୍ୱାରା ପରିଚାଳିତ, ଏହି କୋଚିଂ ସେଣ୍ଟର ଗୁଡିକରେ ସ୍ଥାନୀୟ କିଶୋରମାନଙ୍କୁ ଉଚ୍ଚମାନର କ୍ରୀଡା ତାଲିମ ପ୍ରଦାନ କରାଯାଉଛି। ଦିଲ୍ଲୀର ସୁଦେବା ଫୁଟବଲ୍ ଏକାଡେମୀର ଜଣେ ପ୍ରଶିକ୍ଷିତ ପ୍ରଶିକ୍ଷକ ସକାଳ ଏବଂ ସନ୍ଧ୍ୟାରେ ୯ ରୁ ୧୩ ବର୍ଷ ବୟସର ଯୁବ ଖେଳାଳିଙ୍କ ପାଇଁ ପ୍ରଶିକ୍ଷଣ ଅଧିବେଶନ ପରିଚାଳନା କରୁଛନ୍ତି। ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ମାନଙ୍କ ଜରିଆରେ ଖେଳାଳିମାନଙ୍କୁ ଛତୁଆ, ଗୁଡ ଅଣ୍ଡା ଓ କଦଳୀ ଭଳି ପୋଷଣଯୁକ୍ତ ଖାଦ୍ୟ ମଧ୍ୟ ଯୋଗାଇ ଦିଆଯାଉଛି। ତାଲିମ ବ୍ୟତୀତ, ଜିନ୍ଦଲ୍ ଷ୍ଟେନଲେସ୍ ବଲ୍, ଜୋତା ଏବଂ ୟୁନିଫର୍ମ ସମେତ ଫୁଟବଲ୍ କିଟ୍ ଦାନ କରିଛି, ଯାହା ନିଶ୍ଚିତ କରେ ଯେ ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କ ପାଖରେ ଉତ୍କର୍ଷ ହାସଲ କରିବା ପାଇଁ ଆବଶ୍ୟକୀୟ ସମ୍ବଳ ଉପଲବ୍ଧ ଅଛି।




ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଯଥାକ୍ରମେ ବିଜୟଲକ୍ଷ୍ମୀ ଦାସ, ସଞ୍ଜୟ କୁମାର ପରିଡା ଓ କନକାଲତା ସରଦାର ପାତ୍ର ପ୍ରଶିକ୍ଷାର୍ଥୀମାନଙ୍କୁ ଜର୍ସି, ଷ୍ଟଡ୍, ଫୁଟବଲ୍ ଏବଂ ଅନ୍ୟାନ୍ୟ ଖେଳ ସାମଗ୍ରୀ ବଣ୍ଟନ କରିବା ସମୟରେ, ଯୁବ ଖେଳାଳିମାନଙ୍କ ପାଇଁ ତାଙ୍କର ଆକାଂକ୍ଷା ପ୍ରକାଶ କରିଥିଲେ, ଆଶା କରିଥିଲେ ଯେ ଦିନେ ସେମାନେ ଫୁଟବଲ୍ ପ୍ରତିଯୋଗିତାରେ ଦେଶକୁ ପ୍ରତିନିଧିତ୍ୱ କରିବେ। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ସିଏସଆର ବିଭାଗର ମୁଖ୍ୟ ସୁକାନ୍ତ କୁମାର ରଥ 'ଜିନ୍ଦଲ୍ ଷ୍ଟେନଲେସ୍‌ରେ, ଆମେ ଏହି ପିଲାମାନଙ୍କୁ ବୃତ୍ତିଗତ ପ୍ରଶିକ୍ଷଣ ଏବଂ ଗୁଣାତ୍ମକ ତାଲିମ ପ୍ରଦାନ କରି ଯୁବ ମନକୁ ଗଠନ କରିବା ଏବଂ ଦଳଗତ କାର୍ଯ୍ୟ, ଶୃଙ୍ଖଳା ଏବଂ ଦୃଢ଼ତାକୁ ଉତ୍ସାହିତ କରିବା ପାଇଁ କ୍ରୀଡାର ଶକ୍ତିରେ ବିଶ୍ୱାସ କରୁ' ବୋଲି ମତବ୍ୟକ୍ତ କରିଥିଲେ। ଏହି ପଦକ୍ଷେପ ଗୁଡ଼ିକ ମାଧ୍ୟମରେ, ଜେଏସେଲ ସ୍ଥାନୀୟ ଯୁବପିଢ଼ି ଏବଂ ସମ୍ପ୍ରଦାୟର ସଦସ୍ୟମାନଙ୍କ ପାଇଁ ଦକ୍ଷତା ବିକାଶ, ସ୍ୱାସ୍ଥ୍ୟ ଏବଂ ସୁଯୋଗ ପ୍ରଦାନ ପ୍ରତି ଏହାର ଉତ୍ସର୍ଗୀକୃତତା ପ୍ରଦର୍ଶନ କରିଚାଲିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ କିଛି ଦିନ ତଳେ ସୋଲେଇ ଠାରେ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମ ଜରିଆରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ର ଶୁଭାରମ୍ଭ କରାଯାଇଥିଲା ଓ ଏବେ ସୁଦ୍ଧା ମୋଟ ୫ଟି ସ୍ଥାନରେ ଏହିଭଳି ପ୍ରଶିକ୍ଷଣ କେନ୍ଦ୍ର ଜିନ୍ଦଲ ତରଫରୁ ଚାଲୁଛି।

## ଲାଞ୍ଚ ନେବା ଘଟଣାରେ ଖଣ୍ଡଗିରି ସବ ରେଜିଷ୍ଟ୍ରର ବିଶ୍ୱଜିତ ପ୍ରଧାନ ନିଲମ୍ବିତ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ପାର୍ଟ ପ୍ଲଟ ରେଜିଷ୍ଟ୍ରେସନ ପାଇଁ ହାତ ଗୁଞ୍ଜା ନେବା ଘଟଣାରେ ନିଲମ୍ବିତ ସବ୍ ରେଜିଷ୍ଟ୍ରାର। ଖଣ୍ଡଗିରି ସବ୍ ରେଜିଷ୍ଟ୍ରର ବିଶ୍ୱଜିତ ପ୍ରଧାନଙ୍କ ନିଲମ୍ବନ ନେଇ ବିଜ୍ଞପ୍ତି ଜାରି କଲା ରାଜସ୍ୱ ବିଭାଗ। ନିଲମ୍ବନ ପରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏବେ ବିଶ୍ୱଜିତଙ୍କ ହେଡକ୍ୱାର୍ଟର୍ସ। ବିନା ଅନୁମତିରେ ହେଡକ୍ୱାର୍ଟର୍ସ ନ ଛାଡିବାକୁ ବିଭାଗ ନିର୍ଦ୍ଦେଶ ଦେଇଛି। ଗତ ଡିସେମ୍ବର ୯ ତାରିଖରେ ଖଣ୍ଡଗିରି ସବ୍‌ରେଜିଷ୍ଟର ଅଫିସର କିରାଣୀ ଦେବଯାନୀ କର ପାର୍ଟ ପ୍ଲଟ ରେଜିଷ୍ଟ୍ରେସନ ପାଇଁ ୨୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରା ପଡ଼ିଥିଲେ । ପରେ ତାଙ୍କ ଘର ସର୍ଚ୍ଚ ବେଳେ ୧୫ ଲକ୍ଷ ଟଙ୍କା ମିଳିଥିଲା। ବିଭାଗର ସ୍କାନରରେ ଲାଞ୍ଚ ନେଉଥିବା ଆଉ କିଛି ସବରେଜିଷ୍ଟରଙ୍କ ନାଁ ଥିବା ସୂଚନା ମିଳିଛି ।

# କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ଉନ୍ନୟନ କମିଟି ବୈଠକ




**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ଉନ୍ନୟନ କମିଟିର ବୈଠକ ଜିଲ୍ଲା ପରିଷଦ ସାଧାରଣ ସଭାଗୃହ ଠାରେ ବିଧାୟକ ଗଣେଶ୍ୱର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ, କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ସମସ୍ତ ବିଭାଗୀୟ ବିକାଶ ମୂଳକ କାର୍ଯ୍ୟକ୍ରମର ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଆଲୋଚ୍ୟ ବିଷୟବସ୍ତୁ ମଧ୍ୟରେ ବିଧାୟକଙ୍କ ଆଞ୍ଚଳିକ ବିକାଶ ପାଣ୍ଠି (ଏମଏଲଏଲାଡ ଫଣ୍ଡ), ଜିଲ୍ଲା ସଂସ୍କୃତି ବିଭାଗ ଦ୍ୱାରା ପ୍ରଦତ୍ତ କଳାକାର ଭତ୍ତାର ସ୍ଥିତି, ପୂର୍ତ୍ତ ବିଭାଗ ଅଧୀନରେ ନିର୍ମାଣଧୀନ ଥିବା ରାସ୍ତା ଏବଂ ପୋଲ ଇତ୍ୟାଦି ଜଳସମ୍ପଦ ଅଧୀନରେ କାର୍ଯ୍ୟକାରୀ ହେଉଥିବା ନଦୀବନ୍ଧ ସଙ୍କ୍ରାନ୍ତୀୟ ତଥ୍ୟ, ଜଳ ଯୋଗାଣ ତଥା ନଳକୂପ ସ୍ଥାପନ ପାଇଁ ଥିବା ପ୍ରସ୍ତାବ ଆଦି, ନିର୍ବାଚନ ମଣ୍ଡଳୀ ଅଧିନ ମଣ୍ଡିରେ ଖରିଫ ଧାନ ସଂଗ୍ରହ ସମ୍ବନ୍ଧୀୟ, ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି, ମିଶନ ଶକ୍ତି ଗୃହ ନିର୍ମାଣ, ବିଦ୍ୟୁତ ସଂଯୋଗୀକରଣ, ନୂତନ ଟ୍ରାନ୍ସଫରମର ସ୍ଥାପନ ତଥା ଅନ୍ୟାନ୍ୟ ବିଭାଗୀୟ ଉନ୍ନୟନ କାର୍ଯ୍ୟ ଆଦି ସ୍ଥାନ ପାଇଥିଲା ସମସ୍ତ ବିକାଶ ମୂଳକ କାର୍ଯ୍ୟର ଦ୍ୱରିତ କାର୍ଯ୍ୟାନ୍ୱୟନ ନିମନ୍ତେ ମାନ୍ୟବର ବିଧାୟକ ଗୁରୁତ୍ୱାରୋପ କରିଥିବା ବେଳେ ଏହା କିପରି ସଠିକ ସମୟ ମଧ୍ୟରେ ସମ୍ପାଦନ ହେବ ଏଥିପ୍ରତି ଧ୍ୟାନ ଦେବାପାଇଁ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ବୈଠକକୁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର ଆବାହନ କରିଥିବା ବେଳେ ଜିଲ୍ଲା ପରିଷଦ ଅଧକ୍ଷା ସୁଶ୍ରୀ ଲିଳିତା ଦାସ, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ବିଡିଓ କେନ୍ଦ୍ରାପଡା, ବିଡିଓ ପଟ୍ଟାମୁଣ୍ଡାଇ, ତହସିଲଦାର କେନ୍ଦ୍ରାପଡ଼ା, ତହସିଲଦାର ପଟ୍ଟାମୁଣ୍ଡାଇ, ନିର୍ବାହୀ ଅଧିକାରୀ, କେନ୍ଦ୍ରାପଡା ପୌରପାଳିକା ଏବଂ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସର୍ବଶେଷରେ ବିଡିଓ ପଟ୍ଟାମୁଣ୍ଡାଇ ଧନ୍ୟବାଦ ଅର୍ପଣ କରିଥିଲେ।

# ୟୁଏଆଇଏଲ୍‌ର 'ପ୍ରୋଜେକ୍ଟ ନୀର' ରାୟଗଡ଼ାରେ କୃଷି ପାଇଁ ନୂତନ ଜୀବନ ଆଣିଛି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରାୟଗଡା ଜିଲ୍ଲାର ହାଡିଗୁଡା ଗ୍ରାମପଞ୍ଚାୟତ ଅଧୀନରେ ଥିବା କୁଗୁପୁଟ ଗ୍ରାମ ଜଳାଭାବକୁ ନେଇ ଦୀର୍ଘକାଳରୁ ସଂଘର୍ଷ କରିଆସୁଥିଲା ଏବଂ ଏହି ଗ୍ରାମର କୃଷକମାନେ ବୃଷ୍ଟିପୁଷ୍ଟ କୃଷି କାର୍ଯ୍ୟ ଉପରେ ନିର୍ଭରଶୀଳ ଥିଲେ, ଯେଉଁମାନେ ଅନିୟମିତ ବର୍ଷା ପାଇଁ ଶଙ୍କାରେ ରହୁଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ବିଷୟର ସମାଧାନ କରିବାକୁ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ୍ (ୟୁଏଆଇଏଲ), ଭାରତ ରୁରାଲ ଲାଇଭଲିହୁଡ୍ ଫାଉଣ୍ଡେସନ (ବିଆରଏଲଏଫ) ସହଯୋଗୀତାରେ ଏକ ଦୀର୍ଘସ୍ଥାୟୀ ଜଳ ସମ୍ପଦ ପରିଚାଳନା ପ୍ରକଳ୍ପ 'ପ୍ରୋଜେକ୍ଟ ନୀର' କାର୍ଯ୍ୟକାରୀ କରିଛି ଯାହା ଗ୍ରାମର କୃଷି ପରିବ୍ୟବସ୍ଥାକୁ ପୁନଃଶକ୍ତି ଯୋଗାଇଛି ଏବଂ ଅର୍ଥନୈତିକ ସ୍ଥିରତାକୁ ପ୍ରୋତ୍ସାହିତ କରିଛି।

ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଏବଂ ସାଧାରଣ ବର୍ଗଙ୍କୁ ନେଇ ୧୨୭ ପରିବାର ବାସ କରୁଥିବା କୁଗୁପୁଟ ଦୀର୍ଘକାଳରୁ ବୃଷ୍ଟିପୁଷ୍ଟ କୃଷି ଉପରେ ନିର୍ଭର କରିଆସୁଥିଲା, ଯେଉଁଥିରେ ମୁଖ୍ୟତଃ ଖରିଫ ଋତୁରେ ଗୋଟିଏ ମାତ୍ର ଫସଲ କରାଯାଉଥିଲା। ଅନିୟମିତ ବର୍ଷା ଏବଂ ଆବଶ୍ୟକ ମୁତାବକ ଜଳସେଚନ ବ୍ୟବସ୍ଥା ଅଭାବରୁ ଏହି ଗ୍ରାମ ବର୍ଷକୁ ୧୫ରୁ ୨୦ ପ୍ରତିଶତ ଶସ୍ୟହାନୀ ପରିସ୍ଥିତିର ସାମ୍ନା କରୁଥିଲା। ଏକ ଚିରସ୍ରୋତା ଝରଣା ଥିବା ସତ୍ତ୍ୱେ ଜଳସମ୍ପଦକୁ ସଠିକ ଭାବରେ ବିନିଯୋଗ କରାଯାଉନଥିଲା, ଏଥିରେ ପୂର୍ବରୁ ଏକ ଆଡ଼ିବନ୍ଧ ନିର୍ମାଣ ଉଦ୍ୟମ କରାଯାଇଥିଲେ ମଧ୍ୟ ତାହା ପର୍ଯ୍ୟାପ୍ତ ହୋଇନଥିଲା।



ଏହି ଚାଲେଞ୍ଜଗୁଡିକର ଜରୁରୀ ସ୍ଥିତିକୁ ଅନୁଭବ କରି ୟୁଏଆଇଏଲ୍ ଏବଂ ବିଆରଏଲଏଫ୍ ଅସାମର୍ଥ୍ୟ, ପଙ୍କ ଜମିବା ଏବଂ ନିମ୍ନମାନର ଡିଜାଇନ କରାଯାଇଥିବା ଜଳ ମହଜୁଦ ବ୍ୟବସ୍ଥା ସମେତ ମୂଳ କାରଣ ଚିହ୍ନଟ କରିବାକୁ ଏକ ପୂର୍ଣ୍ଣାଙ୍ଗ ସର୍ବେକ୍ଷଣ କରିଥିଲେ। 'ପ୍ରୋଜେକ୍ଟ ନୀର' ଅଧୀନରେ ଲୁକ୍ ବୋଲଡର ଚେକ୍ ଡ୍ୟାମ, ଗାର୍ବିଅନ ଷ୍ଟ୍ରକଚର ଏବଂ ରହିଥିବା ଡ୍ୟାମଗୁଡିକର ଉନ୍ନତିସାଧନ ଭଳି ସମାଧାନଗୁଡିକ ନିମନ୍ତେ ପ୍ରସ୍ତାବ ଦିଆଯାଇଥିଲା। ଏହି ପ୍ରକଳ୍ପରେ ସ୍ଥାନୀୟ ଜନସାଧାରଣଙ୍କୁ ପାର୍ଟିସିପେଟରୀ ରୁରାଲ ଆପ୍ରେଜାଲ (ପିଆରଏ) ଭଳି ସାଧନ ଜରିଆରେ ପ୍ରକଳ୍ପର ଯୋଜନା ପ୍ରସ୍ତୁତି ଓ ତାହାର କାର୍ଯ୍ୟାନ୍ୱୟନରେ ସଂପୃକ୍ତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

ଏକ ଦାୟିତ୍ୱସମ୍ପନ୍ନ କର୍ପୋରେଟ ସଂସ୍ଥା ଭାବରେ ଉତ୍କଳ ଆଲୁମିନିୟମ ଇଣ୍ଟରନ୍ୟାସନାଲ ଲିମିଟେଡ ଆଦିବାସୀବହୁଳ ଆଭ୍ୟନ୍ତରୀଣ ଅଞ୍ଚଳରେ ସାମାଜିକ-ଅର୍ଥନୈତିକ କଲ୍ୟାଣ ଏବଂ ଜୀବନରେ ରୂପାନ୍ତରଣ ଆଣିବାକୁ ପ୍ରତିବଦ୍ଧ ରହିଛି। ୟୁଏଆଇଏଲର ସମସ୍ତ ପ୍ରକଳ୍ପଗୁଡିକ ରାଜଶ୍ରୀ ବିର୍ଲାଙ୍କ ଅଧକ୍ଷତାରେ ପରିଚାଳିତ ଆଦିତ୍ୟ ବିର୍ଲା ସେଣ୍ଟର ଫର କମ୍ୟୁନିଟି ଇନିସିଏଟିଭସ୍ ଆଣ୍ଡ ରୁରାଲ ଡେଭଲପମେଣ୍ଟ ଅଧୀନରେ କାର୍ଯ୍ୟକାରୀ କରାଯାଉଛି। ଉତ୍କଳ ଆଲୁମିନାର ନିଯୋଜନତା ଓଡ଼ିଶାର ୨୫ଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ୨୩୨ଟି ଗ୍ରାମରେ ପରିବ୍ୟାପ୍ତ ହୋଇଛି। ୟୁଏଆଇଏଲ ଶିକ୍ଷା, ସ୍ୱାସ୍ଥ୍ୟ, ଦୀର୍ଘସ୍ଥାୟୀ ଜୀବିକା ଉପାର୍ଜନ, ଗ୍ରାମାଞ୍ଚଳ ଭିତ୍ତିଭୂମି ଏବଂ ଗ୍ରାମାଞ୍ଚଳ ଜନସାଧାରଣଙ୍କର ସାମାଜିକ-ଅର୍ଥନୈତିକ ଦିଗଗୁଡିକ ପ୍ରତି ୟୁଏନଏସଜି ଅନୁଯାୟୀ ଦୃଷ୍ଟିଦେବା ଭଳି ପାଞ୍ଚଟି ମୂଳ ବିଷୟ ଜରିଆରେ ୨,୦୧,୦୦୦ରୁ ଅଧିକ ଲୋକଙ୍କ ଜୀବନକୁ ସମୃଦ୍ଧ କରୁଛି ।

# ଅଧ୍ୟାପକ ବିଶ୍ୱରଂଜନ ପାଇଲେ କବି ଉପେନ୍ଦ୍ର ନାୟକ ପ୍ରତିଭା ସମ୍ମାନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପ୍ରଫେସର ଉପେନ୍ଦ୍ର ନାୟକ ଫାଉଣ୍ଡେସନ, ଭୁବନେଶ୍ୱର ପକ୍ଷରୁ କବି ଓ ନାଟ୍ୟକାର ଉପେନ୍ଦ୍ର ନାୟକଙ୍କ ୭୫ତମ ଜନ୍ମଦିବସ ଅବସରରେ ବିଶିଷ୍ଟ ଲେଖକ ଓ ବାଗ୍ମୀ ଅଧ୍ୟାପକ ବିଶ୍ୱରଂଜନଙ୍କୁ ଉପେନ୍ଦ୍ର ନାୟକ ପ୍ରତିଭା ସମ୍ମାନ-୨୦୨୫ରେ ଭୂଷିତ କରାଯାଇଥିଲା। ହୋଟେଲ ପ୍ରେସିଡ଼େନ୍ସିରେ ଆୟୋଜିତ ଏକ ବର୍ଣ୍ଣାଢ଼୍ୟ ଉତ୍ସବକୁ ଉଦ୍‌ଘାଟନ କରି ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ କବି ଉପେନ୍ଦ୍ର ନାୟକ ୮୫୦ ପୃଷ୍ଠା ସମ୍ବଳିତ ଆତ୍ମଜୀବନୀ 'ସ୍ମୃତିର ନଦୀ ତୀରେ' ଉନ୍ମୋଚନ କରି ସମକାଳୀନ ଓଡ଼ିଆ ସାହିତ୍ୟରେ ଅନ୍ୟତମ କାଣ୍ଡାରୀ ଭାବେ ଅଭିହିତ କରିଥିଲେ। ବିଶିଷ୍ଟ ଗବେଷକ ଓ ଲେଖକ ଡକ୍ଟର ବିଜୟାନନ୍ଦ ସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଉପେନ୍ଦ୍ର ନାୟକ ଗ୍ରନ୍ଥାବଳୀ-ଛନ୍ଦକାବ୍ୟ ସମଗ୍ର (ପ୍ରଥମ ଭାଗ) ଲୋକାର୍ପଣ କରି ଓଡ଼ିଆ କାବ୍ୟକବିତାରେ ଉପେନ୍ଦ୍ର ନାୟକ କାବ୍ୟ ସାଧନାକୁ ଅଭିନନ୍ଦନ ଜଣାଇଥିଲେ। ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଉପେନ୍ଦ୍ର ନାୟକଙ୍କ କବିତା ସଂକଳନ 'ଦୃଶ୍ୟ ଅଦୃଶ୍ୟ ଅପଦୃଶ୍ୟ'କୁ ଲୋକାର୍ପଣ କରି କବି ଉପେନ୍ଦ୍ର କିପରି ତାଙ୍କ କବିତା ସମାଜର ନିଚ୍ଛକ ଚିତ୍ର ଚରିତ୍ରକୁ ଅଙ୍କନ କରିଛନ୍ତି ବର୍ଣ୍ଣନା କରିଥିଲେ। ଅନ୍ୟତମ ଅତିଥି ପୂର୍ବତନ ମନ୍ତ୍ରୀ ସଂଜୟ କୁମାର ଦାସବର୍ମା ଉପେନ୍ଦ୍ରଙ୍କର କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର ଦ୍ୱାରା ପ୍ରକାଶିତ କବିତାଗ୍ରନ୍ଥ 'ଜୀବନ ଖେଳ' ଲୋକାର୍ପଣ କରି ଉପେନ୍ଦ୍ର ନାୟକଙ୍କ ଏକନିଷ୍ଠ ସାରସ୍ୱତ ସାଧନାର ପଟାନ୍ତର ନାହିଁ ବୋଲି ଉଲ୍ଲେଖ କରି ଓଡ଼ିଆ ଅସ୍ମିତା ସମ୍ପର୍କରେ ଆଲୋକପାତ କରିଥିଲେ। ଉତ୍ସବର ମୁଖ୍ୟବକ୍ତା କବି ଓ ପ୍ରଶାସକ ଡ. ରବିନାରାୟଣ ସେନାପତି କବି ଉପେନ୍ଦ୍ରଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇ ତାଙ୍କ ଲୋକାର୍ପିତ ଆତ୍ମଜୀବନୀ 'ସ୍ମୃତିର ନଦୀ ତୀରେ'ର ଭୂୟସୀ ପ୍ରଶଂସା କରିଥିଲେ। ସମ୍ମାନିତ ବକ୍ତା ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ 'ସ୍ମୃତିର ନଦୀ ତୀରେ' ସମ୍ପର୍କରେ ସମୀକ୍ଷା କରିଥିବା ବେଳେ ଡ. ବିରଞ୍ଚି ସାହୁ ଗ୍ରନ୍ଥାବଳୀ-'ଛନ୍ଦକାବ୍ୟ' ସମଗ୍ର ଉପରେ ଆଲୋକପାତ କରିଥିଲେ। କଥାକାର ପରେଶ ପଟ୍ଟନାୟକ ମାନପତ୍ର ପାଠ କରିଥିଲେ। ଦୀପା ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ. ଛତ୍ରପତି ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ପୂର୍ବତନ ମନ୍ତ୍ରୀ ଦେବେନ୍ଦ୍ର ନାଥ ମାନସିଂହ, କବି ମନୋରମା ବିଶ୍ୱାଳ ମହାପାତ୍ର, ରବିନାରାୟଣ ନନ୍ଦ, କବି ରତ୍ନାକର ରାଉତ, ଦୁର୍ଗା ଚରଣ ଷଡ଼ଙ୍ଗୀ, ସ୍ୱର୍ଣ୍ଣଲତା ପରିଡ଼ା ଓ ବିବେକାନନ୍ଦ ପାଣିଗ୍ରାହୀ ପ୍ରମୁଖ ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।



ODISHA STATE SEEDS CORPORATION LIMITED
(A GOVERNMENT UNDERTAKING)
SANTARAPUR, BHUBANESWAR - 751002.
Tel - MD 0674 - 2340573, PBX - 2340170, Fax – 2340096
CAD-2551

TENDER INVITATION No- OSSC/ Engg- 113/2025

Managing Director, Odisha State Seeds Corporation Ltd invites Percentage Rate tenders in *Double Cover System* through *ONLINE MODE ONLY* for the works below

*Values in Rs.*

| SL | Name of the Work | Cost of work without GST | EMD | Cost of Tender Document with GST | Completion period | Class of contractor |
|---|---|---|---|---|---|---|
| 1 | Installation of 11 KV OH Line and 100 KVA, 11/.04 KV Substation at Seed Processing Plant, Sundargarh | 1621810.00 Without GST | 16218.00 | 6,720.00 With GST | 180 | HT Electrical |

CRITICAL DATES

| | | |
|---|---|---|
| A | Availability of Bid Document | 14.40 hours on dt. 14.02.2025 to 17.00 hours on dt. 24.02.2025 |
| B | Last Date of Receipt of tender in the Portal | 17.00 hours on dt. 24.02.2025 |
| C | Date/ Time of Opening of Bid | 12.30 hours on dt. 25.02.2025 |

Further detail can be seen from the website https://tendersodisha.gov.in. Any addendum/ corrigendum/ cancellation can also be seen in the said website.

Sd/- Managing Director
OSSC Ltd, BBSR
OIPR-01045/11/0028/2425

GOVERNMENT OF ODISHA
OFFICE OF THE SUPERINTENDING ENGINEER, PUBLIC HEALTH DIVISION, BHAWANIPATNA
Parmanandpur, Railway Station Road, Bhawanipatna, Dist: Kalahandi, PIN-766002
e-mail: eephbhpt@gmail.com
C-1619
NATIONAL COMPETITIVE BIDDING THROUGH e-Procurement
Identification No. SEPH-BHPT- 50 of 2024-25 / Dt. 07.02.2025
e-Procurement Notice

| | | |
|---|---|---|
| 01. Name of the Work | : | 2 Nos Work. |
| 02. Type of Bid. | : | Double Bid System |
| 03. Estimated Cost | : | Rs. 53.63 lakh to 63.10 Lakh |
| 04. Period of Completion | : | 4 Calendar Months |
| 05. Date & Time of availability of bid document in the portal | : | From 11.00 AM of dt. 14.02.2025 to 5.00 PM of 06.03.2025 |
| 06. Last date / time of receipt of bids in the portal | : | 5.00 PM of 06.03.2025. |
| 07. Date & Time of opening of technical bids | : | At 11.30 AM of 07.03.2025. |
| 08. Name and Address of the Officer Inviting Bid | : | Superintending Engineer, P.H. Division, Bhawanipatna, Railway Station Road, At/Po- Parmanandpur, 766002 Dist- Kalahandi. |

Further details can be seen from the web site http://tenders.ori.nic.in or www.tendersorissa.gov.in

Sd/- Superintending Engineer
P.H. Division, Bhawanipatna
OIPR-13059/11/0021/2425

O-1464
OFFFICE OF THE SUPERINTENDING ENGINEER
R.W.S &S MECHANICAL DIVISION
D2/24 MANCHESWAR INDUSTRIAL ESTATE, BHUBANESWAR
E-mail eemrwssbbsr9@gmail.com
QUOTATION CALL NOTICENO. 09 / 2024-25, 10 / 2024-25, 11 / 2024-25, 12 / 2024-25.

The Superintending, RWS&S Mech. Division, Bhubaneswar on behalf Of the Governor of Odisha invites, sealed quotations from interested reputed Travel Agencies / Tour Operators / private individuals for providing the following type of AC (Petrol / Diesel) vehicles for official use which shall confirm to the Terms and Conditions (Appendix-A & Annexure-II) on monthly rent basis as per the following details.

| Sl. No. | Nature of work | |
|---|---|---|
| | | 1. Hiring of Vehicle for Office use of the A.C.E, RWS&S, PMD&I, Circle, Bhubaneswar.( Zest/Tigor/Swift Dzire/Xcent/Etios (Petrol)/equivalent (seating capacity not less than 5 nos) 2. Hiring of vehicle for Office use of the A.E.E, RWS&S, Mech. Sub-Division, Berhampur. (TUV 300 / Bolero / Sumo Gold / Ertica etc (seating capacity not less than 7 nos) 3. Hiring of vehicle for Office use of the A.E.E, RWS&S, Mech. Sub-Division, Baripada. (TUV 300 / Bolero / Sumo Gold / Ertica etc (seating capacity not less than 7 nos) 4. Hiring of vehicle for Office use of the A.E.E, RWS&S, Mech. Sub-Division, Cuttack at BBSR. (TUV 300 / Bolero / Sumo Gold / Ertica etc (seating capacity not less than 7 nos) |
| 1. | No. of works: | 04 (four) |
| 2. | Time for Deployment | two Years (w.e.f 01.03.2025) |
| 3. | Cost of bidding document | Rs.1000/- per each vehicle bid |
| 4. | Class of Con tractors eligible | Reputed Travel Agencies / Tour Operators / Private individuals |
| 5. | Availability of bids in the office Superintending Engineer, RWS&S Mech. Division, Bhubaneswar/ Odisha Govt. website www.khordha.nic.in | From (dt. 13.02.2025 (10.00 A.M) to dt. 24.02.2025 (1.00 P.M) |
| 6. | Last date and time for submission of Quotation papers in the Quotation box kept in the Office of the Superintending Engineer, RWS&S Mech. Division, Bhubaneswar | Dt. 24.02.2025 (1.OO P.M) |
| 7. | Date & Time of opening of bids | on dt. 24.02.2025 (3.00 P.M) in the Office of the Superintending Engineer, RWS&S Mech. Division, Bhubaneswar. |

Subsequent corrigendum if any shall display in the Office Notice Board.

Sd/- Superintending Engineer
RWS&S Mechanical Division, Bhubaneswar
OIPR-25041/11/0016/2425





# କୋଏଲ ନଗରରେ ସାମୁହିକ ବ୍ରତୋପନୟନ ଉତ୍ସବ

**ରାଉରକେଲା, ନ୍ୟୁଜ୍‌ବ୍ୟୁରୋ**

ଦଇତାପତି ସେବାୟତ ନିଯୋଗ ଆବାହକତ୍ୱରେ ସାମୁହିକ ବ୍ରତୋପୟନ ଉତ୍ସବ କୋଏଲ ନଗର ସ୍ଥିତ ଶ୍ରୀ ଶ୍ରୀ ଆଖଣ୍ଡଳମଣି ଓ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି ବ୍ରତୋପନୟନ କାର୍ଯ୍ୟକ୍ରମରେ ରାଉରକେଲା, ବଣେଇ, ଛତିଶଗଡ଼, ଦଳପୋଷ, ଫର୍ଟିଲାଇଜର, ଟିସ୍କୋ, ଝିରପାଣି ଅଞ୍ଚଳର ପ୍ରାୟ ୧୫ ଜଣ ଗରିବ ବ୍ରାହ୍ମଣ ପିଲାଙ୍କର ରୀତିନୀତି ଅନୁଯାୟୀ ବ୍ରତପୋୟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂଜକ ଭାବେ ଉପେନ୍ଦ୍ର କୁମାର ନନ୍ଦ, ନିଗମାନନ୍ଦ ପଣ୍ଡା, ସଞ୍ଜୟ ଶତପଥୀ, ଗଣେଶ ଚନ୍ଦ୍ର ଦାଶ, ରୁଦ୍ରପ୍ରତାପ ଶତପଥୀ, ମୀନକେତନ ମିଶ୍ର, ସାମନ୍ତ କୁମାର ଦାଶ, ସୁକାନ୍ତ ପଣ୍ଡା, ମହେଶ୍ୱର ପଣ୍ଡା, ଅନିରୁଦ୍ଧ ପଣ୍ଡା ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କଳିଙ୍ଗ ବୈଶ୍ୟ ସମୃଦ୍ଧି ମହିଳା ସଂଘ, କୋଏଲ ନଗର ମହିଳା ସମିତି, ପୁଷ୍ପାଞ୍ଜଳି କମିଟି ପ୍ରମୁଖ ସହଯୋଗ କରିଥିବାବେଳେ କୋଏଲ ନଗର ଯୋଗ ପରିବାର ତରଫରୁ ପଣା ବଣ୍ଟନ କରାଯାଇଥିଲା। ଶେଷରେ ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବନ୍ଦୋବସ୍ତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଶାସକ ମହେନ୍ଦ୍ର କୁମାର ପଟ୍ଟନାୟକ, ବିଜୟଲକ୍ଷ୍ମୀ ପଟ୍ଟନାୟକ ଓ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଦଇତାପତି ସେବାୟତ ନିଯୋଗର ଏହି କାର୍ଯ୍ୟକ୍ରମକୁ ସାଧାରଣରେ ପ୍ରଶଂସା କରାଯାଇଛି।





ଭୁବନେଶ୍ୱର : ଘାଟିକିଆ ସ୍ଥିତ ଶ୍ରୀ ମହା ଅନନ୍ତ ଜୀଉ ଆଶ୍ରମ ପରିସରରେ ଅଷ୍ଟତ୍ରିଂଶତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞୋତ୍ସବ-୨୦୨୫ ଉଦ୍‌ଯାପନୀ ଦିବସରେ ଠାକୁରଙ୍କ ନଗର ପରିକ୍ରମା ଏବଂ ଭକ୍ତଙ୍କୁ ଆଶୀର୍ବାଦ ପ୍ରଦାନ କରିବା ଅବସରରେ ବାବା ଶ୍ରୀ ଅଭିରାମ ସରସ୍ୱତୀ। (ଫଟୋ : ସମ୍ବାଦ କଳିକା)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## 'ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଶିକ୍ଷାଦାତାଙ୍କୁ...

୧୨ ତାରିଖରେ ଏକ ପ୍ରସ୍ତାବରେ, ଓଡ଼ିଶା ସରକାରଙ୍କ ସ୍କୁଲ ଏବଂ ଗଣଶିକ୍ଷା ବିଭାଗ ସେମାନଙ୍କର ପାରିଶ୍ରମିକ ୧୧,୧୦୦ ଟଙ୍କାରୁ ୧୬,୦୦୦ ଟଙ୍କାକୁ ବୃଦ୍ଧି କରିବା ପାଇଁ ବିଜ୍ଞପ୍ତି ଜାରି କରିଛନ୍ତି। ପ୍ରସ୍ତାବରେ ଉଲ୍ଲେଖ କରାଯାଇଛି, ସରକାର ସତର୍କତାର ସହିତ ବିଚାର କରିବା ପରେ ସମଗ୍ର ଶିକ୍ଷା ଯୋଜନାରେ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିୟୋଜିତ କନିଷ୍ଠ ଶିକ୍ଷକଙ୍କ ମାସିକ ଦରମା ବୃଦ୍ଧି କରିଛନ୍ତି।

ଆସନ୍ତା ଶିକ୍ଷାବର୍ଷରୁ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମିଳିବ ମଧ୍ୟାହ୍ନ ଭୋଜନ । ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ସ୍ପଷ୍ଟ କରିଛନ୍ତି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ଏ ନେଇ ବଜେଟରେ ପ୍ରାବଧାନ କରାଯିବ ବୋଲି ସୂଚନା ଦେଇଛନ୍ତି ଗଣଶିକ୍ଷା ମନ୍ତ୍ରୀ । ପୂର୍ବରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଇଥିବାବେଳେ ଦୁଇଟି ଶ୍ରେଣୀ ବାଦ ପଡ଼ିଯାଉଥିଲେ । ଯାହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି । ରାଜ୍ୟ ସରକାର ଏହାର ସମ୍ପୂର୍ଣ୍ଣ ଖର୍ଚ୍ଚ ବହନ କରିବେ ।

## 'ଆମେ ଏପରି ଜ୍ଞାନ ସୃଷ୍ଟି କରିବା ଯାହା...

ଅଗ୍ରଗତିକୁ ପ୍ରଶଂସା କରିଥିଲେ ଏବଂ ଏହାକୁ ବିଶ୍ୱସ୍ତରୀୟ ଉତ୍କର୍ଷତା ପାଇଁ ପ୍ରୟାସ କରିବାକୁ ଅନୁରୋଧ କରିଥିଲେ। ଆଇଆଇଟି ଭୁବନେଶ୍ୱରର ବହୁବିଧ ପାଠ୍ୟକ୍ରମ ଏବଂ ଶିଳ୍ପ-ଶିକ୍ଷା ସହଯୋଗ ଉପରେ ଧ୍ୟାନ ଏହାକୁ ପୃଥକ କରିଛି। ସେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଉଦ୍ୟୋଗୀତା ଏବଂ ନବସୃଜନର ଭାବନାକୁ ପ୍ରୋତ୍ସାହିତ କରିବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ, ଯାହା ବିଶ୍ୱସ୍ତରୀୟ ଷ୍ଟାର୍ଟ-ଅପ୍ ଇକୋସିଷ୍ଟମରେ ଭାରତର ବର୍ଦ୍ଧିତ ନେତୃତ୍ୱକୁ ପ୍ରତିଫଳିତ କରେ। ଛାତ୍ରଛାତ୍ରୀମାନଙ୍କୁ ଦୃଢ଼ ବିଶ୍ୱାସ, ସାହସ ଏବଂ କରୁଣା ସହିତ ନେତୃତ୍ୱ ନେବାକୁ ଆହ୍ୱାନ କରି, ରାଜ୍ୟପାଳ ସେମାନଙ୍କୁ ମହତ୍ୱାକାଂକ୍ଷୀ ପ୍ରକଳ୍ପଗୁଡ଼ିକୁ ଅନୁସରଣ କରିବାକୁ ଏବଂ 'ବିକଶିତ ଭାରତ' ଏବଂ 'ଏକ ଭାରତ ଶ୍ରେଷ୍ଠ ଭାରତ' ଦୃଷ୍ଟିକୋଣରେ ଯୋଗଦାନ ଦେବାକୁ ଉତ୍ସାହିତ କରିଥିଲେ। ସେ ଗୁରୁତ୍ୱାକାଂକ୍ଷୀ ବିଶ୍ୱରେ ନେତୃତ୍ୱ ଭୂମିକା ପାଇଁ ଛାତ୍ରଛାତ୍ରୀମାନଙ୍କୁ ପ୍ରସ୍ତୁତ କରିବା ପାଇଁ ପ୍ରତିଷ୍ଠାନ ଜ୍ଞାନ ସୃଷ୍ଟି ଏବଂ ଜୀବନବ୍ୟାପୀ ଶିକ୍ଷାର ସଂସ୍କୃତି ନିର୍ମାଣ ଜାରି ରଖିବା ଉଚିତ ବୋଲି ଗୁରୁତ୍ୱାକାଂକ୍ଷୀ କହିଥିଲେ। ରାଜ୍ୟପାଳ ତାଙ୍କ ଭାଷଣ ଏକ ପ୍ରେରଣାଦାୟକ ବାର୍ତ୍ତା ସହିତ ଶେଷ କରିଥିଲେ: 'ଆସନ୍ତୁ ଆମେ ଏପରି ଜ୍ଞାନ ସୃଷ୍ଟି କରିବା ଯାହା ବିଶ୍ୱକୁ ସୂଚନା ଦେବ ଏବଂ ପରିବର୍ତ୍ତନ କରିବ ଏବଂ ଛାତ୍ରଛାତ୍ରୀମାନଙ୍କୁ ବୈଷୟିକ ଭାବରେ ଭିତ୍ତିଭୂମି ବିଶିଷ୍ଟ ନେତା ଭାବରେ ପ୍ରସ୍ତୁତ କରିବ ଯେଉଁମାନେ ବିଶ୍ୱକୁ ପରିବର୍ତ୍ତନ କରିବେ।' ସେ ଛାତ୍ର ଏବଂ ଅଧ୍ୟାପକଙ୍କୁ ମହତ୍ୱାକାଂକ୍ଷୀ ଲକ୍ଷ୍ୟ ହାସଲ କରିବାକୁ ପ୍ରେରଣା ଦେଇଥିଲେ, ନିଶ୍ଚିତ କରିଥିଲେ ଯେ ଆଇଆଇଟି ଭୁବନେଶ୍ୱର ବିଶ୍ୱସ୍ତରୀୟ ପ୍ରସିଦ୍ଧ ଉତ୍କର୍ଷ ପ୍ରତିଷ୍ଠାନରେ ବିକଶିତ ହେବ।

ଏହି ଅବସରରେ ରାଜ୍ୟପାଳ ପ୍ରତିଷ୍ଠାନର ବିଭିନ୍ନ ପ୍ରମୁଖ ଗବେଷଣା ଏବଂ ବିକାଶ ସୁବିଧା ପରିଦର୍ଶନ କରିଥିଲେ। ଆଇଆଇଟି ଭୁବନେଶ୍ୱର ଗବେଷଣା ଏବଂ ଉଦ୍ୟୋଗୀତା ପାର୍କ, ସିଲିକନ୍ କାର୍ବାଇଡ୍ ଗବେଷଣା ଏବଂ ନବସୃଜନ କେନ୍ଦ୍ର, ମାଇକ୍ରୋଫାବ୍ରିକେସନ୍ ଏବଂ କ୍ୟାରେକ୍ଟରାଇଜେସନ୍ ଲ୍ୟାବ, ଭର୍ଚୁଆଲ୍ ଏବଂ ଅଗମେଣ୍ଟେଡ୍ ରିଆଲିଟି ସେଣ୍ଟର ଅଫ୍ ଏକ୍ସିଲେନ୍ସ ଏବଂ ସିଷ୍ଟମ୍ ଅନ୍ ଚିପ୍ ପରୀକ୍ଷାଗାର ଇତ୍ୟାଦି ପରିଦର୍ଶନ କରିଥିଲେ। ପ୍ରଫେସର ରାଜେଶ ରୋଶନ ଦାଶ, ଡିନ୍ (ଛାତ୍ର ବ୍ୟାପାର) ଧନ୍ୟବାଦ ପ୍ରସ୍ତାବ କରିଥିଲେ। ପ୍ରଫେସର ମିହିର ପଣ୍ଡିତ, ଡିନ୍ (ଅଧ୍ୟାପକ) ଏବଂ ପ୍ରତିଷ୍ଠାନର ରେଜିଷ୍ଟ୍ରାର ବାମାଦେବ ଆଚାର୍ଯ୍ୟ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ। ଏହି ଅବସରରେ ଏହାର ବାର୍ଷିକ ସାଂସ୍କୃତିକ ଏବଂ ଟେକ୍ନୋପ୍ରେନ୍ୟୁରସିପ୍ ଫେଷ୍ଟର ପ୍ରଥମ ସଂସ୍କରଣ, 'ପ୍ରବାହ'ର ଶୁଭାରମ୍ଭ କରାଯାଇଥିଲା, ଯାହାର ବିଷୟବସ୍ତୁ 'ସୋଲିଷ୍ଟ୍ରା ନୋଭାରିଅନ୍'- ନବସୃଜନ ଏବଂ ପରିବର୍ତ୍ତନର ପ୍ରତୀକ ।

## ଶ୍ରୀମନ୍ଦିର ମହାପ୍ରସାଦରେ...

ଆଦି ଜୈବିକ ଚାଉଳ ଦେଶୀୟ ପ୍ରଜାତିର ଜୈବିକ ଧାନ । ଏହି 'ଅମୃତ ଅନ୍ନ' ମହାପ୍ରସାଦରେ ବ୍ୟବହୃତ ହେବ। ଏଥିମଧ୍ୟରୁ କଳାଜିରା ଧାନ ଜିଆଇ ଟ୍ୟାଗ୍ (ଭୌଗୋଳିକ ସୂଚକାଙ୍କ)ରେ ସ୍ଥାନିତ ହୋଇସାରିଛି। ସଂପ୍ରତି ଓଡ଼ିଶା ଚାଉଳ ଉତ୍ପାଦକତାରେ ଜାତୀୟ ହାରଠାରୁ ଆଗରେ ରହିଛି। ଚଳିତ ବର୍ଷ କୋରାପୁଟର ୧୩୬୫ ଏକର ଜମିରେ କଳାଜିରା ଚାଉଳ ଚାଷ ହୋଇଛି ଏବଂ କୋଟପାଡ଼ଠାରେ ପ୍ରଥମ ଥର ପାଇଁ କଳାଜିରା ଧାନ ମଣ୍ଡି ଖୋଲାଯାଇଛି। ଜୈବିକ କୃଷିକୁ ପ୍ରୋତ୍ସାହନ ଦେବା ପାଇଁ ଅର୍ଗାନିକ୍ ସାର୍ଟିଫିକେସନ୍, ସବ୍‌ସିଡ଼ି ଆଦିର ପ୍ରସ୍ତାବ ରହିଛି। ଏଥି ସହ କୃଷକ ଉତ୍ପାଦକ ସଂଗଠନ (ଏଫପିଓ) ମାନଙ୍କୁ କ୍ଲଷ୍ଟର ଆପ୍ରୋଚ୍ ମାଧ୍ୟମରେ ଜୈବିକ ଚାଉଳ ଉତ୍ପାଦନ ପାଇଁ ପ୍ରୋତ୍ସାହନ ଦିଆଯିବ ଏବଂ ସଂପୂର୍ଣ୍ଣ ପ୍ରକ୍ରିୟାକୁ ସୁରୁଖୁରୁରେ କାର୍ଯ୍ୟକାରୀ କରିବାକୁ ଏକ ପରିଚାଳନା କମିଟି ଗଠନ କରାଯିବ। କମିଟିରେ ଶ୍ରୀମନ୍ଦିର ପ୍ରଶାସନ, ସୁଆର-ମହାସୁଆର ନିଯୋଗ ପ୍ରତିନିଧିଙ୍କ ସମେତ ଅନ୍ୟ ଉତ୍ପାଦକ ଗୋଷ୍ଠୀର ପ୍ରତିନିଧି ଏବଂ ବିଭାଗୀୟ ଅଧିକାରୀ ସଦସ୍ୟ ରହିବେ। ପ୍ରାରମ୍ଭିକ ପର୍ଯ୍ୟାୟରେ ୧୦୦ରୁ ୨୦୦ ଏକର ଜମିରେ ଜୈବିକ ଚାଉଳ ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି । ବିହନ ସଂରକ୍ଷଣ କରାଯାଇ ପରବର୍ତ୍ତୀ ସମୟରେ ଅଧିକ ଜୈବିକ ଧାନ ଉତ୍ପାଦନକୁ ପ୍ରୋତ୍ସାହନ ଦିଆଯିବ ଏବଂ ସଂପୂର୍ଣ୍ଣ 'ଅମୃତ ଅନ୍ନ' ମହାପ୍ରସାଦରେ ଜୈବିକ ଶସ୍ୟ ବ୍ୟବହାର କରାଯିବ। ଜୈବିକ ପଦ୍ଧତିରେ ଉତ୍ପାଦନବେଳେ ଗୋମୂତ୍ର, ଗୋବର, ବୀଜାମୃତ ତଥା ଅନ୍ୟ ଜୈବିକ ଖତ ବ୍ୟବହାର ରାଜ୍ୟରେ ଗୋସମ୍ପଦର ସୁରକ୍ଷା ଓ ବୃଦ୍ଧିରେ ମଧ୍ୟ ସହାୟକ ହୋଇପାରିବ।

## ଆଜିଠୁ ସପ୍ତଦଶ ବିଧାନସଭାର...

ଅଭିଭାଷଣ ପ୍ରଦାନ କରିବା ସହିତ ଗୃହ କାର୍ଯ୍ୟ ଆରମ୍ଭ ହେବ। ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ୩ଦିନ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ପାଇଁ ଧାର୍ଯ୍ୟ ହୋଇଛି। ସେହିପରି ଆସନ୍ତା ୧୭ତାରିଖରେ ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ବଜେଟ ଉପସ୍ଥାପନା କରିବେ । ବିଧାନସଭାରେ ଏଣିକି ବିଧାୟକମାନେ କାଗଜ ବଦଳରେ ଟାବ୍‌ରେ ପ୍ରଶ୍ନପତ୍ର ଦେଖିବେ ଏବଂ ସେହିଅନୁସାରେ ଆଲୋଚନାରେ ଭାଗନେବେ। ବିଧାନସଭାରେ ଏହି ନୂତନ ବ୍ୟବସ୍ଥା ସମସ୍ତ ୧୪୭ ଆସନ ସମ୍ମୁଖରେ ସଂସ୍ଥାପନ କରାଯାଇଛି। ଏହାଦ୍ୱାରା ୧୭ ତମ ବିଧାନସଭା ଭାବେ ଓଡ଼ିଶା ବିଧାନସଭା ପେପର ଲେସ ହୋଇଛି । ଆଜି ଉଦଘାଟନ ପରେ ଦିଲ୍ଲୀରୁ ଆସିଥିବା ନେଭା ଟିମ ବିଧାୟକମାନଙ୍କୁ ଏହାର ଉପଯୋଗ ବାବଦରେ ଟ୍ରେନିଂ ଦେଇଥିଲେ। ଆଗାମୀ ଦିନରେ ମଧ୍ୟ ବିଧାୟକମାନଙ୍କୁ ଟ୍ରେନିଂ ଦିଆଯିବ ବୋଲି ବାଚସ୍ପତି ସୂଚନା ଦେଇଛନ୍ତି।

**ବିଜେଡିର ବିଧାୟକ ଦଳ ବୈଠକ**

ଗୁରୁବାର ବଜେଟ୍ ଅଧିବେଶନ ଆରମ୍ଭ ହେଉଥିବା ବେଳେ ଏହାର ଅବ୍ୟବହିତ ପୂର୍ବରୁ ବୁଧବାର ମୁଖ୍ୟ ବିରୋଧି ଦଳ ବିଜେଡି ବିଧାୟକ ଦଳ ବୈଠକ ସଭାପତି ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଶଙ୍ଖ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କଟକ ବାରିବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିବା ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ବେଳେ ଫ୍ଲଡ ଲାଇଟ୍ ଲିଭିଯିବା ଘଟଣା ସମେତ ରାଜ୍ୟସ୍ୱାର୍ଥ ଜଡିତ ବିଭିନ୍ନ ପ୍ରସଙ୍ଗ ଉଠାଇ ଶାସକ ଦଳକୁ ଘେରିବ ପାଇଁ ବୈଠକରେ ରଣନୀତି ପ୍ରସ୍ତୁତ କରାଯାଇଛି। ସେହିପରି ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି, ନାରୀ ନିର୍ଯାତନା ଆଦି ପ୍ରସଂଗ ମଧ୍ୟ ବିଧାନସଭାରେ ଉଠାଯିବ ବୋଲି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ।

ବିଜେପି ସରକାରଙ୍କ ୯ ମାସ ମଧ୍ୟରେ ରାଜ୍ୟର ଅର୍ଥବ୍ୟବସ୍ଥା ତଳକୁ ଖସିଛି। ଡବଲ ଇଞ୍ଜିନ ସରକାର କେନ୍ଦ୍ର ଓଡ଼ିଶାକୁ ଅବହେଳା କରିଛି। ରେଳ ଅନୁଦାନ କ୍ଷେତ୍ରରେ ଓଡ଼ିଶାକୁ ଅବହେଳା କରାଯାଉଛି। ଚାଷୀ ଏବଂ ଚାଷ ପ୍ରସଙ୍ଗ ଏବେ ରାଜ୍ୟରେ ପ୍ରମୁଖ ସମସ୍ୟା। ମଣ୍ଡି ଅବ୍ୟବସ୍ଥା କଟନି ଛଟନୀ ପ୍ରସଙ୍ଗକୁ ବିଧାନସଭାରେ ପ୍ରମୁଖ ପ୍ରସଙ୍ଗ କରିବ ବିଜେଡି। ବିଜେଡି ଓଡ଼ିଶାର ସର୍ବଶ୍ରେଷ୍ଠ ବିରୋଧୀ ଦକ ଭାବେ ଓଡ଼ିଶା ବାସୀଙ୍କ ଆକ୍ରୋଶ ବିଧାନସଭାରେ ଉପସ୍ଥାପନ କରିବ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି। ଗୁରୁବାରଠାରୁ ଆରମ୍ଭ ହେଉଛି ବିଧାନସଭାର ବଜେଟ ଅଧିବେଶନ । ଅଧିବେଶନ ପୂର୍ବରୁ କଂଗ୍ରେସ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କୁ ଘେରିବାକୁ ପ୍ରସ୍ତୁତ ହୋଇଛି ରଣନୀତି । ମଣ୍ଡିରୁ ଧାନ ନ ଉଠିବା, କଟନୀ ଛଟନୀ, କଣାସରେ ହଇଜା ବ୍ୟାପିବା, ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ, ବାରବାଟୀ ଅବ୍ୟବସ୍ଥା, ବେକାରୀ, ସୀମା ବିବାଦ, ଭଳି ପ୍ରସଙ୍ଗ ଏହା ସହିତ ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ରଖିନଥିବା, ୩୦୦ୟୁନିଟ ପର୍ଯ୍ୟନ୍ତ ବିଜୁଳି ବିଲ ଛାଡ଼ କରିବା ପ୍ରସଙ୍ଗ ଉଠାଇ ସରକାରଙ୍କୁ ଘେରିବ କଂଗ୍ରେସ ବୋଲି ସୂଚନା ଦେଇଛନ୍ତି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ।

## ପିଏସ୍‌ଙ୍କ ବିରୋଧରେ ...

ପାଇଥିବା ଡକ୍ଟର ପରାଗ ହର୍ଷଦ ଗାଭାଲିଙ୍କ ବ୍ୟକ୍ତିଗତ ଫାଇଲରେ ରେକର୍ଡ ଅପଡେଟ୍ କରନ୍ତୁ। ଏହି ଚିଠିଟି ତାଙ୍କର ଏପିଏଆର ୨୦୨୪-୨୫ ବର୍ଷ ପାଇଁ ଅଂଶ ହେବା ଉଚିତ।

## ମାଗଣା ଯୋଜନା ପାଇଁ...

ଉଚିତ।" ଶୁଣାଣି ବେଳେ ଆଟର୍ଣ୍ଣି ଜେନେରାଲ ଆର ଭେଙ୍କଟରମଣି ଖଣ୍ଡପୀଠଙ୍କୁ କହିଛନ୍ତି ଯେ ସହରାଞ୍ଚଳ ଗରିବ ମୁକ୍ତ ମିଶନ ପାଇଁ ସରକାର ପ୍ରକ୍ରିୟା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଏଥିରେ ବାସହୀନଙ୍କୁ ଘର ଯୋଗାଇ ଦିଆଯିବାର ପ୍ରାବଧାନ ମଧ୍ୟ ରହିବ। ଏକଥା ଶୁଣିବା ପରେ ସହରାଞ୍ଚଳ ଗରିବ ମୁକ୍ତ ମିଶନ କାର୍ଯ୍ୟକାରୀ କରିବାକୁ କେନ୍ଦ୍ର ସରକାରଙ୍କୁ କେତେ ସମୟ ଲାଗିବ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ଖଣ୍ଡପୀଠ ମାମଲାର ପରବର୍ତ୍ତୀ ଶୁଣାଣି ୬ ସପ୍ତାହ ପରେ କରିବେ। ଆଜି ପ୍ରଥମଥର ପାଇଁ ଯେ ନିର୍ବାଚନ ବେଳେ ରାଜନୈତିକ ଦଳଗୁଡ଼ିକ ଦେଉଥିବା ମାଗଣା ପ୍ରତିଶ୍ରୁତିକୁ ନେଇ ସର୍ବୋଚ୍ଚ ଅଦାଲତ ଚିନ୍ତା ପ୍ରକଟ କରି ନାହାନ୍ତି, ବରଂ ଏହାପୂର୍ବରୁ ଅନେକ ଥର ଏପରି ବ୍ୟବସ୍ଥାକୁ ସମାଲୋଚନା କରିଛନ୍ତି। ଏହାପୂର୍ବରୁ ମାଗଣା ଯୋଜନାକୁ ନେଇ ସୁପ୍ରିମକୋର୍ଟ ନିର୍ବାଚନ କମିଶନ ଓ ସରକାରଙ୍କୁ ଟାର୍ଗେଟ କରିଥିଲେ। ଏହି ପ୍ରସଙ୍ଗରେ କମିଶନ ଓ ସରକାର ହାତ ଝାଡ଼ି ପାରିବେ ନାହିଁ। ସେମାନେ କିଛି କରିପାରିବେ ନାହିଁ । ସରକାର ଓ ନିର୍ବାଚନ ଆୟୋଗ ମିଶି ଏହି ମାଗଣା ଯୋଜନା ଉପରେ ରୋକ ଲଗାଇବା ପାଇଁ ବିଚାର କରନ୍ତୁ। ଏଥିପାଇଁ ଏକ କମିଟି ଗଠନ କରାଯିବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ କହିଥିଲେ।

## ବିଶ୍ୱର ଦୁର୍ନୀତିଗ୍ରସ୍ତ...

ତାଲିକାର ୯୩ତମ ସ୍ଥାନରେ ରହିଥିଲା। ଏହାର ଅର୍ଥ ପ୍ରତିବର୍ଷ ଭାରତରେ ଦୁର୍ନୀତି ବଢ଼ିବାରେ ଲାଗିଛି। ଭାରତର ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ କଥା ବିଚାରକୁ ନେଲେ, କେବଳ ଚାଇନାକୁ ଛାଡ଼ି ଦେଲେ ବାକି ସମସ୍ତେ ନୂଆଦିଲ୍ଲୀ ତୁଳନାରେ ଅଧିକ ଦୁର୍ନୀତିଗ୍ରସ୍ତ। ପାକିସ୍ତାନ ତାଲିକାର ୧୩୫ତମ ସ୍ଥାନରେ ରହିଥିବା ବେଳେ ଶ୍ରୀଲଙ୍କା ୧୨୧ ଓ ବାଂଲାଦେଶର ୧୪୯ତମ ସ୍ଥାନରେ ଅଛି। ତାଲିକାରେ ଚାଇନା ୭୬ତମ ସ୍ଥାନରେ ରହିଛି। ଭାରତ ତୁଳନାରେ ଚାଇନରେ କମ ଦୁର୍ନୀତି ହେଉଛି। ଅଧିକାଂଶ ରାଷ୍ଟ୍ର ଗୋଟିଏ ଦଶନ୍ଧି ମଧ୍ୟରେ ଏଥର ସବୁଠାରୁ ଖରାପ ପ୍ରଦର୍ଶନ କରିଛନ୍ତି। ଆମେରିକା, ଫ୍ରାନ୍ସ, ରୁଷ ଓ ଭେନଜୁଏଲା ଭଳି ରାଷ୍ଟ୍ରରେ ଦୁର୍ନୀତି ବଢ଼ିଛି। ଆମେରିକା ୬୯ ପଏଣ୍ଟରୁ ୬୫ରେ ପହଞ୍ଚିଛି। ତାଲିକାରେ ଆମେରିକା ୨୪ରୁ ୨୮ତମ ସ୍ଥାନକୁ ଖସି ଯାଇଛି। ଫ୍ରାନ୍ସ ୨୦ତମ ସ୍ଥାନରୁ ୨୫, ଜର୍ମାନୀ ୬ଟି ସ୍ଥାନ ହରାଇ ୧୫ତମ ରାଙ୍କରେ ପହଞ୍ଚିଛି। କାନାଡା ମଧ୍ୟ ୩ ସ୍ଥାନ ତଳକୁ ଖସି ଜର୍ମାନୀ ସହ ୧୫ତମ ସ୍ଥାନରେ ରହିଛି। ନ୍ୟାୟପାଳିକା ବଡ଼ବଡ଼ ଦୁର୍ନୀତି ମାମଲାରେ କାର୍ଯ୍ୟାନୁଷ୍ଠାନ ନେବାରେ ବିଫଳ ହେବାରୁ ମେକ୍ସିକୋ ୫ ପଏଣ୍ଟ ହରାଇ ୨୬ରେ ପହଞ୍ଚିଛି। ବିଗତ କିଛି ବର୍ଷ ହେଲାଣି ଋଷ ତଳକୁ ତଳ ଖସି ଚାଲିଛି। ୨୦୨୪ରେ ଦେଶ ୪ ପଏଣ୍ଟ ହରାଇ ୨୨ରେ ପହଞ୍ଚି ଯାଇଛି। ୟୁକ୍ରେନ ୩୫ ନମ୍ବରରେ ରହିଛି। ବିଶ୍ୱର ସବୁଠାରୁ ଦୁର୍ନୀତିଗ୍ରସ୍ତ ରାଷ୍ଟ୍ର ହେଉଛି ଦକ୍ଷିଣ ସୁଦାନ। ସୋମାଲିଆକୁ ହଟାଇ ଦକ୍ଷିଣ ସୁଦାନ ସବୁଠାରୁ ତଳେ ରହିଛି। ଦେଶ ପାଖରେ ମାତ୍ର ୮ ସ୍ୱଚ୍ଛ ପଏଣ୍ଟ ରହିଛି। ସୋମାଲିଆ ଦ୍ୱିତୀୟରେ ଥିବା ଭେନଜୁଏଲା ସ୍ଥାନ ତୃତୀୟରେ ରହିଛି। ୪ର୍ଥ ଓ ୫ମ ଦୁର୍ନୀତି ଗ୍ରସ୍ତ ରାଷ୍ଟ୍ର ହେଉଛନ୍ତି ୟେମେନ ଓ ଲିବ୍ୟା।

## ମୋଦିଙ୍କ ବିମାନ ଉପରେ...

ତଥାପି, ଆକ୍ରମଣର ସମ୍ଭାବନାକୁ ଦୃଷ୍ଟିରେ ରଖି ମୁମ୍ବାଇ ପୋଲିସ ଏବଂ ସୁରକ୍ଷା ଏଜେନ୍ସିଗୁଡ଼ିକ ସଜାଗ ହୋଇଯାଇଛନ୍ତି। ଯେପରି ଆମେରିକୀୟ ଏବଂ ରୁଷିଆ ରାଷ୍ଟ୍ରପତିଙ୍କ ବିଦେଶ ଯାତ୍ରା ପାଇଁ ସ୍ୱତନ୍ତ୍ର ବିମାନ ଅଛି, ସେହିପରି ଏବେ ଭାରତର ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତିଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ବିମାନ ଅଛି। ଏହି ସ୍ୱତନ୍ତ୍ର ବିମାନର ନାମ ଏୟାର ଇଣ୍ଡିଆ ୱାନ। ୨୦୨୦ ମସିହାରୁ, ଏୟାର ଇଣ୍ଡିଆ ୱାନ ଭାରତର ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତିଙ୍କୁ ସେବା ଯୋଗାଇ ଆସୁଛି। ବିମାନର ବାହାର ପାର୍ଶ୍ୱରେ ଗୋଟିଏ ପାର୍ଶ୍ୱରେ ହିନ୍ଦୀରେ ଭାରତ ଲେଖାଯାଇଛି ଏବଂ ଅନ୍ୟ ପାର୍ଶ୍ୱରେ ଇଣ୍ଡିଆ ଲେଖାଯାଇଛି। ବିମାନରେ ଅଶୋକ ଚକ୍ର ମଧ୍ୟ ଖୋଦିତ ହୋଇଛି। ଏହି ବିମାନ କେବଳ ବାୟୁସେନାର ପାଇଲଟମାନଙ୍କ ଦ୍ୱାରା ପରିଚାଳିତ ହୁଏ। ଯଦି ଏୟାର ଇଣ୍ଡିଆ ୱାନର ଟ୍ୟାଙ୍କ ପୂର୍ଣ୍ଣ ଥାଏ, ତେବେ ଏହା ବିନା ଅଟକି ଆମେରିକାରୁ ସିଧାସଳଖ ଭାରତ ଆସିପାରିବ। ଥରେ ଇନ୍ଧନ ଭର୍ତ୍ତି ହୋଇଗଲେ, ଏହା ୧୭ ଘଣ୍ଟା ଉଡ଼ିପାରିବ। ବିଶେଷ କଥା ହେଉଛି ଜରୁରୀକାଳୀନ ପରିସ୍ଥିତିରେ, ଇନ୍ଧନକୁ ଉଡିବା ଅବସ୍ଥାରେ ମଧ୍ୟ ଭର୍ତ୍ତି କରାଯାଇପାରିବ। ବିମାନର ଭିତର ଭାଗ ମଧ୍ୟ ବହୁତ ସ୍ୱତନ୍ତ୍ର। ବିମାନରେ ଏକ ସମ୍ମିଳନୀ କକ୍ଷ, ଭିଭିଆଇପି ଯାତ୍ରୀଙ୍କ ପାଇଁ କ୍ୟାବିନ ଏବଂ ଏକ ଚିକିତ୍ସା କେନ୍ଦ୍ର ମଧ୍ୟ ଅଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ବ୍ୟତୀତ, ଏଥିରେ ବିଶିଷ୍ଟ ବ୍ୟକ୍ତି ଏବଂ କର୍ମଚାରୀଙ୍କ ପାଇଁ ମଧ୍ୟ ଆସନ ଅଛି।

# କଟକ ରେଳ ଷ୍ଟେସନ ପୁନର୍ବିକାଶ କାର୍ଯ୍ୟ

## ନରାଜ ମାର୍ଥାପୁର ଦେଇ ତିନୋଟି ଦୂରଗାମୀ ଟ୍ରେନର ଅସ୍ଥାୟୀ ମାର୍ଗ ପରିବର୍ତ୍ତନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଅନ୍ତର୍ଗତ କଟକ ରେଳ ଷ୍ଟେସନରେ ଏୟାର କନକୋର୍ସ ନିର୍ମାଣ ଏବଂ ୟାର୍ଡ଼ ନବୀକରଣ ଓ ଅନ୍ୟାନ୍ୟ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟକୁ ଦୃଷ୍ଟିରେ ରଖି, ଗୋଟିଏ ମାସ ପାଇଁ ତିନୋଟି ଦୂରଗାମୀ ଟ୍ରେନକୁ ମାର୍ଗ ପରିବର୍ତ୍ତନ କରିବାକୁ ଯୋଜନା କରାଯାଇଛି।

ଏହି ଅସ୍ଥାୟୀ ମାର୍ଗ ପରିବର୍ତ୍ତିତ ଟ୍ରେନଗୁଡ଼ିକ ବାରଙ୍ଗ-କଟକ-କପିଳାସ ରୋଡ୍ ନିର୍ଦ୍ଧାରିତ ମାର୍ଗ ପରିବର୍ତ୍ତେ ବାରଙ୍ଗ-ନରାଜ ମାର୍ଥାପୁର-କପିଳାସ ରୋଡ୍ ମାର୍ଗରେ ଚଳାଚଳ କରିବ। କଟକ ଷ୍ଟେସନରେ ଏହି ଟ୍ରେନଗୁଡ଼ିକର ରହଣିକୁ ବାଦ୍ ଦିଆଯିବ ଏବଂ ୧୬ ଫେବୃୟାରୀରୁ ୧୭ ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ ନରାଜ ମାର୍ଥାପୁର ରେଳ ଷ୍ଟେସନରେ ଅସ୍ଥାୟୀ ରହଣି ପ୍ରଦାନ କରାଯିବ।



ଏହି ଆଧୁନିକୀକରଣ ଏବଂ ନିରାପତ୍ତା ସମ୍ବନ୍ଧୀୟ କାର୍ଯ୍ୟ ପାଇଁ ଅସ୍ଥାୟୀ ଭାବରେ ମାର୍ଗ ପରିବର୍ତ୍ତନ କରାଯାଇଥିବା ଟ୍ରେନଗୁଡ଼ିକର ଯାତ୍ରୀମାନଙ୍କ ପାଇଁ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ କଟକ ରେଳ ଷ୍ଟେସନ ଏବଂ ନରାଜ ମାର୍ଥାପୁର ରେଳ ଷ୍ଟେସନ ମଧ୍ୟରେ ମାଗଣା ବସ୍ ସେବା ପ୍ରଦାନ କରିବ।

୧୬ ଫେବୃୟାରୀରୁ ୧୬ ମାର୍ଚ୍ଚ ୨୦୨୫ ମଧ୍ୟରେ ପ୍ରତି ମଙ୍ଗଳବାର (ସୋମବାର ବିଳମ୍ବିତ ରାତିରେ) କଟକରେ ପହଞ୍ଚୁଥିବା ୧୨୫୧୫ କୋଏମ୍ବାଟୁର-ସୀଲଚର ସାପ୍ତାହିକ ସୁପର-ଫାଷ୍ଟ ଏକ୍ସପ୍ରେସ; ବୁଧବାର ଏବଂ ଗୁରୁବାର (ମଙ୍ଗଳବାର ଏବଂ ବୁଧବାର ବିଳମ୍ବିତ ରାତିରେ) କଟକରେ ପହଞ୍ଚୁଥିବା ୨୨୬୪୩ ଏର୍ଣ୍ଣାକୁଲମ-ପାଟନା ଦ୍ୱି-ସାପ୍ତାହିକ ଏକ୍ସପ୍ରେସ ଏବଂ ଶୁକ୍ରବାର, ଶନିବାର ଏବଂ ରବିବାର (ଗୁରୁବାର, ଶୁକ୍ରବାର ଏବଂ ଶନିବାର ବିଳମ୍ବିତ ରାତିରେ) କଟକରେ ପହଞ୍ଚୁଥିବା ୧୨୫୦୯ ବେଙ୍ଗାଲୁରୁ-ଗୌହାଟି ତ୍ରି-ସାପ୍ତାହିକ ଏକ୍ସପ୍ରେସ କଟକ ରେଳ ଷ୍ଟେସନ ପରିବର୍ତ୍ତେ ଅସ୍ଥାୟୀ ମାର୍ଗ ପରିବର୍ତ୍ତନରେ ନରାଜ ମାର୍ଥାପୁର ରେଳ ଷ୍ଟେସନରେ ରହଣି କରିବ ।

ଉପରୋକ୍ତ ଟ୍ରେନଗୁଡ଼ିକ ପାଇଁ କଟକ ରେଳ ଷ୍ଟେସନ ଠାରୁ ଯାତାୟାତ କରିବାକୁ ଥିବା ଯାତ୍ରୀମାନଙ୍କୁ ଏହି ସମୟ ମଧ୍ୟରେ ନରାଜ ମାର୍ଥାପୁର ଏବଂ କଟକ ରେଳ ଷ୍ଟେସନରେ ଉଭୟ ପାର୍ଶ୍ୱରୁ ମାଗଣା ବସ୍ ସୁବିଧା ରେଳବାଇ ଦ୍ୱାରା ଯୋଗାଇ ଦିଆଯିବ।

# ଯୋଗ ରତ୍ନରେ ବିଭୂଷିତା ନିତମ୍ବିନୀ ସ୍ୱାଇଁଙ୍କୁ ସମ୍ବର୍ଦ୍ଧନା

**ରାଉରକେଲା, ନ୍ୟୁଜ୍‌ବ୍ୟୁରୋ**

ସୁନ୍ଦରଗଡ଼ ଜିଲ୍ଲା ପତାଞ୍ଜଳି ଯୋଗ ପରିବାର ଦ୍ୱାରା ପରିଚାଳିତ ରାଉରକେଲା ଇସ୍ପାତ କାରଖାନା ଅବସରପ୍ରାପ୍ତ କର୍ମଚାରୀ ସଂଘ ଯୋଗ କେନ୍ଦ୍ର ତରଫରୁ ସନ୍ଧ୍ୟା ସମୟରେ ଯୋଗ ରତ୍ନରେ ବିଭୂଷିତା ଜିଲ୍ଲା ପତଞ୍ଜଳି ଯୋଗ ସମିତି ପ୍ରଭାରୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ନିତମ୍ବିନୀ ସ୍ୱାଇଁଙ୍କୁ ସମ୍ବର୍ଦ୍ଧନା ଦେବା ଅବସରରେ ଏହି କେନ୍ଦ୍ର ପ୍ରାଙ୍ଗଣରେ କେନ୍ଦ୍ର ପରିଚାଳକ କପିଳେଶ୍ୱର ମହାରଣାଙ୍କ ଅଧ୍ୟକ୍ଷତାରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଗତ ଜାନୁଆରୀ ମାସରେ ହରିଦ୍ୱାର ଯୋଗ ପୀଠ ଠାରେ ଅନୁଷ୍ଠିତ ରାଷ୍ଟ୍ରୀୟ ସମ୍ମିଳନୀରେ ଦେଶର ୧୪ ଜଣ ଯୋଗ ରତ୍ନ ଉପାଧିରେ ବିଭୂଷିତ ଓ ସମ୍ମାନିତ କରା ଯାଇଥିଲା। ଏହି ୧୪ ମଧ୍ୟରେ ଆମ ଓଡ଼ିଶାରୁ ଜଣେ ମାତ୍ର ନିତମ୍ବିନୀ ସ୍ୱାଇଁ ପ୍ରାପ୍ତ କରି ଆମ ରାଜ୍ୟ



ତଥା ସୁନ୍ଦରଗଡ଼ ଜିଲ୍ଲାର ଗୌରବ ଅର୍ଜନ କରିଥିବାରୁ ତାଙ୍କୁ ଏହି କେନ୍ଦ୍ର ତରଫରୁ ଏହି ସଙ୍ଘର ସଭାପତି ଅଭୟ ଦାଶ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନୀତ କରିଥିଲେ। ତାଙ୍କ ବକ୍ତବ୍ୟରେ ଶ୍ରୀ ଦାସ ଯୋଗ ମାନବର କଲ୍ୟାଣ କରି ନିରୋଗ ରଖୁଥିବାରୁ ସମସ୍ତେ ନିରନ୍ତରେ ପ୍ରୟାସ କରିବାକୁ ପରାମର୍ଶ ଦେଇ ଥିଲେ ଏବଂ ନିତମ୍ବିନୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଅକ୍ରୁର ମାର୍ଥା ତାଙ୍କ ବକ୍ତବ୍ୟରେ ତାଙ୍କୁ ପ୍ରଶଂସା କରିବା ସହିତ ଏହା ସମସ୍ତଙ୍କ ପାଇଁ ପ୍ରେରଣା ବୋଲି ପ୍ରକାଶ କରିଥିଲେ। ବିଏସ୍‌ଟି ଜିଲ୍ଲା ପ୍ରଭାରୀ ନରେନ୍ଦ୍ର ବେହେରା, ଜିଲ୍ଲା ମିଡିଆ ପ୍ରଭାରୀ ଗଙ୍ଗାଧର ଦାଶ, ବରିଷ୍ଠ ଯୋଗ ଶିକ୍ଷକ କପିଳେଶ୍ୱର ମହାରଣା, ସଙ୍ଘର ସାଧାରଣ ସମ୍ପାଦକ ପ୍ରେମାନନ୍ଦ ସାମଲ ତାଙ୍କ ବକ୍ତବ୍ୟରେ ଯୋଗ ଯୋଗୁ ମଧ୍ୟ ବହୁ ଉପାଧି ମିଳିବା ସହିତ କାର୍ଯ୍ୟ କରିବାକୁ ପ୍ରେରଣା ମିଳିଥାଏ ଯାହା ମହିଳା ପ୍ରଭାରୀଙ୍କୁ ମିଳିପାରିଛି। ଯୋଗର ପ୍ରସାର ଓ ପ୍ରଚାର ଉପରେ ଗୁରୁତ୍ୱ ଦେବା ସହ ସମସ୍ତେ ପ୍ରତିଦିନ ଏହାକୁ ଅଭ୍ୟାସ ଜାରି ରଖିବା ଏବଂ ଅଷ୍ଟାଙ୍ଗ ଯୋଗକୁ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ଶ୍ରୀମତୀ ସ୍ୱାଇଁ ତାଙ୍କ ବକ୍ତବ୍ୟରେ ଯୋଗ ରତ୍ନ ପାଇବାର ସୌଭାଗ୍ୟ ମୋତେ କେବଳ ଆପଣଙ୍କ ସହଯୋଗ ଓ ଅବଦାନ ଯୋଗୁ ପ୍ରାପ୍ତ ହୋଇଥିବା ପ୍ରକାଶ କରିଥିଲେ। ଆମେ ସମସ୍ତେ ମିଳିମିଶି କାର୍ଯ୍ୟ କରିବା ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସୁଭାକାଂକ୍ଷି ଚୌଧୁରୀ। ଏହି କାର୍ଯ୍ୟକ୍ରମରେ ଯୋଗ ଶିକ୍ଷୟତ୍ରୀ ଚମ୍ପା ଝୁମନ, ନିରୁପମା ଦାସ, ନଳିନୀ ସୁତାର, ଗୀତା ମିଶ୍ର, ରଞ୍ଜିତା ପାଣିଗ୍ରାହୀ, ସନ୍ଧ୍ୟା ମହାନ୍ତି, ମୀନା ପାତ୍ର, ସ୍ୱର୍ଣ୍ଣଲତା ସାମଲ, ଚିନୁ ଆଦି ବହୁ ସାଧକ ସାଧିକା ଯୋଗ ଦେଇଥିଲେ।



ଭୁବନେଶ୍ୱର : ବିଧାନସଭା ଅଧିବେଶନର ଅବ୍ୟବହିତ ପୂର୍ବରୁ ମୁଖ୍ୟ ବିରୋଧୀ ଦଳ ବିଜେଡି ପକ୍ଷରୁ ଶଙ୍ଖଭବନରେ ଅନୁଷ୍ଠିତ ବିଧାୟକ ଦଳ ବୈଠକ। (ଫଟୋ : ସମ୍ବାଦ କଳିକା)



ଭୁବନେଶ୍ୱର : ଅଧିବେଶନ ପୂର୍ବରୁ ବିଧାନସଭା ପରିସରରେ ଅନୁଷ୍ଠିତ କଂଗ୍ରେସର ବିଧାୟକ ଦଳ ବୈଠକ। (ଫଟୋ : ସମ୍ବାଦ କଳିକା)

E-745

**OFFICE OF THE DEAN & PRINCIPAL**
**BHIMA BHOI MEDICAL COLLEGE & HOSPITAL, BALANGIR**
At/Po/Dist.- Balangir, Pin- 767002 (Odisha)
E-mail: gmcbalangir@gmail.com, Tel 06652 – 236001, Fax: 06652 – 236002

No. 951 / Date: 11.02.2025

**Corrigendum Notice**

Due to participation of less number of bidders in the Bidding Process for **"Supply, Installation & Commissioning of Biometric Devices at Bhima Bhoi Medical College & Hospital, Balangir"** vide this Office Tender Reference No. 521/ dt. 24.01.2025, the last date of submission of Tender Document is hereby **extended up to 05:00 PM of 17.02.2025.**

**The Technical & Financial Bids will be opened on 18.02.2025 at 11 AM** in the College Council Hall of BBMCH, Balangir. The participating bidders are also requested to bring the devices (as quoted in their Bids) for demonstration on 18.02.2025 at 11 AM before the College Authority for Quality Checking and other queries by the end users.

Other Terms & Conditions as notified vide Tender Reference No. 521/ dt. 24.01.2025 remains unchanged.

Sd/- Dean & Principal, Bhima Bhoi Medical College & Hospital, Balangir
OIPR-10141/11/0037/2425

**OFFICE OF THE EXECUTIVE ENGINEER (AGRIL.), BALASORE DIVISION, BALASORE** L-165
**PHONE NO. 06782-295822, Email Id: eeag.balasore@gmail.com**
**Govt, of Odisha "e" procurement Notice**
**Bid Identification No. : E.E. (A), Balasore Division-04/2024-25**

The Executive Engineer (Agril.), Agriculture Engineering Division, Balasore on behalf of Governor of Odisha, invites percentage rate bids in single cover system in ONLINE MODE, as detailed below.

**1. Name of the works: -**
**(i) "Repair & renovation of OSSOPCA Building, Balasore".**
1. Estimated Cost : **Ranging from Rs. 16,04,614.00**
2. Bid Cost : **As Mentioned against each in Column - 04**
3. Period of completion : **Calendar Months Mentioned in Column - 07**
4. No. of works (Tender) : **1no.**
5. EMD : **As mentioned in Column-05**
6. Class of Contractor : **As Mentioned in Column - 06**
7. Date & Time of availability of bid document in the portal : **13.02.2025 at 10.00 A.M. To 21.02.2025 up to 5.00 P.M**
8. Last date / Time for receipt of bids in the portal : **21.02.2025 up to 5.00 PM**
9. Date of submission of documents : **14.02.2025 10.00 A.M. to 24.02.2025 up to 5.00 P.M.( Except Holidays)**
10. Date & time of opening of online bids : **25.02.2025 11.00 AM & onwards**
11. Name and address of the officer inviting Bid : **Executive Engineer (Agril.), Agriculture Engineering Division, Balasore**

Further details can be seen from the e-procurement portal **http// tendersodisha.gov.in**

A. All the volumes / documents shall be uploaded in the portal by the Procurement Officer Administrator and published by Procurement Officer Publisher (Officer Inviting tender)
B. The Tender documents published by the Tender inviting Officer (Procurement Officer Publisher) in the website **"http://tendersodisha.gov.in"** will appear in the Latest.
C. The Bidders have to participate in ONLINE bidding only. Further details can be seen from the website **"http//tendersodisha.gov.in"**. Any addendum / corrigendum / cancellation of tender can also be seen in the said website.

Sd/- Executive Engineer (Agril.)
Balasore Division, Balasore
OIPR-01491/11/0005/2425

ଉତ୍କଳ ଦୀପିକା
ଭୁବନେଶ୍ୱର
୧୩ ଫେବୃୟାରୀ
ଗୁରୁବାର, ୨୦୨୫
RNI Regd. No. : 52640/94
Postal Regd. No. :
BN/60/25-27

## ମହାଶିବରାତ୍ରୀ ପ୍ରସ୍ତୁତି ବୈଠକ

# ଲିଙ୍ଗରାଜ ମନ୍ଦିରରେ ରାତି ୧୦ଟାରେ ଉଠିବ ମହାଦୀପ



ଭୁବନେଶ୍ୱର, ୧୨/୨
ନ୍ୟୁଜ ବ୍ୟୁରୋ

ମହାଶିବରାତ୍ରୀ ନେଇ ଏକ ପ୍ରସ୍ତୁତି ବୈଠକ ଲିଙ୍ଗରାଜ ମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଲିଙ୍ଗରାଜ ମନ୍ଦିରରେ ରାତି ୧୦ଟାରେ ମହାଦୀପ ଉଠିବ। ଫେବୃୟାରୀ ୨୬ରେ ମହା-ଶିବରାତ୍ରୀ ପଡୁଛି। ଏହାପୂର୍ବରୁ ଚଳଚଞ୍ଚଳ ହୋଇଉଠିଛି ଏକାମ୍ର କ୍ଷେତ୍ର। କିଭଳି ଶାନ୍ତିପୂର୍ଣ୍ଣ ଭାବେ ନୀତି ସମ୍ପନ୍ନ ହେବ, ତାହା ବୈଠକରେ ଗୁରୁତ୍ୱ ଦିଆଯାଇଛି। ପୂର୍ବରୁ ଖୁବ୍‌ଶୀଘ୍ର ଲିଙ୍ଗରାଜ ମନ୍ଦିର ପାଇଁ ସ୍ୱତନ୍ତ୍ର ଆଇନ ଆସିବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ। ନୂଆ ଆଇନ ପାଇଁ କେନ୍ଦ୍ର ସରକାର ଯେଉଁ ସ୍ପଷ୍ଟୀକରଣ ମାଗିଥିଲେ, ତାହା ପ୍ରସ୍ତୁତ ହୋଇ ସାରିଛି। ବଦଳିବା ପରେ ଡ୍ରାଫ୍ଟ ହୋଇଛି। ତାକୁ ରାଷ୍ଟ୍ରପତି ଏବଂ କେନ୍ଦ୍ର ସରକାରଙ୍କ ଅନୁମତି ପାଇଁ ଯିବ। ଖୁବ୍‌ଶୀଘ୍ର ଲିଙ୍ଗରାଜ ମନ୍ଦିର ପାଇଁ ସ୍ୱତନ୍ତ୍ର ଆଇନ ଆସିବ ବୋଲି ସେ କହିଥିଲେ। ନୀତିକାନ୍ତିଙ୍କୁ ବ୍ୟବସ୍ଥିତ କରାଇବା ପାଇଁ ଯାହା ଆବଶ୍ୟକ ସରକାର କରୁଛନ୍ତି ।

# ଗଜ ଉଦ୍ଧାରଣ ବେଶ ହେଲେ ମହାପ୍ରଭୁ



ପୁରୀ,୧୨/୦୨ ନ୍ୟୁଜ ବ୍ୟୁରୋ

ବୁଧବାର କୁମ୍ଭ ସଂକ୍ରାନ୍ତି । ଶ୍ରୀମନ୍ଦିର ରତ୍ନସିଂହାସନରେ ଅନୁଷ୍ଠିତ ହୋଇଛି ମହାପ୍ରଭୁଙ୍କ ଗଜ ଉଦ୍ଧାରଣ (ଗଜୋଦ୍ଧାରଣ) ବେଶ। ଶ୍ରୀଜଗନ୍ନାଥ ଚତୁର୍ଭୁଜ ହୋଇ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଧରିଥିଲେ। ଗରୁଡ଼ ଉପରେ ବସି ଲକ୍ଷ୍ମୀ ପ୍ରତିମାଙ୍କୁ କୋଳରେ ଧାରଣ କରିଥିଲେ ମହାପ୍ରଭୁ। ଦିଅଁଙ୍କ ସମୀପରେ ଦୁଇଟି ହାତୀ ଶୁଣ୍ଢରେ ପଦ୍ମକଢ଼ି ଧରି ଦଣ୍ଡାୟମାନ ଥିଲେ। ସିଂହାସନ ତଳକୁ ଥିଲେ ହାତୀ ଓ କୁମ୍ଭୀର। କୁମ୍ଭୀର ହାତୀକୁ ଆକ୍ରମଣ କରୁଛି। ଗଜରାଜ ଉଦ୍ଧାର ପାଇଁ ଭଗବାନଙ୍କ ଶରଣ ପଶିଲେ । ଏପଟେ ଶ୍ରୀବଳଭଦ୍ର ଶଙ୍ଖ, ଚକ୍ର, ହଳ ଓ ମୂଷଳ ଧାରଣ କରି ବାସୁଦେବଙ୍କ ରୂପରେ ବିରାଜମାନ ହୋଇଥିଲେ । ଦେବୀ ସୁଭଦ୍ରା ଶ୍ରୀକୃଷ୍ଣଙ୍କ ସଦୃଶ ପାଦଛନ୍ଦି ଏକ ପଦ୍ମ କଢ଼ି ଧରି ଦଣ୍ଡାୟମାନ ଥିଲେ। ମଙ୍ଗଳବାର ଶ୍ରୀମନ୍ଦିର ନୀଳାଦ୍ରି ମ୍ୟୁଜିୟମ୍‌ରେ ବେଶ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ମୁଖ୍ୟ ବେଶ ପ୍ରସ୍ତୁତକାରୀ ଠାକୁରଙ୍କ ଦୟଣା ମାଳି ସେବକ ବସନ୍ତ କୁମାର ରଣାଙ୍କ ତତ୍ତ୍ୱାବଧାନରେ ଦର୍ଜୀ ଓ ଚିତ୍ରକର ସେବକଙ୍କ ସମେତ କାରିଗରମାନେ ଠାକୁରଙ୍କ ବେଶ ପ୍ରସ୍ତୁତ କରିଥିଲେ। ଭିତରଛ, ତଳିଛ, ପାଳିଆ ପୁଷ୍ପାଳକ, ଖୁଣ୍ଟିଆ ଓ ମେକାପ ଆଦି ସେବକମାନଙ୍କ ସହଯୋଗରେ ବେଶ ସମ୍ପନ୍ନ ହୋଇଛି । ମଧ୍ୟାହ୍ନ ଧୂପ ପରେ ଠାକୁରଙ୍କ ବେଶ ଆରମ୍ଭ ହୋଇଥିଲା। ବେଶରେ ଥାଇ ଠାକୁରଙ୍କୁ ସନ୍ଧ୍ୟାଧୂପରେ କ୍ଷୀରି ଓ ଅମାଲୁ ଭୋଗ ଅର୍ପଣ କରାଯାଇ ଥିଲା। ଶହ ଶହ ବର୍ଷ ଧରି ଶ୍ରୀମନ୍ଦିରରେ ଠାକୁରଙ୍କ ଏହି ବେଶ ଅନୁଷ୍ଠିତ ହୋଇଆସୁଛି।



ଭୁବନେଶ୍ୱର : ବିଧାନସଭା ଚାମ୍ବରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ବଲିଉଡ୍ ପ୍ରଯୋଜକ ବୋନି କପୁର ଏବଂ ବିଶିଷ୍ଟ ଅଭିନେତା ଅର୍ଜୁନ କପୁର। (ଫଟୋ : ସମ୍ବାଦ କଳିକା)

## ବୁର୍ଲା ଭିମସାରରେ ରାଗିଂ ସିନିୟର ଛାତ୍ର ରାଗିଂ କରିଥିବା ଅଭିଯୋଗ

ସମ୍ବଲପୁର, ୧୨/୨ ନ୍ୟୁଜ ବ୍ୟୁରୋ

ବୁର୍ଲା ଭିମସାରରେ ଦ୍ୱିତୀୟ ବର୍ଷର ଡାକ୍ତରୀ ଛାତ୍ରଙ୍କୁ ରାଗିଂ କରାଯାଇଥିବା ଅଭିଯୋଗ ହୋଇଛି। ଦ୍ୱିତୀୟ ବର୍ଷର ଜଣେ ଛାତ୍ରଙ୍କୁ ତୃତୀୟ ବର୍ଷର କିଛି ଛାତ୍ର ରାଗିଂ କରିଥିବା ନେଇ ରାଗିଂର ଶିକାର ହୋଇଥିବା ଛାତ୍ରଙ୍କ ମା' ସାଙ୍ଘାତିକ ଅଭିଯୋଗ କରିଛନ୍ତି। ଗତ ୭ ତାରିଖରେ ଦ୍ୱିତୀୟ ବର୍ଷର ଛାତ୍ର ହଷ୍ଟେଲରେ ଥିବାବେଳେ କେତେକ ତୃତୀୟ ବର୍ଷର ଛାତ୍ର ପହଞ୍ଚି ତାଙ୍କୁ ଚିହ୍ନିଛ କି ବୋଲି ପଚାରିଥିଲେ। ଦ୍ୱିତୀୟ ବର୍ଷର ଛାତ୍ର ଜଣକ ମନା କରିବା ପରେ ମାଡ଼ ମାରିବା ସହ ଗାଳିଗୁଲଜ କରିଥିଲେ। ଫଳରେ ଛାତ୍ର ଜଣକ ପରିବାରରେ ଜଣାଇବା ପରେ ତାଙ୍କ ମା' ଏନେଇ ମୌଖିକ ଅଭିଯୋଗ କରିଛନ୍ତି।

## ।।।। ସମଗ୍ର ଦେଶରେ ପ୍ରଥମ ।।।।

# ଦଶମ ଓ ଦ୍ୱାଦଶରେ କିସ୍‌ରୁ ରେକର୍ଡ଼ ସଂଖ୍ୟକ ପରୀକ୍ଷାର୍ଥୀ

ଭୁବନେଶ୍ୱର, ୧୨।୨
ନ୍ୟୁଜ ବ୍ୟୁରୋ

ଚଳିତ ବର୍ଷ ମାଧ୍ୟମିକ ଶିକ୍ଷା ବୋର୍ଡ଼ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ ପରୀକ୍ଷାରେ କିସ୍‌ରୁ ରେକର୍ଡ଼ ସଂଖ୍ୟକ ଛାତ୍ରଛାତ୍ରୀ ପରୀକ୍ଷା ଦେବେ । କିସ୍‌ର ୨୦୦୦ ଛାତ୍ରଛାତ୍ରୀ ଦଶମ ଶ୍ରେଣୀ ପରୀକ୍ଷା ଦେଉଥିବା ବେଳେ ୧୯୦୦ ଛାତ୍ରଛାତ୍ରୀ +୨ ପରୀକ୍ଷା ଦେବେ । ଉଭୟ ଦଶମ ଓ +୨ ପରୀକ୍ଷା ଦେବାକୁ ଯାଉଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ୬୦% ହେଉଛନ୍ତି ଛାତ୍ରୀ । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପରୀକ୍ଷାର ଅବ୍ୟବହିତ ପୂର୍ବରୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ବୁଧବାର ଛାତ୍ରଛାତ୍ରୀମାନଙ୍କୁ ପରୀକ୍ଷା ସମ୍ପର୍କିତ ଆବଶ୍ୟକ ପରାମର୍ଶ ଦେବା ସହ ସେମାନଙ୍କୁ କଲମ ବଣ୍ଟନ କରିଥିଲେ । ଏହି ଅବସରରେ ସେ ପରୀକ୍ଷାରେ ଛାତ୍ରଛାତ୍ରୀଙ୍କ ସଫଳତା କାମନା କରିଥିଲେ। ଦଶମ ଶ୍ରେଣୀ ପିଲାଙ୍କ ପାଇଁ ୟୁନିଟ୍-୮ ଓ ନିଳାଦ୍ରୀ ବିହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଆଇଆରସି ଭିଲେଜସ୍ଥିତ ସରକାରୀ ହାଇସ୍କୁଲ ଓ ଚନ୍ଦ୍ରଶେଖରପୁରସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରୀକ୍ଷା କେନ୍ଦ୍ର ହୋଇଛି। ସେହିପରି +୨ ପରୀକ୍ଷାର୍ଥିଙ୍କ ନିମନ୍ତେ ରାଜଧାନୀ କଲେଜ ଓ ମହର୍ଷି କଲେଜ ଅଫ୍ ନାଚୁରାଲ୍ ଲ' ପରୀକ୍ଷା କେନ୍ଦ୍ର ହୋଇଛି । ଆସନ୍ତା ୨୧ ତାରିଖରୁ ଦଶମ ବୋର୍ଡ ପରୀକ୍ଷା ଆରମ୍ଭ ହେଉଥିବା ବେଳେ ୧୮ ତାରିଖରୁ +୨ ପରୀକ୍ଷା ଆରମ୍ଭ ହେଉଛି । ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ପହଞ୍ଚାଇବା ପାଇଁ କିସ୍ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ପିଲାମାନଙ୍କୁ ପରୀକ୍ଷା କେନ୍ଦ୍ରକୁ ନେବା ଆଣିବା ପାଇଁ ୫୦ଟି ଲେଖାଏଁ ବସ୍‌ର ବ୍ୟବସ୍ଥା କରାଯାଇଛି ।




## ରାଜ୍ୟସ୍ତରୀୟ 'ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୫'

# କ୍ଷୀର, ମାଂସ, ଅଣ୍ଡା ଓ ମାଛ ଉତ୍ପାଦନରେ ଓଡ଼ିଶାକୁ ଆତ୍ମନିର୍ଭରଶୀଳ କରାଯିବ




ଭୁବନେଶ୍ୱର, ୧୨।୨
ନ୍ୟୁଜ ବ୍ୟୁରୋ

ରାଜ୍ୟସ୍ତରୀୟ 'ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୫' ଆୟୋଜନ ପରିପ୍ରେକ୍ଷୀରେ ଏକ ସାମ୍ବାଦିକ ସମ୍ମିଳନୀ ବୁଧବାର ଭେଟେରିନାରୀ କଲେଜ ଅଡ଼ିଟୋରିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେଇ ଲୋଗୋ ଏବଂ ମାସ୍କଟ୍ ଉନ୍ମୋଚନ କରିଥିଲେ। ପରେ ପରେ ମନ୍ତ୍ରୀ ସମାବେଶ ସମ୍ପର୍କରେ ଗଣମାଧ୍ୟମ ସମ୍ମୁଖରେ ସବିଶେଷ ତଥ୍ୟ ରଖିଥିଲେ। କହିଥିଲେ ମତ୍ସ୍ୟଚାଷୀ ଓ ପ୍ରାଣୀପାଳକଙ୍କ ସମୃଦ୍ଧିର ମହାକୁମ୍ଭ ସାଜିବ ଏହି ସମାବେଶ। କ୍ଷୀର, ମାଂସ, ଅଣ୍ଡା ଓ ମାଛ ଉତ୍ପାଦନରେ ଓଡ଼ିଶାକୁ ଆତ୍ମନିର୍ଭରଶୀଳ କରିବା ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ମଧ୍ୟ ସେ ତଥ୍ୟ ରଖିଥିଲେ।

ଚଳିତ ଫେବୃୟାରୀ ୧୪ରୁ ୧୬ ପର୍ଯ୍ୟନ୍ତ ବରମୁଣ୍ଡା ବିଜୁ ପଟ୍ଟନାୟକ ପଡ଼ିଆଠାରେ ଏହି ସମାବେଶ ଆୟୋଜିତ ହେବ। ୨୦୨୫ ବର୍ଷ ପାଇଁ ଥିମ ରହିଛି "ମତ୍ସ୍ୟ ଓ ପ୍ରାଣୀପାଳନ, ଜୀବନଜୀବିକା ଜୈବସନ୍ତୁଳନ ।" ଏହି ସମାବେଶରେ ପ୍ରତି ବ୍ଲକ୍‌ରୁ ୨୬ ଜଣ ଚାଷୀ ମୋଟ ୮୧୬୪ ଜଣ ମତ୍ସ୍ୟଚାଷୀ ଓ ପ୍ରାଣୀପାଳକ ଯୋଗ ଦେବେ। ତା' ସହ ପ୍ରତ୍ୟେକ ଉପଖଣ୍ଡରୁ ୪ ଜଣ ସଫଳ ପ୍ରାଣୀପାଳକ ଓ ମତ୍ସ୍ୟଚାଷୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯିବ। ବିଭାଗ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୨୪ ଜଣ ଶ୍ରେଷ୍ଠ ଅଧିକାରୀଙ୍କୁ ମଧ୍ୟ ପୁରସ୍କୃତ କରାଯିବ। ସମାବେଶ ଉପଲକ୍ଷେ ଆୟୋଜିତ ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯିବ।

# ନାଲ୍‌କୋ ପକ୍ଷରୁ ସର୍ବଭାରତୀୟ ଭେଣ୍ଡର ମିଟ୍-୨୦୨୫ ଆୟୋଜିତ







ଭୁବନେଶ୍ୱର, ୧୨।୨
ନ୍ୟୁଜ ବ୍ୟୁରୋ

ନାଲ୍‌କୋ ପକ୍ଷରୁ ବୁଧବାର ଭୁବନେଶ୍ୱରସ୍ଥିତ ନାଲ୍‌କୋ ରିସର୍ଚ୍ଚ ଆଣ୍ଡ ଟେକ୍ନୋଲୋଜି ସେଣ୍ଟର ଠାରେ 'ଏକତାରେ ପ୍ରଗତି' ଥିମ୍ ଉପରେ ଆଧାରିତ ସର୍ବଭାରତୀୟ ଭେଣ୍ଡର ମିଟ୍-୨୦୨୫ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନାଲ୍‌କୋକୁ ବିଭିନ୍ନ ଆନୁଷଙ୍ଗିକ ଏବଂ ଉପଯୋଗୀ ଅଂଶ, କଞ୍ଚାମାଲ ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଉଥିବା ବିକ୍ରେତା ଏବଂ ପ୍ରୋକ୍ୟୋରମେଣ୍ଟ ପଲିସି ଡିଭିଜନ (ବ୍ୟୟ ବିଭାଗ, ଭାରତ ସରକାର), ଏମ.ଏସ.ଏମ.ଇ, ଜେମ୍ ତଥା ନାଲ୍‌କୋର ଅଧିକାରୀମାନେ କମ୍ପାନୀର କ୍ରୟ ସମ୍ବନ୍ଧୀୟ ନୀତି ନିୟମ, ଜେମ କ୍ରୟ ପ୍ରକ୍ରିୟା, ଏମ.ଏସ.ଏମ.ଇ ସମ୍ବନ୍ଧୀୟ ସୂଚନା ଓ ଟି.ଆର.ଇ.ଡି.ଏସ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପରେ ଉପସ୍ଥାପନା ଏବଂ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଅବସରରେ ନାଲ୍‌କୋ ସିଏମ୍‌ଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏଥିସହ ସହ ନାଲ୍‌କୋର ନିର୍ଦ୍ଦେଶକ (ବାଣିଜ୍ୟିକ) ସଦାଶିବ ସାମନ୍ତରାୟ ଏବଂ ନିର୍ଦ୍ଦେଶକ (ଉତ୍ପାଦନ) ପଙ୍କଜ କୁମାର ଶର୍ମାଙ୍କ ସମେତ ସାର୍ବଜନୀନ କ୍ରୟ ବିଭାଗ (ଅର୍ଥ ମନ୍ତ୍ରଣାଳୟ)ର ନିର୍ଦ୍ଦେଶକ ମନୀଷ ଭାଟିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସାର୍ବଜନୀନ କ୍ରୟ ବିଭାଗ, ଏମ.ଏସ.ଏମ.ଇ, ଆର.ଏକ୍ସ.ଆଇ.ଏଲ, ଜେମ୍ ଏବଂ ନାଲ୍‌କୋର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ବିଭିନ୍ନ ନିର୍ଦ୍ଦେଶାବଳୀ ଏବଂ ସୁବିଧା ଉପରେ ସୂଚନା ବିସ୍ତାର ପାଇଁ ଏହିପରି ଏକ ମତାମତ ବିନିମୟ କାର୍ଯ୍ୟକ୍ରମ ଆୟୋଜନ ପାଇଁ ବିକ୍ରେତାମାନେ ନାଲ୍‌କୋର ପଦକ୍ଷେପକୁ ପ୍ରଶଂସା କରିଥିଲେ।




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସୂତ୍ର : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ଦିନ ଗଡୁଛି, ପ୍ରକଳ୍ପ ସରୁନି : ଜଳ ଜୀବନ ମିଶନରେ ଓଡ଼ିଶା ପଛୁଆ

ଭୁବନେଶ୍ୱର,୧୨/୦୨
ନ୍ୟୁଜ ବ୍ୟୁରୋ

ଦିନ ଗଡୁଛି। ପ୍ରକଳ୍ପ କାମ ସରୁନି। ଯେଉଁଠି ପ୍ରକଳ୍ପ ସରିଛି, କିନ୍ତୁ ଜଳ ଯୋଗାଣ ଆରମ୍ଭ ହୋଇନି। ଆଉ କେଉଁଠି କେଇ ମାସ ପାଇପରେ ପାଣି ଆସିଲା। ଏବେ ଆଉ କିନ୍ତୁ ମିଳୁନି ପାଣି। କେଉଁଠି ମୋଟର ପୋଡ଼ିଗଲାଣି। କେଉଁଠି ବିଜୁଳି ବିଲ୍ ଖିଲାପରୁ ସଂଯୋଗ ବିଚ୍ଛିନ୍ନ ହୋଇ ପଡ଼ିଛି। ରାଜ୍ୟରେ ଅଧିକାଂଶ ଜିଲ୍ଲାରେ ପାନୀୟ ଜଳ ପ୍ରକଳ୍ପର ଭାଗ୍ୟ ଏମିତି । ପାଣି ପାଇଁ ଲୋକେ ହେଉଛନ୍ତି ଛଟପଟ। ଜଳ ଜୀବନ ମିଶନରେ କାର୍ଯ୍ୟକାରୀ ହେଉଥିବା ବହୁ ପ୍ରକଳ୍ପ ଘୁଷୁରି ଘୁଷୁରି ଚାଲୁଥିବାରୁ ଗ୍ରାମାଞ୍ଚଳରେ ବାସ କରୁଥିବା ପରିବାରକୁ ପାଇପ୍ ଜଳ ଯୋଗାଣରେ ଓଡ଼ିଶା ପଛରେ ପଡ଼ିଛି । ଏ ସଂପର୍କିତ ରିପୋର୍ଟକୁ ସଂସଦୀୟ ଷ୍ଟାଣ୍ଡିଂ କମିଟି ଉପସ୍ଥାପନ କରିବା ସହ ଉଦ୍‌ବେଗ ପ୍ରକାଶ କରିଛି । ଓଡ଼ିଶା ସହ ୫ ରାଜ୍ୟର ଏଭଳି ମନ୍ଥରତାକୁ ଦେଖି କେନ୍ଦ୍ର ସରକାର ମିଶନର ଅବଧିକୁ ୨୦୨୮ ଯାଏ ବୃଦ୍ଧି କରିଛନ୍ତି । ଉପାନ୍ତ ହେଉ ଅବା ଉପକୂଳ ସାରା ଓଡ଼ିଶାରେ କାର୍ଯ୍ୟକାରୀ ହେଉଥିବା ପାନୀୟ ଜଳ ପ୍ରକଳ୍ପର ଗତି ଅତି ଧିମା। ଜଳ ଜୀବନ ମିଶନରେ ପ୍ରତି ଭାରତୀୟଙ୍କୁ ମୁଣ୍ଡପିଛା ଦୈନିକ ୫୫ ଲିଟର ପାଇପ ପାଣି ଯୋଗାଇବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ୨୦୨୫ ସୁଦ୍ଧା ଗ୍ରାମାଞ୍ଚଳକୁ ପାଇପ ପାଣି ଯୋଗାଇବାକୁ ଲକ୍ଷ୍ୟ ରଖି ରାଜ୍ୟ ସରକାର ୨୦୨୩ରେ ୨୦୭ ପ୍ରକଳ୍ପ ଆରମ୍ଭ କରିଥିଲେ । ଏବେ ୧୭୯ଟି ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣାଧୀନ ରହିଛି । ପ୍ରଥମ ପର୍ଯ୍ୟାୟରେ ୫୬ଟି ପ୍ରକଳ୍ପ ଆସନ୍ତା ମାର୍ଚ୍ଚ ଏବଂ ଡିସେମ୍ବର ସୁଦ୍ଧା ଅନ୍ୟ ୧୪ଟି ପ୍ରକଳ୍ପ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି । ମାତ୍ର ଅଧା ପ୍ରକଳ୍ପର କାମ ଅଧାଅଧି ମଧ୍ୟ ହୋଇନି। ଧାର୍ଯ୍ୟ ଅବଧି ସୁଦ୍ଧା କୌଣସି ପରିସ୍ଥିତିରେ ସମସ୍ତ ମେଗା ପାନୀୟ ଜଳ ପ୍ରକଳ୍ପ କାମ ପୂର୍ଣ୍ଣାଙ୍ଗ ହୋଇପାରିବନି ବୋଲି ଖୋଦ ବିଭାଗର ଜଣେ ବରିଷ୍ଠ ଅଧିକାରୀ ସ୍ୱୀକାର କରିଛନ୍ତି। ଠିକା ସଂସ୍ଥା ନିଜ ଇଚ୍ଛାରେ କାମ କରୁଛନ୍ତି। କେଉଁଠି ପାଇପ ବିଛା କାମ ଅଧାରେ। ଆଉ କେଉଁଠି ଓଭରହେଡ୍ ପାଣିଟାଙ୍କି କାମ ଲଟକିଛି । ସରକାର କିନ୍ତୁ ତାଗିଦ କରୁନାହାନ୍ତି। ବିଶୁଦ୍ଧ ପାଣି ମୁନ୍ଦେ ପାଇବାକୁ ଲୋକମାନେ ଚାତକ ଭଳି ଅପେକ୍ଷା କରିଛନ୍ତି। ଜଳ ଜୀବନ ମିଶନର ପରିସଂଖ୍ୟାନ କହୁଛି, ରାଜ୍ୟର ୪୬ ହଜାର ୫୩୧ ଗାଁରେ ପ୍ରତି ଘରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ କେନ୍ଦ୍ର ସରକାରଙ୍କ ଜଳ ଜୀବନ ମିଶନ ଓ ରାଜ୍ୟ ସରକାରଙ୍କ ଆର୍ଥିକ ସହ-ଭାଗିତାରେ ମେଗା ପ୍ରକଳ୍ପ କାମ ହାତକୁ ନିଆଯାଇଛି। ଗ୍ରାମାଞ୍ଚଳରେ ୮୮ ଲକ୍ଷ ୬୯ ହଜାର ୫୩୬ ପରିବାର ଥିଲା ବେଳେ ୬୭ ଲକ୍ଷ ୭୮ ହଜାର ୧୬୩ (୭୬%) ପରିବାରକୁ ପାଇପ୍ ପାଣି ସଂଯୋଗ ସରିଛି। ୨୧,୭୦୩ ଗାଁରେ ଶତ ପ୍ରତିଶତ ପାଇପ୍ ପାଣି ସଂଯୋଗ ହୋଇଛି। ୨୪,୪୫୯ ଗାଁକୁ ଜଳ ଯୋଗାଣ ପାଇଁ ପ୍ରକଳ୍ପ କାମ ଚାଲୁ ରହିଛି। ୩୬୯ ଗାଁକୁ ଜଳ ଯୋଗାଣ ପାଇଁ ପ୍ରକଳ୍ପ କାମ ଆରମ୍ଭ ହୋଇନି। ଅପେକ୍ଷାକୃତ ପଛୁଆ ଜିଲ୍ଲାରେ ୮୭% ରୁ ୯୯% ପରିବାର ପାଇପ୍ ପାଣି ପାଉଛନ୍ତି। ଏଗୁଡ଼ିକ ହେଲା କେନ୍ଦୁଝର, ନୂଆପଡ଼ା, ଭଦ୍ରକ, ବୌଦ୍ଧ, ଦେବଗଡ଼, ରାୟଗଡ଼ା, ଖୋର୍ଦ୍ଧା, ପୁରୀ, କଟକ, ଯାଜପୁର, ଜଗତସିଂହପୁରରେ ଏହା ୬୨%ରୁ ୭୫% ମଧ୍ୟରେ ରହିଛି। ମାଲକାନଗିରିର ସଫଳତା ସବୁଠୁ କମ୍ ୫୪% ଥିଲା ବେଳେ ତା' ଉପରକୁ ଅଛି ବଲାଙ୍ଗୀର ଜିଲ୍ଲା (୫୭%)। ଠିକାଦାରଙ୍କ ମନମାନି, ଲବଣାକ୍ତ ଜଳ, ପାହାଡ଼ିଆ ଅଞ୍ଚଳ ଓ ଭୌଗୋଳିକ ସ୍ଥିତି ଆଦି ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ବଡ଼ ପ୍ରତିବନ୍ଧକ ସାଜୁଛି। କିଛି ସ୍ଥାନରେ ସୌର ପ୍ରକଳ୍ପ ଦ୍ୱାରା ଜଳ ଯୋଗାଣର ଲକ୍ଷ୍ୟ ରଖି ପ୍ରକଳ୍ପ କାମ ହାତକୁ ନେଇଛନ୍ତି। ଖଣି ଅଞ୍ଚଳରେ ଓମ୍ଫାଡସି ପାଣ୍ଠିରେ ମଧ୍ୟ ପ୍ରକଳ୍ପ କାମ ଚାଲିଛି। ଯେଉଁଭଳି ଘୁଷୁରି ଘୁଷୁରି ପ୍ରକଳ୍ପ କାମ ଚାଲିଛି ଲୋକଙ୍କ ଶୋଷ ମେଣ୍ଟିବାକୁ ଆହୁରି କିଛି ବର୍ଷ ଯେ ଲାଗିବ ତାହା ନିଃସନ୍ଦେହ। ଏହାକୁ ହୃଦୟଙ୍ଗମ କରି ସଂସଦୀୟ ଷ୍ଟାଣ୍ଡିଂ କମିଟି ପଛୁଆ ଥିବା ରାଜ୍ୟକୁ କେନ୍ଦ୍ର ସହଯୋଗ କରିବାକୁ ପରାମର୍ଶ ଦେଇଛି। ରାଜ୍ୟ ସରକାରମାନେ ମଧ୍ୟ ଅଧିକ ନିଷ୍ଠା ଓ ତତ୍ପରତା ଦେଖାଇବା ଉପରେ ଷ୍ଟାଣ୍ଡିଂ କମିଟି ଜୋର୍ ଦେଇଛି।

